# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮= ୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 16/2025 Page 16 ₹ 7.00 | BALASORE

୫୧ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 350 ମୂଲ୍ୟ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ | Bhubaneswar, Sunday, November 16/2025




**ଜାଡ଼େଜାଙ୍କ ପ୍ରଭାବୀ ବୋଲିଂ**
ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡ଼େଜା।
୦୬

୦୨
**ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର**
ଅଭିନେତା ରାଜକୁମାର ରାଓ ଏବଂ ସ୍ତ୍ରୀ ପତ୍ରଲେଖାଙ୍କ ବିବାହ ବାର୍ଷିକୀରେ ସେମାନେ ମାତାପିତା ହୋଇଛନ୍ତି। ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି।





ପାରାଦୀପରେ ତଟ ସୁରକ୍ଷା ବାହିନୀ ପକ୍ଷରୁ ଶନିବାର ସାମୁଦ୍ରିକ ସନ୍ଧାନ ଅଭ୍ୟାସ।

# ଓଡ଼ିଶାର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ ବର୍ଥ

- ଗୋପାଳପୁରରେ ମୁତୟନ ହେବ କୋଷ୍ଟଗାର୍ଡ ଶିପ୍
- ପାରାଦୀପରେ ଶିପ୍ ସଂଖ୍ୟା ବଢ଼ିବ
- ଧାମରା ବନ୍ଦରରେ ରହିବ ଡ୍ରୋନ୍ ୟୁନିଟ୍

ପାରାଦୀପ ୧୫।୧୧
(ଶରତ ରାଉତ)

ସାମ୍ପ୍ରତିକ ଭୂ-ରାଜନୈତିକ ଓ ସାମରିକ ଘଟଣାକ୍ରମକୁ ଦେଖିଲେ ଉପକୂଳ ଅଞ୍ଚଳ ଓ ବନ୍ଦରଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ହୃଦୟଙ୍ଗମ କରାଯାଇ ଓଡ଼ିଶା ସମେତ ପୂର୍ବ ଭାରତର ଉପକୂଳ ନିରାପତ୍ତା ନିମନ୍ତେ କେତେକ ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ତଟ ସୁରକ୍ଷା ବାହିନୀ(କୋଷ୍ଟଗାର୍ଡ) ପକ୍ଷରୁ ଯୋଜନା କରାଯାଇଛି। ତଦନୁଯାୟୀ ଓଡ଼ିଶାର ସବୁ ବନ୍ଦରରେ କୋଷ୍ଟଗାର୍ଡ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ରହିବ। ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟ ଗାର୍ଡ ଶିପ୍। ସେହିପରି ପାରାଦୀପ ବନ୍ଦରରେ କୋଷ୍ଟଗାର୍ଡ ଶିପ୍ ସଂଖ୍ୟା ବଢ଼ାଯିବ। ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ରହିବ। ଏନେଇ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଇକବାଲ ସିଂହ ଚୌହ୍ୱାନ ଶନିବାର ପାରାଦୀପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଓ ସୁରକ୍ଷା ସମ୍ପର୍କରେ କମାଣ୍ଡାଣ୍ଟ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

ପାରାଦୀପରେ କୋଷ୍ଟଗାର୍ଡ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଏବଂ କମାଣ୍ଡର ତଟ ସୁରକ୍ଷା ବାହିନୀ (ଓଡ଼ିଶା) ଦ୍ୱାରା ସମନ୍ୱିତ ଆଞ୍ଚଳିକ ସ୍ତରୀୟ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ସମେତ ସମୁଦ୍ର ଅଭ୍ୟାସ ଶନିବାର କରାଯାଇଥିଲା। ଏଥିରେ ଅଂଶୀଦାର ଏବଂ ଓଡ଼ିଶାର ସମ୍ବଳ ସଂସ୍ଥା ଯଥା ଓସ୍‌ଡମା, ଜିଲା ପ୍ରଶାସନ, ବନ୍ଦର, କଷ୍ଟମ୍ସ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ, ଓଡ଼ିଶା ☞ପୃଷ୍ଠା-୨

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଜାତୀୟ ଉଦ୍ୟାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଶନିବାରଠାରୁ ଆରମ୍ଭ ହୋଇଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍‌ଟିସିଏ)ର ଗାଇଡ୍‌ଲାଇନ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ମହାବଳ ବାଘ ଗଣନା ପରିଚାଳନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ☞ପୃଷ୍ଠା-୨




# ନୌଗାମ୍ ଥାନାରେ ଫୁଟିଲା ଜବତ ବିସ୍ଫୋରକ: ୯ ମୃତ



- ୩୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଫରିଦାବାଦରୁ ମିଳିଥିଲା ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍

ଶ୍ରୀନଗର,୧୫।୧୧(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ନୌଗାମ୍ ଥାନାରେ ଶୁକ୍ରବାର ରାତିରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗତ ୯ ତାରିଖରେ ହରିୟାଣାର ଫରିଦାବାଦରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ହେବା ସହ ସେଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀକୁ ଉକ୍ତ ଥାନାରେ ରଖାଯାଇଥିଲା। ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌ର ଅଧିକାରୀମାନେ ପରୀକ୍ଷା ପାଇଁ ସେଥିରୁ ନମୁନା ବାହାର କରୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ରାସାୟନିକ ସାମଗ୍ରୀଗୁଡ଼ିକର ଅସ୍ଥିର ପ୍ରକୃତି ଯୋଗୁ ବିସ୍ଫୋରଣ ଘଟିଲା ବୋଲି କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ☞ପୃଷ୍ଠା-୨

ଅକ୍ଟୋବର ୧୯ରେ ଜମ୍ମୁ-କଶ୍ମୀର ନୌଗାମ୍‌ସ୍ଥିତ ବନପୋରା ଅଞ୍ଚଳରେ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦେଇ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟର ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସହ ଜଡ଼ିତ ବୋଲି ପୋଲିସ ଦାବି କରିବା ସହ ନୌଗାମ୍ ଥାନାରେ ଏଫ୍‌ଆଇଆର୍ କରିଥିଲା। ନଭେମ୍ବର ୮ରେ ହ୍ୱାଇଟ୍ କୋଲାର ଆତଙ୍କବାଦ ସହ ଜଡ଼ିତ ଡାକ୍ତର ମୁଜାମ୍ମିଲ ଗନାଇଙ୍କ ହରିୟଣା ଫରିଦାବାଦସ୍ଥିତ ବାସଭବନରୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା। ନୌଗାମ୍ ଥାନାରେ ଏନେଇ ପ୍ରଥମ ମାମଲା ରୁଜୁ ହୋଇଥିବାରୁ ଜବତ ବିସ୍ଫୋରକ ସାମଗ୍ରୀକୁ ନଭେମ୍ବର ୧୩ରେ ସେଠାକୁ ନିଆଯାଇଥିଲା। ୧୪ ତାରିଖ ରାତି ୧୧ଟା ୩୦ରେ ଆମୋନିୟମ୍ ନାଇଟ୍ରେଟ୍‌ର ନମୁନା ଯାଞ୍ଚ ପାଇଁ ବାହାର କରାଯାଉଥିବାବେଳେ ହଠାତ୍ ତାହା ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ଏଥିରେ ଥାନା ଓ ଆଖପାଖ ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଛି। ଜଣେ ଇନ୍‌ସ୍ପେକ୍ଟର, ଫୋରେନ୍‌ସିକ୍ ଟିମ୍‌ର ୩ ସଦସ୍ୟ, ୨ କ୍ରାଇମବ୍ରାଞ୍ଚ ଫଟୋଗ୍ରାଫର, ୨ ରାଜସ୍ୱ ଅଧିକାରୀ ଓ ଜଣେ ଟେଲରଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣା ଜବତ ବିସ୍ଫୋରକ ପରିଚାଳନା କ୍ଷେତ୍ରରେ ବିଧିବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅନେକେ ମତ ଦେଇଛନ୍ତି।

# କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ସ୍ୱାସ୍ଥ୍ୟସେବା ପ୍ରହସନ

## ଓପିଡି ସେଣ୍ଟରକୁ ଗଲେ ଧରାଇ ଦିଆଯାଉଛି ଥଣ୍ଡା, ଜ୍ୱର ବଟିକା

ଅନୁଗୋଳ, ୧୫।୧୧ (ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ନାଲ୍‌କୋ କାରଖାନା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ସ୍ୱାସ୍ଥ୍ୟକାର୍ଡ। ଏହି କାର୍ଡଧାରୀଙ୍କ ପାଇଁ ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ରହିଛି ଏକ ବହିର୍ଚ୍ଚିକିତ୍ସା କେନ୍ଦ୍ର ବା ଓପିଡି ସେଣ୍ଟର। ହେଲେ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସ୍ୱାସ୍ଥ୍ୟକାର୍ଡଧାରୀଙ୍କ ମଧ୍ୟରୁ ଅନେକଙ୍କୁ ନିରାଶ ହେବାକୁ ପଡୁଛି। କାରଣ ଏହି ଓପିଡି ସେଣ୍ଟରରେ କେବଳ ଥଣ୍ଡା, କାଶ ଓ ଜ୍ୱର ବ୍ୟତୀତ ଅନ୍ୟ କୌଣସି ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରିକି ସାମାନ୍ୟ ଦୁର୍ଘଟଣାରେ ଆହତଙ୍କ ପାଇଁ ଏଠାରେ ଫାଷ୍ଟଏଡ୍ ସୁବିଧା ନ ଥିବାବେଳେ କୌଣସି ରୋଗରେ ଗୁରୁତର ହୋଇ ଆସୁଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା ନାହିଁ। ତେଣୁ କ୍ଷତିଗ୍ରସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନାମରେ ନାଲ୍‌କୋ କେବଳ ଏକ ପ୍ରହସନ ଚଳାଇଛି ବୋଲି ଓପିଡି ସେଣ୍ଟରକୁ ଆସିଥିବା ଅନେକ ରୋଗୀ ଅଭିଯୋଗ କରୁଛନ୍ତି।

କେତେଜଣ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ବଅଁରପାଳରେ ନାଲ୍‌କୋ କାରଖାନା ପ୍ରତିଷ୍ଠା ☞ପୃଷ୍ଠା-୨

# ରାଜନୀତି, ପରିବାର ଛାଡ଼ିଲେ ଲାଲୁଙ୍କ ଝିଅ

ନୂଆଦିଲ୍ଲୀ/ପାଟନା,୧୫।୧୧

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ଶୋଚନୀୟ ପରାଜୟ ପରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କ ସାନଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ିଦେଇଛନ୍ତି। ଏଥିସହ ପରିବାର ସହ ମଧ୍ୟ ସବୁ ସମ୍ପର୍କ ଛିନ୍ନ କରିଥିବା ରୋହିଣୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଭଉଣୀ ରୋହିଣୀ ବୃତ୍ତିରେ ଜଣେ ଡାକ୍ତର। ସେ ୨୦୨୪ରେ ବିହାରର ସରନ ଲୋକ ସଭା ଆସନରୁ ଆର୍‌ଜେଡି ଟିକେଟରେ ନିର୍ବାଚନ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ☞ପୃଷ୍ଠା-୨


ଲାଲୁ ପ୍ରସାଦ ଯାଦବଙ୍କ ସହ ସାନଝିଅ ରୋହିଣୀ ଆଚାର୍ଯ୍ୟ।

**ଆଜିର ସମ୍ପାଦକୀୟ**
ନୂତନ ଭାରତର ସ୍ଥିତି



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓୟୁଡବ୍ଲ୍ୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍ଯାପନୀ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୫ମ ଲାସ୍ୟ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୭ଟା।

## କଟକ

- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥ୍ଲେଟିକ ମିଟ୍-୨୦୨୫ ଉଦ୍ଯାପନ, ସ୍ଥାନ: ଗୋପବନ୍ଧୁ ଖେଳ ପଡିଆ, ଓଟିଏମ୍ କଲୋନୀ, ସମୟ: ଅପରାହ୍ନ ୩ ଟା।

## ଖୋର୍ଦ୍ଧା

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ସକାଳ ୯ଟା ୧୫।

## ବାଲେଶ୍ୱର

- ଜାତୀୟ ପ୍ରେସ ଦିବସ, ସ୍ଥାନ: ବାହାର୍ଦ୍ଦା ପଞ୍ଚାୟତ ଅଫିସ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ଉଦ୍ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ସେରଗଡ଼, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ରାଷ୍ଟ୍ରୀୟ ଯୁବ ସମ୍ମିଳନୀ, ସ୍ଥାନ: ଏବି କଲେଜ, ବାସୁଦେବପୁର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ପାରାବନ୍ଧ ଉଚ୍ଚ ବିଦ୍ୟାଳୟ ପରିସର, ବନ୍ତ, ସମୟ: ସକାଳ ୯ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଲକି ଇଣ୍ଡିଆ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ ଟା, ସ୍ଥାନ: ବିକାଶ ମହଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ସମୟ : ଅପରାହ୍ଣ ୪ଟା।
- ବ୍ଲକସ୍ତରୀୟ କ୍ରୀଡା , ସ୍ଥାନ: ସଢ଼ା, ହାଟଡ଼ିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ ଟା।
- ପ୍ରେସ ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ : ଅଣା ମଠ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ଅନୁକୂଳ ଚନ୍ଦ୍ର ଠାକୁରଙ୍କ ଭଜନ ଏବଂ ସତ୍ସଙ୍ଗ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ସେବା ସଂଗଠନ ତରଫରୁ ରକ୍ତଦାନ ଶିବିର, ସ୍ଥାନ : ବାରିଗାଁ, ଆନନ୍ଦପୁର, ସମୟ : ସକାଳ ୯ ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ଯୁବ ସମ୍ମିଳନୀ, ସ୍ଥାନ: ପାଟଣା ବ୍ଲକ୍ ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ ଟା ୩୦।

## ମୟୂରଭଞ୍ଜ

- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ', ସ୍ଥାନ: ଶିଶୁ ଉଦ୍ୟାନ, ବାରିପଦା, ସମୟ: ସକାଳ ୮ଟା।
- ଯୁବ ସମ୍ମିଳନୀ, ସ୍ଥାନ: ତକତପୁରସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ଟା।
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ନୂଆସାହି ଫୁଟ୍‌ବଲ୍ ପଡ଼ିଆ, ପୁରୁଣା ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିକ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଉପଜିଲାପାଳଙ୍କ ସଭାଗୃହ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଥିଏଟର ଫେଷ୍ଟିଭାଲର ନାଟକ 'କମଳା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଜଗଦ୍ଧାତ୍ରୀ ମେଳାରେ ମ୍ୟୁଜିକାଲ ନାଇଟ୍ସ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ରାତି ୮ଟା।

## ବ୍ରହ୍ମପୁର

- ବଜରଙ୍ଗ ଦଳ ପକ୍ଷରୁ ଗଣ ଦୌଡ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ବ୍ରହ୍ମପୁର, ସମୟ: ସକାଳ ୮ଟା ୩୦ ।
- ବ୍ରହ୍ମପୁର ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ ଦିବସ ପାଳନ, ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧.୩୦ ।

## ଗଞ୍ଜାମ

- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ତପସ୍ୟାଧାମ, ଓମ୍ ଶାନ୍ତିନଗର, ଆସିକା: ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଖମ୍ବେଶ୍ୱରୀ କଲ୍ୟାଣ ମଣ୍ଡପ, ଆସିକା, ସମୟ: ଅପରାହ୍ନ ୧ ଟା ୩୦।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ଆସିକା, ସମୟ: ଅପରାହ୍ନ ୪ ଟା।

## ଗଜପତି

- ଜିଲାସ୍ତରୀୟ ଯୁବ ରେଡ଼କ୍ରସ ତାଲିମ ଶିବିର ଉଦଯାପନ, ସ୍ଥାନ: ମୋହନା ପିଏମ ଶ୍ରୀ ଏସଏସଡି ହାଇସ୍କୁଲ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଆରଏସ୍ଏସ୍ ପକ୍ଷରୁ ଯୁବା ସମ୍ମିଳନୀ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଂଟର, ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ସଦଭାବନା ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବଟବିହାରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ବଟ ବିହାରୀ ବିଦ୍ୟାପୀଠ ପରିସର, ତରଭା, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଲେଖକ ସଂସଦର ସାମ୍ବତ୍ସରୀକ ମହୋତ୍ସବ, ସ୍ଥାନ: ଶାଣ୍ଡିଲ୍ୟ ବସନ୍ତ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଉଦଯାପନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।
- କପିଳାସ ମହୋତ୍ସବର ଉଦ୍ଯାପନ ସମାରୋହ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ପଞ୍ଚାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ବଅଁରପାଳ ପଞ୍ଚାୟତ ସମିତି ସଭାଘର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ : ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଅନୁଗୋଳ ପ୍ରଶାନ୍ତି ହୋଟେଲ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ସମାରୋହ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସତ୍ୟସାଇ ବହୁମୁଖୀ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ସାଇ ମନ୍ଦିର, ଆଠବାଟିଆ, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୧ଟା, ରାମଚଣ୍ଡୀ ମନ୍ଦିର ପୀଠ, ମହାକାଳପଡା, ସମୟ:ଅପରାହ୍ନ ୩ଟା, ଓରିଏଣ୍ଟାଲ କ୍ଲବ, ମାର୍ଶାଘାଇ, ସମୟ: ଅପରାହ୍ନ ୪ଟା ।

# ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର



**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ପିତା ହୋଇଛନ୍ତି। ସ୍ତ୍ରୀ ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ରାଜକୁମାର ଏବଂ ପତ୍ରଲେଖାଙ୍କ ବିବାହର ଚାରିବର୍ଷ ପୂରଣ ହେଉଥିବା ଦିନ ଏକ କନ୍ୟାସନ୍ତାନର ଆଗମନ ଅଭିନେତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ୪୧ ବର୍ଷ ବୟସରେ ପିତା ହୋଇଥିବା ରାଜକୁମାର ଇନ୍‌ଷ୍ଟାଗ୍ରାମରେ ଏହି ଖୁସି ଖବର ଶେୟାର କରି ଲେଖିଛନ୍ତି, ଆମର ଚତୁର୍ଥ ବିବାହ ବାର୍ଷିକୀରେ ଭଗବାନ୍ ଆମକୁ ସବୁଠାରୁ ବଡ଼ ଆଶୀର୍ବାଦ 'କନ୍ୟାସନ୍ତାନ' ରୂପେ ଦେଇଛନ୍ତି। ପତ୍ରଲେଖାଙ୍କୁ ୧୫ ନଭେମ୍ବର ୨୦୨୧ରେ ବିବାହ କରିଥିଲେ ରାଜକୁମାର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆତଙ୍କ ବେଳେ ଯାଚନ୍ତି କୁକୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫେଡା ।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗୁଲି ଚଳେ, ପଛୁଲି ବୋଲେ,**
**ମଝୁଲି ବନ୍ଧୁ ଦର୍ଶନ କରେ ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ...

ହେବାର ପ୍ରାୟ ୪୪ ବର୍ଷ ବିତିଯାଇଛି। କମ୍ପାନୀ ସ୍ଥାପନ ବେଳେ କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋ ପକ୍ଷରୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ନାଲ୍‌କୋ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତୀତରେ ନାଲ୍‌କୋ ନିଜସ୍ୱ ଡାକ୍ତରଖାନା ଖୋଲି ଚିକିତ୍ସା ଯୋଗାଇ ଦେଉଥିଲା। ଏହାର କିଛି ବର୍ଷ ପରେ ଏଥିପାଇଁ ଏକ ଏନ୍‌ଜିଓକୁ ନାଲ୍‌କୋ ଦାୟିତ୍ୱ ଦେଇଥିଲା। ଉକ୍ତ ଏନ୍‌ଜିଓ ପକ୍ଷରୁ ଜଣେ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ବିଭିନ୍ନ ସମୟରେ ଗାଁ ଗୁଡ଼ିକରେ କ୍ୟାମ୍ପ ପକାଇ କେବଳ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତଙ୍କୁ ଔଷଧ ପ୍ରଦାନ କରୁଥିଲା। ପ୍ରାୟ ୧୦ ବର୍ଷ ହେବ ନାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ବନ୍ଦ ହୋଇଯାଇଥିବା ବେଳେ ନାଲ୍‌କୋ କଲୋନି ପରିସରରେ ଏକ ଓପିଡି ସେଣ୍ଟର ଖୋଲାଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳର ଯେଉଁ ପ୍ରଜା ନାଲ୍‌କୋ ଦ୍ୱାରା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ବା ସ୍ୱାସ୍ଥ୍ୟକାର୍ଡ ହାସଲ କରିଛନ୍ତି, ସେହିମାନେ ଏହି ଓପିଡି ସେଣ୍ଟରରୁ ସ୍ୱାସ୍ଥ୍ୟସେବା ପାଇବାର ବ୍ୟବସ୍ଥା ରହିଛି। ଓପିଡି ସେଣ୍ଟରରେ ମାତ୍ର ୨ରୁ ୩ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏହି ଡାକ୍ତରମାନେ ନିୟମିତ ଓପିଡି ସେଣ୍ଟରକୁ ଆସୁ ନ ଥିବା ବେଳେ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସଂଗୃହୀତ ବଳକା ଔଷଧ ଓ କମ୍ ଦିନର ଅବଧି ଥିବା ଔଷଧ ଦିଆଯାଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଯେକୌଣସି ରୋଗ ହୋଇଥିଲେ ମଧ୍ୟ ସେହି ଥଣ୍ଡା, କାଶ ଓ ଜ୍ୱର ଔଷଧ ଦିଆଯାଉଛି। ବହୁ ରୋଗୀଙ୍କୁ ବାହାରୁ ଔଷଧ କିଣି ନେବାକୁ ମଧ୍ୟ ଚିଠା ଧରାଇ ଦିଆଯାଉଛି। ନାଲ୍‌କୋ ନିଜର କର୍ମଚାରୀଙ୍କ ଉନ୍ନତ ଚିକିତ୍ସା ସୁବିଧା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା, ମାଗଣା ଔଷଧ, ରେଫର ଆଦି ବ୍ୟବସ୍ଥା ସହ ବହୁକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରୁଥିବା କେତେଜଣ ରୋଗୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। କାଣ୍ଡସର ଗ୍ରାମର ଟିକମ ବେହେରା କହିଛନ୍ତି, ଓପିଡି ସେଣ୍ଟରକୁ ଗଲେ ରୋଗୀଙ୍କୁ ମେଡିଶିନ ନାହିଁ, ବାହାରୁ ନେଇଯିବ ବୋଲି କହି ଡାକ୍ତରମାନେ ମୁହଁ ବୁଲାଇ ଦେଉଛନ୍ତି। ଭଲ ବ୍ୟବହାର କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଛୁ। କାଙ୍ଗୁଲାର ବେବି ସେଠ କହିଛନ୍ତି, ସପ୍ତାହେ ହେଲା ଜ୍ୱର ଛାଡୁନି। ନାଲ୍‌କୋ ଓପିଡି ସେଣ୍ଟରକୁ ଯାଇଥିଲି। ଡାକ୍ତର ରକ୍ତ ପରୀକ୍ଷା କଲେ ନାହିଁ। କେବଳ ଜ୍ୱର ଔଷଧ ଲେଖି ବାହାରୁ ନେବାକୁ କହି ବିଦା କରିଦେଲେ। ନାଲ୍‌କୋରୁ ମିଳିଥିବା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ମୂଲ୍ୟହୀନ ବୋଲି ବେବି ପ୍ରକାଶ କରିଛନ୍ତି। ଗୋତମରା ସରପଞ୍ଚ ମଣ୍ଟୁ ବରାହ କହିଛନ୍ତି, ସ୍ୱାସ୍ଥ୍ୟସେବା ତ ଦୂରର କଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପ୍ରତି ନାଲ୍‌କୋ ଆଦୌ ଧ୍ୟାନ ଦେଉନାହିଁ। ଗାଁ ସ୍କୁଲ, ରାସ୍ତା ତିଆରି, ପାନୀୟ ଜଳ, ପରିମଳ, ବିଜୁଳି, ଖେଳପଡ଼ିଆ ଓ ପୁରୁଣା କାର୍ଯ୍ୟ ଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ଦାବି ନେଇ ବହୁବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଛୁ। ହେଲେ ସମାଧାନ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଅଭିଯୋଗ ସମ୍ପର୍କରେ ନାଲ୍‌କୋ ଲୋକସମ୍ପର୍କ ବିଭାଗ ଅଧିକାରୀ କହିଛନ୍ତି, ଆମେ ତାହା ବୁଝୁନାହୁଁ। କର୍ପୋରେଟ କମ୍ୟୁନିକେଶନ ସହ ଯୋଗାଯୋଗ କରନ୍ତୁ।



ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ଥିବା ଓପିଡି ସେଣ୍ଟର।

### ନୌଗାମ୍ ଥାନାରେ...

ମୃତଦେହ ୩୦୦ ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି। ଏହା ଆତଙ୍କବାଦୀ ଆକ୍ରମଣ ବୋଲି ହେଉଥିବା କଳ୍ପନାଜଳ୍ପନାକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳୀନ ପ୍ରଭାତ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପ୍ରଶାନ୍ତ ଲୋଖଣ୍ଡେ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ଥିଲା ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ବିସ୍ଫୋରଣରେ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି(ଏଫ୍ଏସ୍ଏଲ୍) ଟିମ୍‌ର ୩ ଅଧିକାରୀ, ମାଜିଷ୍ଟ୍ରେଟ୍ ଟିମ୍‌ର ୨ ରାଜସ୍ୱ ଅଧିକାରୀ, ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ ଅଫିସର ଏବଂ ଟିମ୍ ସହ ଜଡ଼ିତ ଜଣେ ଦରଜିଙ୍କର ମୃତ୍ୟୁ ଘଟିଛି। ମୃତଦେହଗୁଡ଼ିକୁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ନିଆଯାଇଛି। ଏହା ବ୍ୟତୀତ ୨୭ ଜଣ ପୋଲିସ କର୍ମଚାରୀ, ୨ ରାଜସ୍ୱ ଅଧିକାରୀ ଏବଂ ନିକଟରେ ଥିବା ୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଫରିଦାବାଦରୁ ଗିରଫ ଡା. ମୁଜାମ୍ମିଲ ଗନାଇଙ୍କ ଭଡ଼ାଘରୁ ଆମୋନିୟମ୍ ନାଇଟ୍ରେଟ୍ ସମେତ ୩୬୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଥିଲା। ଏହାକୁ ନୌଗାମ୍ ଥାନାରେ ଗଚ୍ଛିତ ରଖାଯାଇଥିଲା। ବିସ୍ଫୋରଣରେ ଥାନା ବିଲ୍ଡିଂ ଧ୍ୱଂସହେବା ସହ ଥାନା ପରିସରରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆଖପାଖରେ ଥିବା ଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି। ବିସ୍ଫୋରଣର ପ୍ରଭାବ ଅନେକ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ରାତିଅଧିଆ ବିସ୍ଫୋରଣ ପରେ ପୋଲିସ ଉକ୍ତ ଅଞ୍ଚଳକୁ ସିଲ୍ କରିଦେଇଛି। ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଓ ଅନ୍ୟ ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁରେ ଥିବା ଏକ ବୈଠକକୁ ବାତିଲ କରିଦେଇଛନ୍ତି। ସିହ୍ନା ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ମଧ୍ୟଭାଗରେ ବୁନପୋରା ଏବଂ ନୌଗାମ୍‌ରେ ପୋଲିସ ଓ ସୁରକ୍ଷା ବଳ ବିରୋଧରେ ଧମକପୂର୍ଣ୍ଣ ପୋଷ୍ଟର ଲଗାଯିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପ୍ରଥମେ ଅରିଫ୍ ନିସାର ଦର ଓରଫ ସାହିଲ, ୟାସିର ଉଲ୍-ଅଶ୍ରଫ୍ ଏବଂ ମକ୍‌ସୁଦ୍ ଅହମଦ ଦର ଓରଫ ଶହିଦ୍‌ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ମିଳିଥିବା ସୂଚନାକ୍ରମେ ପୋଷ୍ଟର ଯୋଗାଣକାରୀ ମୌଲବୀ ଇର୍‌ଫାନ ଅହମଦ୍‌ଙ୍କୁ ଗିରଫ କରାଯାଇଥିଲା। ଶେଷରେ ତଦନ୍ତର ଚେର ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ବୋଲି ଜଣାପଡ଼ିଥିଲା, ଯେଉଁଠୁ ଡା. ଗନାଇ ଏବଂ ଡା. ଶାହିନ ସୟିଦଙ୍କୁ ଗିରଫ କରାଯିବା ସହ ବିପୁଳ ବିସ୍ଫୋରଣ ଜବତ ହୋଇଥିଲା। ୧୦ ତାରିଖରେ ଏହି ଖବର ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଏକ କାର୍ ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡା. ନବୀ, ଡା. ଗନାଇ ଏବଂ ଫେରାର ଥିବା ମୁଜାଫର ରାଠେର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ଚଳାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ମୁଜାଫରଙ୍କ ଭାଇ ଡା. ଆଦିଲ ରାଠେରଙ୍କ ସମେତ ୮ ଜଣଙ୍କର ଉକ୍ତ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି।

### ରାଜନୀତି, ପରିବାର ...

ହାରିଯାଇଥିଲେ। ରୋହିଣୀ ଶନିବାର 'X'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ସେ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୨୨ରେ ଲାଲୁଙ୍କ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ରୋହିଣୀ ତାଙ୍କୁ ନିଜର ଗୋଟିଏ କିଡ୍‌ନୀ ଦାନ କରିଥିଲେ। ଇତିମଧ୍ୟରେ ବଡ଼ପୁଅ ତେଜପ୍ରତାପ ଯାଦବ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଲାଲୁ ତାଙ୍କୁ ନିର୍ବାଚନ ପୂର୍ବରୁ ପରିବାରରୁ ବିଦା କରିବା ସହ ଆର୍‌ଜେଡିରୁ ୬ ବର୍ଷ ପାଇଁ ନିଲମ୍ବନ କରିଥିଲେ। ତେଜପ୍ରତାପ ଜନଶକ୍ତି ଜନତା ଦଳ ଗଢ଼ି ବିଧାନସଭା ନିର୍ବାଚନ ଲଢ଼ିଥିଲେ। ତାଙ୍କ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ତେଜପ୍ରତାପ ନିଜେ ମଧ୍ୟ ମହୁଆ ଆସନରେ ୩ ନମ୍ବରକୁ ଖସିଯାଇଥିଲେ। ଏବେ ରୋହିଣୀଙ୍କ ଦଳତ୍ୟାଗ ଓ ପରିବାର ସହ ସମ୍ପର୍କ ଛିନ୍ନ ଘଟଣା କେବଳ ଲାଲୁଙ୍କ ପାରିବାରିକ କଳହକୁ ବଢ଼ାଇବ ତାହା ନୁହେଁ, ବରଂ ଆର୍‌ଜେଡି ପାଇଁ ଆହୁରି ବଡ଼ ବିପର୍ଯ୍ୟୟକୁ ଡାକିଆଣିବ ବୋଲି କୁହାଯାଉଛି। ନିର୍ବାଚନରେ ଉଭୟ ତେଜସ୍ୱୀ ଓ ତେଜପ୍ରତାପ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଥିଲେ। ବିହାର ବିଧାନସଭାର ୨୪୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୪୩ଟିରେ ନିର୍ବାଚନ ଲଢ଼ିଥିବା ଆର୍‌ଜେଡି ମାତ୍ର ୨୫ରେ ସୀମିତ ରହିଯାଇଛି। ଏହା ପରେ ଲାଲୁ ପରିବାରରେ ବଡ଼ ବିଭ୍ରାଟ ସୃଷ୍ଟି ହୋଇଥିବାରୁ ରୋହିଣୀ ଏପରି ନିଷ୍ପତ୍ତି ନେଇଥିବା ମନେ କରାଯାଉଛି।

### ଓଡ଼ିଶାର ସବୁ ବନ୍ଦରରେ ...

ପୋଲିସ, ସିଆଇଏସ୍ଏଫ୍, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଏବଂ ଜିଲା ଚିକିତ୍ସା ବିଭାଗ ଆଦି ସାମିଲ ହୋଇଥିଲା। କର୍ମଶାଳାରେ ଟେବୁଲ୍ ଟପ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା। ପାରାଦୀପରେ ସମୁଦ୍ର ଅଭ୍ୟାସବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏଜେନ୍ସିଗୁଡିକ କିଭଳି ବାସ୍ତବ ସମୟରେ ସାମୂହିକ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ଏବଂ ଉଦ୍ଧାର କାର୍ଯ୍ୟ କରିବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଜାହାଜ ମଧ୍ୟରେ ଓଡିଶା କୋଷ୍ଟଗାର୍ଡ ମୁଖ୍ୟ ତଥା ଡିଆଇଜି ସଞ୍ଜୟ ନେଗୀ ସର୍ଚ୍ଚ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ।

### ଶିମିଳିପାଳରେ ବାଘ...

ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ପ୍ରକାଶ ଯେ, ରୟାଲ ବେଙ୍ଗଲ ଟାଇଗର ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନ ବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନ୍‌ଟିସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାଶୀ ଓ ଶାକାହାରୀ ପ୍ରାଣୀଙ୍କ ସାଇନ ସର୍ଭେ ୩ ଦିନ ଧରି ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ(ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପ୍ରଜାତିର ପକ୍ଷୀ ଗଣନା କରାଯିବ। ଏଥିପାଇଁ ୧୦୩ଟି ବିଟ୍ ହାଉସରେ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାୟ-୨ ନଭେମ୍ବର୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହା ମାଧ୍ୟମରେ ମାଂସାଶୀ ପ୍ରାଣୀଙ୍କ ବାସସ୍ଥାନ ଏବଂ ଶାକାହାରୀ ପ୍ରାଣୀଙ୍କ ଘନତ୍ୱକୁ ଗଣନା କରାଯିବ। ସେହିପରି ପର୍ଯ୍ୟାୟ-୧ଶେଷ ହେବା ପରେ ଡିସେମ୍ବରଠାରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କି.ମି. ଗ୍ରୀଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା କରାଯିବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ପୂର୍ବ ଗଣନା ଅନୁଯାୟୀ ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ପାରକରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। ବନ୍ଧୁଙ୍କ ସହାୟତାରେ ଅର୍ଥ, ଜମିଜମା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ**
କର୍ମସ୍ଥାନରେ ରାହୁଙ୍କ ଅବସ୍ଥିତିଜନିତ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ପଡ଼ୋଶୀ ସହଯୋଗରୁ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି।

**ମିଥୁନ**
ମଙ୍ଗଳ ସହ ବୁଧ ଷଷ୍ଠ ସ୍ଥାନରେ ରହିଥିବାରୁ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସାହିତ୍ୟ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**କର୍କଟ**
ଭାଗ୍ୟାଧିପତି ବୃହସ୍ପତି ଆର୍ଥିକ ଉନ୍ନତି କରାଇଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ସବୁ କଥା ଚିନ୍ତା କରି କାମ ନ କଲେ କଳହ ଲାଗିପାରେ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ**
ରାଶିରେ କେତୁ ଅବସ୍ଥାନ କରିଥିବାରୁ ନିଜର ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା**
ଆଜି ବ୍ୟୟଭାର ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସୁଖ, ସମ୍ମାନ ପାଇବା ସାଙ୍ଗକୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। କର୍ମକ୍ଷେତ୍ରରେ କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡିପାରେ ।

**ବିଛା**
ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ରାହୁଙ୍କ ପ୍ରଭାବରେ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
ତୃତୀୟଭାବ ପ୍ରାପଗ୍ରହ ପ୍ରଭାବଗ୍ରସ୍ତ ଯୋଗୁ ନିଜ ଲୋକ ବିରୋଧ କରିପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର**
କର୍ମସ୍ଥାନରେ ରବି ଓ ଶୁକ୍ରଙ୍କ ଅବସ୍ଥିତି କାରଣରୁ କର୍ମାରମ୍ଭ କରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସହଯୋଗରୁ କାର୍ଯ୍ୟସିଦ୍ଧି ହେତୁ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ଦୀର୍ଘକାଳୀନ ନୀରବତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ**
କୋଣଭାବସ୍ଥ ଦେବଗୁରୁଙ୍କ ଶୁଭ ପ୍ରଭାବ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଘଟାଇପାରେ। ପିଲାଙ୍କ ସମସ୍ୟା ସମାଧାନଜନିତ ମନ ଅସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଉପୁଜିପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ରବିବାର, ରାମାନୁଜ ବୈଷ୍ଣବ ସମ୍ମତ ଉତ୍ପନ୍ନା ଏକାଦଶୀ, ରାଶି/ନକ୍ଷତ୍ର- ହସ୍ତା/କନ୍ୟା। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୪୩ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୩ ମଧ୍ୟେ ରାହୁ କାଳ ।




# ଜୟଙ୍କ ନେତୃତ୍ୱରେ ୧ ନମ୍ବର ଜିଲା ହେବ ନୂଆପଡ଼ା: ମୁଖ୍ୟମନ୍ତ୍ରୀ

- ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ଜୟ ଢୋଲକିଆ
- ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ: ମନମୋହନ
- ନୂଆପଡ଼ାର ଜନସାଧାରଣଙ୍କ ବିଜୟ ହୋଇଛି: ଜୟ

ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)



ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ ପରେ ଜୟ ଢୋଲକିଆ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଠା ଖୁଆଉଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ।

ଭାଜପା ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ଭାଜପା ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ଭାଜପା ସରକାର ସେଠାରେ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ୧ ନମ୍ବର ଜିଲା ହେବ। ନୂଆପଡ଼ାକୁ ନବନିର୍ବାଚିତ ବିଧାୟକ ନୂଆ ରୂପ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଜୟ ଢୋଲକିଆ ଶନିବାର ପହଞ୍ଚି ମୁଖ୍ୟମନ୍ତ୍ରୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ତାଙ୍କ ପାଇଁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, ଏବେ ଜୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା ସରକାର ୧୬ ମାସ ଅତିକ୍ରମକରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ୬ ମାସ ପୂର୍ବରୁ ନୂଆପଡ଼ା ଜିଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବାବେଳେ ଭାଜପା ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି ବୋଲି ସେ କହିଛନ୍ତି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ନୂଆପଡ଼ାବାସୀଙ୍କ ଆଶୀର୍ବାଦ କାରଣରୁ ଜୟ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ ବୋଲି ସେ କହିଛନ୍ତି। ଏହି ବିଜୟ ପାଇଁ ଢୋଲକିଆ ନୂଆପଡ଼ାବାସୀଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଛନ୍ତି, ୧୧ ତାରିଖରେ ନୂଆପଡ଼ାବାସୀ ଗଣତନ୍ତ୍ରର ଏହି ମହାପର୍ବକୁ ପାଳନ କରି ପାଖାପାଖି ୮୩% ଭୋଟିଂ କରିଛନ୍ତି। ନୂଆପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ବିଜୟ ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାରର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଯିଏ ନୂଆପଡ଼ା ଜିଲାର ବିକାଶ ଦାୟିତ୍ୱ ନେଇଛନ୍ତି ଏହା ହେଉଛି ତାଙ୍କର ବିଜୟ। ଭାଜପା ଶୀର୍ଷ ନେତୃମଣ୍ଡଳୀ ଯେଉଁଭଳି ଜଣେ ନୂଆ ସଦସ୍ୟଙ୍କୁ ଗୋଟିଏ ପରିବାର ଭଳି ପଥପ୍ରଦର୍ଶନ କଲେ, ଉପନିର୍ବାଚନ ସଞ୍ଚାଳନ କଲେ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନୂଆପଡ଼ାବାସୀ ଲୋକଙ୍କୁ ଏକତ୍ରିତ କରି ଯେଉଁଭଳି ଉପନିର୍ବାଚନ ଶେଷକଲେ ସେଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ହାତୀ ଶାବକର ମୃତଦେହ ଠାବ

ବାରିପଦା,୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାରିପଦା ରେଞ୍ଜ୍ ହଳଦୀବଣୀ ଜଙ୍ଗଲରେ ଠାବ ହୋଇଥିବା ମୃତ ହାତୀ ଶାବକ।

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ତଥା ରେଞ୍ଜ୍ ଅଧୀନ ହଳଦୀବଣୀ ଜଙ୍ଗଲରେ ଏକ ହାତୀ ଶାବକର ମୃତଦେହ ଶନିବାର ଠାବ ହୋଇଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଇ ନମୁନା ସଂଗ୍ରହ କରିଛନ୍ତି। ୧୫ ଦିନ ମଧ୍ୟରେ ୨ଟି ହାତୀ ଶାବକର ଅସ୍ୱାଭାବିକ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ଟିକିଆ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ହାତୀପଲରେ ଥିବା ଏକ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ହାତୀପଲରୁ ଏକ ଶାବକର ମୃତ୍ୟୁ ଘଟିଥିଲା। ଗୋଟିଏ ପରେ ଗୋଟିଏ ହାତୀ ଶାବକଙ୍କ ମୃତ୍ୟୁ ଘଟୁଥିବାରୁ ହାତୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ସହ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ଦାବି କରିଛନ୍ତି। କାରଣ ଖୋଜି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ହାତୀଶୂନ୍ୟ ହୋଇପଡ଼ିବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

# ଜାତି ପାଇଁ ଦିନେ ପଡ଼ିରହିଲା ମୃତଦେହ



ଫାଉଣ୍ଡେସନ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

ଜଳେଶ୍ୱର,୧୫।୧୧(ନବୀନ ସାହୁ)

ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଛୁଆଁଅଛୁଆଁ ମନୋଭାବ। ଜାତିଭେଦ ପାଇଁ ଗୋଟିଏ ଦିନ ମୃତଦେହ ପଡି ରହିଥିଲେ ମଧ୍ୟ ଗ୍ରାମବାସୀ କାନ୍ଧ ଦେଲେନାହିଁ। ଅନ୍ୟପଟେ ପୁଅ ମଧ୍ୟ ମୁଖାଗ୍ନି ଦେବାକୁ ଆସିଲେନି। ଶେଷରେ ଖବରପାଇ ଶନିବାର ସକାଳେ ହେଲ୍ପ ଫର୍ ୟୁ ଫାଉଣ୍ଡେଶନ କର୍ମକର୍ତ୍ତା ପହଞ୍ଚି ମୃତଦେହକୁ କାନ୍ଧ ଦେବା ସହ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଧାନ ସିମୁଳିଆ ଗ୍ରାମରେ।

ଗ୍ରାମର ବିଶ୍ୱନାଥ ଦେହୁରୀ (୬୦) ଜ୍ୱର ଓ କାଶରେ ପୀଡ଼ିତ ହୋଇ ମାସେ ହେବ ବିଛଣାରେ ପଡ଼ି ରହିଥିଲେ।

## ମୁଖାଗ୍ନି ଦେବା ପାଇଁ ଆସିଲେନି ପୁଅ


ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବିଶ୍ୱନାଥଙ୍କ ସ୍ତ୍ରୀ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ କିଛି ଶୁଣିପାରନ୍ତି ନାହିଁ। ତାଙ୍କର ପୁଅ ଥାଇ ବି ନ ଥିଲା ଭଳିଆ। ସେ ବାପାଙ୍କୁ ମୁଖାଗ୍ନି ଦେବା ପାଇଁ ଆସିଲେ ନାହିଁ। ବିଶ୍ୱନାଥ ଅନୁସୂଚିତ ଜାତିର ହୋଇଥିବାରୁ ଏପରିକି ପଡ଼ୋଶୀ ତଥା ଗ୍ରାମବାସୀ ଅନ୍ତିମ ସଂସ୍କାର କରିବାକୁ ମନା କରି ଦେଇଥିଲେ। ହେଲ୍ପ ଫର ୟୁ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଅନ୍ତିମ ସଂସ୍କାର କରି ମହାନତାର ପରିଚୟ ଦେଇଛନ୍ତି।

# ଶିମିଳିପାଳରେ ୩ ଡିଗ୍ରୀ

ବାରିପଦା, ୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବା ବେଳେ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡାରେ ୩ ଡିଗ୍ରୀ, ଚହଲାରେ ୭ ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, ଗୁଡୁଗୁଡିଆରେ ୧୦ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୧୪ଡିଗ୍ରୀ ଓ କିଆଝରୀରେ ୧୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଯାହାକି ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ। ସେହିପରି ବାରିପଦା ସହରରେ ତାପମାତ୍ରା ଦିନକୁ ଦିନ ଖସିବାରେ ଲାଗିଛି। ରାତିରେ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବା ବେଳେ ପ୍ରତିଦିନ ଶୀତ ବଢିବାରେ ଲାଗିଛି। ଏପରିକି ଜିଲାରେ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସନ୍ଧ୍ୟା ହେଲେ ଗାଁଗଣ୍ଡା ଶୂନଶାନ ହୋଇଯାଉଛି।




# ଭଞ୍ଜ ରାଜବଂଶ ପ୍ରତିଷ୍ଠା କରିଥିବା ମନ୍ଦିରରୁ କୋଟିଏ ଟଙ୍କାର ମୂର୍ତ୍ତି ଚୋରି

ଭଞ୍ଜନଗର,୧୫।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନାରାୟଣପାଟଣାସ୍ଥିତ ନାରାୟଣ ସ୍ୱାମୀ ମନ୍ଦିରରୁ ଶୁକ୍ରବାର ରାତିରେ ଏକ ବଡଧରଣର ଚୋରି ହୋଇଛି। ପ୍ରାୟ ୩ଶହ ବର୍ଷ ତଳର ଅଷ୍ଟଧାତୁ ନିର୍ମିତ ୪ଟି ରାଧାକୃଷ୍ଣ ମୂର୍ତ୍ତି, ୨ଟି ନର୍ତ୍ତକୀ ମୂର୍ତ୍ତି ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍‌ଡିପିଓ ଡ. ଦୀପକ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରିରେ ଏକ ବଡଧରଣର ରାକେଟ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରିଥିବା ଜଣାପଡିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଘୁମୁସର ରାଜା ଭଞ୍ଜ ରାଜବଂଶ ପକ୍ଷରୁ ୧୭୬୦ରେ ଘୁମୁସରର ରାଜଧାନୀ କୁଲାଡ ଏବଂ କୁଲାଡକୁ ଲାଗି ଥିବା ନାରାୟଣ ପାଟଣାରେ ଏକାଧିକ ମନ୍ଦିର ନିର୍ମାଣ ହୋଇଥିଲା। ସେଥିମଧ୍ୟରୁ କୁଲାଡ ଜଗନ୍ନାଥ ମନ୍ଦିର ଏବଂ ନାରାୟଣ ମନ୍ଦିର ଅନ୍ୟତମ ଥିଲା। ୧୯୯୩ରେ କୁଲାଡ ଜଗନ୍ନାଥ ମନ୍ଦିରରୁ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଲୁଟ ଅଳଙ୍କାରର କୌଣସି ସନ୍ଧାନ ମିଳୁନାହିଁ। ଏଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ନାରାୟଣସ୍ୱାମୀ ମନ୍ଦିରରୁ ଚୋରି ହୋଇଛି। ଚୋରି ମୂର୍ତ୍ତିଗୁଡ଼ିକ ପ୍ରାୟ ସାଢ଼େ ୪ ଫୁଟରୁ ଅଢେଇ ଫୁଟ ମଧ୍ୟରେ ହେବ। ରାତି ସାଢ଼େ ୮ଟାରେ ନୀତି ଶେଷ ପରେ ପୂଜାରୀ ମନ୍ଦିର ତାଲା ପକାଇ ଯାଇଥିଲେ। ଶନିବାର ସକାଳେ ମନ୍ଦିର ଖୋଲିବାକୁ ଆସିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣିଥିଲେ। ପରେ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରିଥିବା ପୋଲିସ ଚୋରିର କିଛିଟା ସୁରାକ ପାଇଛି। ସପ୍ତାହେ ମଧ୍ୟରେ ଘଟଣାର ରହସ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି।

# ୬ ସ୍ଥାନରେ ଖୋଲିଲା ଇକୋ ରିଟ୍ରିଟ୍

ଦାରିଙ୍ଗବାଡ଼ି/ଚିକିଟି,୧୫।୧୧ (ଅରୁଣ ସାହୁ/ପ୍ରକାଶ ଚନ୍ଦ୍ର ସାହୁ)




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିଡିଓ କନ୍‌ଫରେନ୍ସରେ ଇକୋ ରିଟ୍ରିଟ୍‌ଗୁଡ଼ିକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟରେ ଶନିବାର ୬ଟି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ହେଲା କେନ୍ଦ୍ରାପଡ଼ାର ଭିତରକନିକା, ଅନୁଗୋଳର ସାତକୋଶିଆ, ସମ୍ବଲପୁରର ହୀରାକୁଦ, କନ୍ଧମାଳର ଦାରିଙ୍ଗବାଡ଼ି, ଗଞ୍ଜାମର ସୁନାପୁର ଓ କୋରାପୁଟର ପୁଟସିଲ।

ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ପରିସର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲାପାଳ ବେଦଭୂଷଣ, ଏସ୍‌ପି ହରିଶ ବିଶି, ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଉପଜିଲାପାଳ ଭିକାରି ସାହୁ, ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର, ଡିଏସ୍‌ପି କନକ ମାଝୀ, ଏମ୍‌ପି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ କୁହୁଡୁନୀ ମଲିକ ପରିଚାଳନା କରିଥିଲେ।

ପ୍ରକାଶ ଯେ, ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ଯେ, କୁହୁଡିର ପାହାଡ଼ ସହ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଅଧିକ ପସନ୍ଦ କରିଥାନ୍ତି। ଏହି ଅବସରରେ କନ୍ଧମାଳ ଜିଲାପାଳ ବେଦଭୂଷଣ କହିଲେ, ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ପସନ୍ଦ କରନ୍ତି। ଜିଲାର ଅନ୍ୟ ପର୍ଯ୍ୟଟନକ୍ଷେତ୍ର ମୁକୁଲିଙ୍ଗିଆ, ରାଇକିଆ ମଣ୍ଡାସରୁ ଓ ଫୁଲବାଣୀ, କୋଟଗଡ଼ ଆଦି ଅଞ୍ଚଳରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକଙ୍କୁ ବହୁଳ ପରିଚିତ କରାଇବା ନେଇ କହିଥିଲେ। ସେହିପରି ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକ ଏଠାରେ ରହଣି କଲେ ବ୍ୟବସାୟୀଙ୍କ ରୋଜଗାର ଦ୍ୱିଗୁଣିତ ହୋଇପାରିବ। ଫଳରେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସୂଚନା ଯୋଗ୍ୟ, ଦାରିଙ୍ଗବାଡି ଇକୋ ରିଟ୍ରିଟରେ ମୋଟ ୨୫ଟି ବିଳାସପୂର୍ଣ୍ଣ ସ୍ୱିସ୍ ତମ୍ବୁ ଟଣାଯାଇଛି। ସେଥିରେ ପର୍ଯ୍ୟଟକଙ୍କ ପାଇଁ ଡିଲକ୍ସ ତମ୍ବୁ ୪ ହଜାର ଓ ୫ଟି ପ୍ରିମିୟମ ତମ୍ବୁ ୫ ହଜାର ରହିଛି। ଏଥିରେ ଜିଏସ୍‌ଟି ସଂଯୁକ୍ତ ରହିଛି। ଏହି ତମ୍ବୁ ଭିତରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହ ଗରମପାଣି, କଫି, ସହ ଦେୟମୁକ୍ତ ବ୍ୟବହାରିକ ସାମଗ୍ରୀ ଶାର୍ଟ, କ୍ୟାପ୍, ଫୋଲଡର ପ୍ରଦାନ କରାଯାଉଛି। ସେହିପରି ଦାରିଙ୍ଗବାଡି ଓ ତା'ର ପଡୋଶୀ ବ୍ଲକରେ ରହିଥିବା ପର୍ଯ୍ୟଟନ କ୍ଷେତ୍ର ଉକ୍ତ ଦେୟ ମଧ୍ୟରେ ବୁଲାଇବା ବ୍ୟବସ୍ଥା ରହିଛି।

ସେହିପରି ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଶୁଭାରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ଆସନ୍ତା ବର୍ଷ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବେଳାଭୂମିରେ ଆୟୋଜିତ ଏକ ସଭାରେ ବ୍ରହ୍ମପୁର ଏମ୍‌ପି ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସୁନାପୁରର ଏହି ବେଳାଭୂମିରେ ହୋଇଥିବା ଇକୋ ରିଟ୍ରିଟ୍‌ରୁ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭଲ ରୂପେ ଉପଭୋଗ କରିପାରିବେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୫ଟି ତମ୍ବୁ ଘର ନିର୍ମାଣ କରାଯାଇଛି। ସେଥିରୁ ୨୦ଟି ଡିଲକ୍ସ, ୫ଟି ପ୍ରିମିୟମ ବର୍ଗର ରହିଛି। ଏହା ଶୀତତାପ ନିୟନ୍ତ୍ରିତ କକ୍ଷ ହୋଇଥିବା ବେଳ ରେଷ୍ଟୁରାଣ୍ଟ ଓ ସମ୍ମିଳନୀ କକ୍ଷ ସୁବିଧା ରହିଛି। ଚଳିତ ବର୍ଷ ଭଡା ଯଥାକ୍ରମେ ୪୫୦୦ ଓ ୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଶନିବାର ପ୍ରଥମ ଦିନରେ ୧୩ଟି ରୁମ ବୁକିଂ ହୋଇଥିବା ଜଣାପଡିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଜିଲାପାଳ ଭି.କିର୍ତ୍ତୀ ଭାସନ, ଜିଲା ପର୍ଯ୍ୟଟକ ଅଧିକାରୀ ସାରଥୀ ପାର୍ଥ, ଓଡିଟିସି କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଜେନା, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ବିଡିଓ ବିବେକାନନ୍ଦ ମିଶ୍ରଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ।



ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ -ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି-ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି - ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାପ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। - ଶ୍ରୀଅରବିନ୍ଦ

ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା



# ନୂତନ ଭାରତର ସ୍ଥିତି



## ଆକାର ପଟେଲ

କିଛିବର୍ଷ ପୂର୍ବେ ନୀତି ଆୟୋଗ କହିଥିଲେ, ଭାରତର ର୍ୟାଙ୍କ ସୂଚିତ ହୋଇଥିବା ସମସ୍ତ ଅଣତିରିଶ(ପରବର୍ତ୍ତୀ ସମୟରେ ୩୨ ହୋଇଛି) ବିଶ୍ୱ ସୂଚକାଙ୍କ ପାଇଁ ଗୋଟିଏ ଏକକ, ସୂଚନାପ୍ରଦାନକାରୀ ବୋର୍ଡ ପ୍ରସ୍ତୁତ କରିବେ। ଏହି ନିରୀକ୍ଷଣ କାର୍ଯ୍ୟ କେବଳ ସ୍ଥାନାଙ୍କରେ ଉନ୍ନତି ପାଇଁ ନୁହେଁ ବରଂ ବ୍ୟବସ୍ଥାରେ ଉନ୍ନତି ଓ ସଂସ୍କାର ଦ୍ୱାରା ନିବେଶକୁ ଆକର୍ଷିତ କରିବା ତଥା ବିଶ୍ୱସ୍ତରରେ ଭାରତର ଦୃଷ୍ଟିକୋଣର ବିକାଶ ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହା ଘଟିଲା ନାହିଁ। ମୋର ଏକ ପୁସ୍ତକରେ, ୨୦୧୪ ତୁଳନାରେ ଭାରତର ସ୍ଥିତି ଏବେ କେଉଁଠି ଅଛି ତାହା ତୁଳନା କରିବା ପାଇଁ ମୁଁ ଚାରି ଡଜନରୁ ଅଧିକ ବିଶ୍ୱ ସୂଚକାଙ୍କ ଉପରେ ଅନୁଧ୍ୟାନ କରିଥିଲି। ତେବେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ଅତ୍ୟନ୍ତ ଶିକ୍ଷଣୀୟ। ଆସନ୍ତୁ ସେହି ସୂଚକାଙ୍କଗୁଡ଼ିକୁ ଦେଖିବା। ମାନବ ବିକାଶ ସୂଚକାଙ୍କରେ, ୨୦୧୪ରେ ଭାରତର ସ୍ଥାନ ଥିଲା ୧୩୦ ଏବଂ ଆଜି ତାହା ଅପରିବର୍ତ୍ତିତ ଅଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଅସମାନତା ଭାରତର ମାନବ ବିକାଶ ସୂଚକାଙ୍କକୁ ୩୦.୭% ହ୍ରାସ କରିଛି, ଯାହା ଦେଶର ସବୁଠୁ ବଡ଼ କ୍ଷତି। ଅନ୍ୟପଟେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅସମାନତାରେ ଉନ୍ନତି ଘଟିଥିବାବେଳେ ଆୟ ଏବଂ ଲିଙ୍ଗଗତ ବୈଷମ୍ୟ ଅତ୍ୟଧିକ ରହିଛି। ସିଭିକସ୍ ମନିଟର ଦର୍ଶାଇଛି, ଭାରତର 'ଅବରୋଧିତ' ନାଗରିକ ସୁଯୋଗ ଏବେ 'ଦମିତ' ହୋଇ ରହିଛି। ଏହା ବ୍ୟତୀତ କୁହାଯାଇଛି, ବିଶ୍ୱରେ ମୋଟ ୪୯ଟି ଦେଶ ଏହି 'ଦମିତ' ବର୍ଗରେ ଅଛନ୍ତି। ଏହି ବର୍ଗରେ ଥିବା ଦେଶଗୁଡ଼ିକରେ ନାଗରିକ ସୁଯୋଗକୁ କ୍ଷମତାଧାରୀମାନେ ଅତ୍ୟଧିକ ସୀମିତ କରିଦେଇଥାନ୍ତି।

ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର ଏସିଆ ପାୱାର ଇଣ୍ଡେକ୍ସ ଦୃଢ଼ ଶକ୍ତିର ମୂଲ୍ୟାଙ୍କନ କରିଥାଏ। ଏଥିରେ ଭାରତର ସ୍କୋର ବା ପ୍ରାପ୍ତାଙ୍କ ୪୧.୫ରୁ ୩୯.୧କୁ ଖସି ଆସିଛି, ଫଳରେ ଏହା 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ଫ୍ରିଡମ୍ ହାଉସ୍‌ର ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ବିଶେଷକରି ଆଇନର ଶାସନ, ଶାନ୍ତିପୂର୍ଣ୍ଣ ରାଜନୈତିକ ସହାବସ୍ଥାନ ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟଦକ୍ଷତା, ନାଗରିକ ସ୍ୱାଧୀନତା ଇତ୍ୟାଦିକୁ ଅନୁଧ୍ୟାନ କରିଥାଏ। ୨୦୧୪ରେ ଭାରତ ଏଥିରେ ୭୭ ର୍ୟାଙ୍କ୍‌ରେ ଥିଲା ଓ ଏହାକୁ 'ସ୍ୱାଧୀନ' ଭାବରେ ଚିହ୍ନିତ କରାଯାଇଥିଲା। ୨୦୨୫ରେ ଏହା ୬୩କୁ ଖସି 'ଆଂଶିକ ସ୍ୱାଧୀନ' ବର୍ଗରେ ଅଛି। ଫ୍ରିଡମ୍ ହାଉସ୍ ପ୍ରକାଶ କରିଥିଲା, ଭାରତ ଏକ ବହୁଦଳୀୟ ଗଣତନ୍ତ୍ର ହୋଇଥିଲେ ମଧ୍ୟ ସରକାର ପକ୍ଷପାତପୂର୍ଣ୍ଣ ନୀତି ଏବଂ ମୁସଲିମ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ନିର୍ଯାତନା ବୃଦ୍ଧିକୁ ପ୍ରଶ୍ରୟ ଦେଇଛି। ୱାର୍ଲ୍ଡ ଜଷ୍ଟିସ ପ୍ରୋଜେକ୍ଟ ଆଇନର ଶାସନ ସୂଚକାଙ୍କ ପ୍ରକାଶ କରେ। ଏହା ଦେଶଗୁଡ଼ିକର ଅପରାଧ ଏବଂ ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ସରକାର, ଶୃଙ୍ଖଳା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ବିଶ୍ୱସ୍ତରରେ ୬୬ ସ୍ଥାନରେ ଥିଲା, ଏବେ ଖସି ୮୬ରେ ପହଞ୍ଚିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କର ବିଶ୍ୱ ଖୁସି ରିପୋର୍ଟ ମୋଟ ମୁଣ୍ଡପିଛା ଉତ୍ପାଦ(ଜିଡିପି), ସାମାଜିକ ସମର୍ଥନ, ସୁସ୍ଥ ଜୀବନ ଆଶା, ଜୀବନ ପାଇଁ ପସନ୍ଦ କରିବାର ସ୍ୱାଧୀନତା, ସହାନୁଭୂତି, ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାରର ଅବଧାରଣା ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ଭାରତ ୨୦୧୪ରେ ୧୧୧ସ୍ଥାନରେ ଥିଲା ଏବଂ ଏବେ ୧୧୮କୁ ଖସିଛି। ରିପୋର୍ଟର୍ସ ୱିଦାଉଟ ବର୍ଡରର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତ ୨୦୧୪ରେ ୧୪୦ ସ୍ଥାନରେ ଥିଲା, ଏବେ ୧୫୧କୁ ଖସି ଆସିଛି। ଏହା ପ୍ରକାଶ କରିଛି, ସାମ୍ବାଦିକଙ୍କ ବିରୋଧରେ ହିଂସା, ଅତ୍ୟଧିକ ମାଲିକାନାକୈନ୍ଦ୍ରିକ ଗଣମାଧ୍ୟମ ଏବଂ ରାଜନୈତିକ ବୁଝାମଣା ଯୋଗୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମ ସ୍ୱାଧୀନତା ସଙ୍କଟରେ ଅଛି। କାଟୋ ସଂସ୍ଥାର ମାନବ ସ୍ୱାଧୀନତା ସୂଚକାଙ୍କରେ ଭାରତ ୮୭ (୨୦୧୪ରେ) ସ୍ଥାନରୁ ଏବେ ୧୧୦କୁ ଖସି ଆସିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ, ଭାରତ ୨୦୧୪ରେ ୧୧୪ ସ୍ଥାନରୁ ଖସି ୧୩୧ରେ ପହଞ୍ଚିଛି। ୨୦୨୫ରେ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ହ୍ରାସପାଇଛି। ସେହିପରି, ମନ୍ତ୍ରୀ ଭାବେ ମହିଳାମାନଙ୍କ ଶେୟାର ୬.୫%ରୁ ୫.୬%କୁ ହ୍ରାସ ଘଟିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍ସନ ସୂଚକାଙ୍କ ବିଷୟରେ ପୂର୍ବରୁ ଭାରତର ଗଣମାଧ୍ୟମରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ ପାଉଥିଲା, କିନ୍ତୁ ଏବେ ତାହା ଘଟୁନାହିଁ। ଏଥିରେ ଭାରତ ୮୫ (୨୦୧୪ରେ)ସ୍ଥାନରୁ ଖସିଆସି ୯୬ରେ ରହିଛି।

ହେରିଟେଜ ଫାଉଣ୍ଡେଶନର ଗ୍ଲୋବାଲ ଇକୋନୋମିକ ଫ୍ରିଡମ୍ ଇଣ୍ଡେକ୍ସ ଆଇନର ଶାସନ, ସରକାରୀ ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ବଜାର ସମ୍ପର୍କରେ ଅନୁଧ୍ୟାନ କରେ। ଭାରତ ୨୦୧୪ରେ ୧୨୦ ସ୍ଥାନରେ ଥିଲା ଏବଂ ଏବେ ଏହାର ସ୍ଥାନ ୧୨୮। ବଜାରକୈନ୍ଦ୍ରିକ ସଂସ୍କାରଗୁଡ଼ିକରେ ପ୍ରଗତିରେ ଅସମାନତା ଯୋଗୁ ଏହା ହୋଇଛି। ଏକ ଦକ୍ଷ କାର୍ଯ୍ୟକ୍ଷମ ଆଇନଗତ ଢାଞ୍ଚାର ଅଭାବରେ ଦୀର୍ଘକାଳୀନ ଅର୍ଥନୈତିକ ବିକାଶର ମୂଳଦୁଆ ଦୁର୍ବଳ ରହିଛି। ଉଦ୍ୟୋଗୀମାନେ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଭାରତର ନିୟାମକ ଢାଞ୍ଚା ଏବେ ଅବଦମିତ। ଏହାସହ ବିଶ୍ୱ କ୍ଷୁଧା ସୂଚକାଙ୍କ କ୍ଷୁଧା, ବୟସ ଅନୁଯାୟୀ ଶିଶୁଙ୍କ ଉଚ୍ଚତା କମ୍ ତଥା ଅପପୁଷ୍ଟି ଉପରେ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ୭୬ଟି ଦେଶ ମଧ୍ୟରୁ ୫୫ ସ୍ଥାନରେ ଥିଲା। ଏବେ ୧୨୩ଟି ଦେଶ ମଧ୍ୟରୁ ୧୦୨ତମ ସ୍ଥାନରେ ଅଛି। ରିପୋର୍ଟରେ କୁହାଯାଇଛି, ଭାରତରେ କ୍ଷୁଧା ସ୍ତର ଅତି ଗମ୍ଭୀର। ଯେତେବେଳେ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସିବା ଆରମ୍ଭ କଲା, ସେତେବେଳେ ୨୦୨୧ରେ ସରକାର ସଂସଦରେ କହିଥିଲେ ଯେ, ଭାରତୀୟମାନେ ଭୋକିଲା ରହିବା ସମ୍ଭବ ନୁହେଁ ଏବଂ ଆମେ ଏପରି ରିପୋର୍ଟ ପ୍ରତି ସମ୍ବେଦନଶୀଳ ହେବା ଉଚିତ ନୁହେଁ। ସମୟକ୍ରମେ ଏହି ସୂଚକାଙ୍କଗୁଡ଼ିକରୁ ଆମର ସ୍ଥିତି ସାମ୍ନାକୁ ଆସିଛି। ପ୍ରଥମେ ଆମେ ଧରିନେଇଥିଲୁ ଯେ, ସୁଶାସନ ଏକ ପରିବର୍ତ୍ତନ ଆଣିବ। ତା'ପରେ କହିଲୁ ଏହିସବୁ ସୂଚକାଙ୍କରେ ଖରାପ ତଥ୍ୟ ଅଛି ଏବଂ ଏଗୁଡ଼ିକୁ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ଆମ ପ୍ରତି ପକ୍ଷପାତ ନୀତି ଆପଣାଇଥିଲେ। ପରେ ଖବରଗୁଡ଼ିକୁ ଅଣଦେଖା କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯଦିଓ ତଥ୍ୟ ବାରମ୍ବାର ଆସିଛି ଏବଂ ଏବେ ବି ଆସୁଛି। ହେଲେ ସାଧାରଣ ଗଣମାଧ୍ୟମର ଏଥିପ୍ରତି ଆଗ୍ରହ ରହୁନାହିଁ। ଏଣୁ ଦେଶର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ଏବଂ ନୂତନ ଭାରତ କେଉଁ ଦିଗରେ ଗତି କରୁଛି ତାହା ଜାଣିବା ନାଗରିକ ଉପରେ ଛାଡ଼ି ଦିଆଯାଇଛି।

Email:aakar.patel@gmail.com

## su | do | ku
Puzzles by Srikant Ghosh
# ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | | | 8 | |
| | | 6 | | | 4 | | 3 | |
| | 1 | | | | | | | 6 |
| | | 5 | | 3 | | 1 | 9 | 8 |
| | 8 | 9 | | | | | | |
| | | 4 | | | | 7 | 5 | |
| | 5 | | | | | | | |
| | | 1 | | | 3 | | | |
| 2 | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 4 | 8 | 6 | 9 | 5 | 7 |
| 9 | 8 | 5 | 3 | 2 | 7 | 4 | 6 | 1 |
| 4 | 7 | 6 | 1 | 9 | 5 | 8 | 3 | 2 |
| 2 | 3 | 8 | 5 | 1 | 4 | 6 | 7 | 9 |
| 6 | 5 | 9 | 2 | 7 | 8 | 1 | 4 | 3 |
| 7 | 1 | 4 | 9 | 6 | 3 | 5 | 2 | 8 |
| 8 | 4 | 2 | 7 | 5 | 9 | 3 | 1 | 6 |
| 5 | 6 | 7 | 8 | 3 | 1 | 2 | 9 | 4 |
| 3 | 9 | 1 | 6 | 4 | 2 | 7 | 8 | 5 |

ଗତକାଲିର ଉତ୍ତର

# ବାଜେଲୋକଙ୍କ ଜୟଗାନ

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରଚଣ୍ଡ ଘୃଣା ସହ ଅଜସ୍ର ବିରକ୍ତି ସୂଚକ 'ବାଜେଲୋକ'ର ଏ ଉଚ୍ଚାରଣ ଯେଉଁ ଚରିତ୍ର ପାଇଁ ଅଭିପ୍ରେତ, ତାଙ୍କର ପୁଣି ଜୟଗାନ। ଜଣଙ୍କ ପ୍ରତି ଅତୃପ୍ତି ଓ ଅସନ୍ତୋଷ ସେତିକି ଉତ୍କଟ ନ ହେଲେ ତାଙ୍କୁ 'ବାଜେଲୋକ' କହି ସାଧାରଣତଃ ନାକ ଟେକାଯାଏନା। ତାଙ୍କ ମୁହଁ ଉପରେ ହେଉ ଅବା ପଛରେ, ଯାହାଙ୍କ ପାଇଁ କଥକର ତୂଣୀରର ନିକ୍ଷିପ୍ତ ଏହି ଶାଣିତ ଶବ୍ଦଶର ଉଦ୍ଦିଷ୍ଟ ସେ ଯେ ସବୁବେଳେ ଏହି ଶରାଘାତରେ ଆହତ ହୁଅନ୍ତି। ତାହା ନୁହେଁ, କିଛି ଲୋକଙ୍କ ମୋଟା ଚମଡ଼ା ଭେଦ କରୁ କରୁ ଶରମୁନ ବଙ୍କା ହୋଇଯାଏ ସିନା, ସେମାନେ ସେମାନଙ୍କ ବାଜେ ପଣିଆକୁ ସାଙ୍ଗରେ ଧରି ଆଗେଇ ଚାଲିଥାନ୍ତି। ମାତ୍ର ଆଉ ଏକ ଜାତୀୟ ବାଜେଲୋକଙ୍କୁ 'ବାଜେଲୋକ'ର ଏହି ଶବ୍ଦାଘାତ ଭୀଷଣ ଆହତ କରେ। ବାହାରକୁ ଅନାହତ, ଅବିଚଳିତ ଜଣାପଡୁଥିଲେ ବି ଭିତରେ ଏକ ଅବ୍ୟକ୍ତ ବେଦନାରେ ଦେହମନରେ କମ୍ପନ ସୃଷ୍ଟି ହୁଏ। ପ୍ରଶ୍ନ ଉଙ୍କିମାରେ- ମୁଁ କ'ଣ ସତରେ ବାଜେଲୋକଟାଏ! ମାତ୍ର ପରକ୍ଷଣରେ ସେ ସହଜ ହୋଇଯାଏ। ଆକ୍ଷେପର ଆକ୍ରମଣରେ ଆହତ ହୋଇଥିବା ତା' ବ୍ୟକ୍ତିତ୍ୱ ଦେହରେ ସମର୍ଥନ ଓ ସମ୍ବେଦନର ଚନ୍ଦନ ବୋଳିଦେବାକୁ କେହି ଯେ ଆଗେଇ ଆସିବେ। ଏଥିପାଇଁ ସେ ଅପେକ୍ଷା କରେନାହିଁ। ନିଜ ତଥାକଥିତ ବାଜେପଣିଆକୁ ଅନ୍ତର ମଧ୍ୟରେ ଲାଳିତ କରି ଅପସ୍ୱୀକୃତିର ଏହି ସନ୍ତକ ନାମାଟିକୁ ଗଳାରେ ଝୁଲାଇ ସେ ତା' ନିଜ ରାସ୍ତାରେ ଆଗେଇ ଚାଲେ। ସାମ୍ପ୍ରତିକ ସମୟରେ ସାମାଜିକ ଜୀବନର ବିବର୍ତ୍ତନ ବିଘଟନ ମଧ୍ୟରେ ତଥାପି ନିଜ ବାଜେପଣିଆକୁ ଛାଡ଼ି ପାରୁ ନ ଥିବା କେଇଜଣ ବାଜେଲୋକଙ୍କ କଥା।

ନିକଟରେ ସରିଥିବା ଗଣେଶ ପୂଜା ଉପଲକ୍ଷେ ଚାନ୍ଦା ଆଦାୟ କରିବାକୁ କଲୋନୀସାରା ବୁଲୁଥାନ୍ତି କେଇଜଣ ଯୁବକ। ଆଜିକାଲି ଯେଉଁଠି ଚାନ୍ଦା ଦେଉଥିବା ଦାନକର୍ତ୍ତାଙ୍କ ଭକ୍ତି ଅପେକ୍ଷା ଚାନ୍ଦା ମାଗୁଥିବା ଆଦାୟକାରୀଙ୍କ ଶକ୍ତି ହିଁ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାଏ। ସେଠି ଚାନ୍ଦା ଦେବାକୁ ପଛକରି ଉପଦେଶ ଦେଉଥିବା ଲୋକଙ୍କର ଯେ ଜଞ୍ଜାଳ ବଢ଼ିଯାଏ। ଏହି ସରଳ ସତ୍ୟଟିକୁ ଭୁଲି ଯାଇଥିଲେ କଲୋନୀର ସବୁଠୁ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହୋଦୟ। ଯୁବକସଂଘର ନବଯୁବକଙ୍କୁ ସେ ନିଜର ଛାତ୍ର ଜ୍ଞାନ କରି ଗଣେଶଙ୍କ ଆରାଧନା ସକଳ ପବିତ୍ରତା ମଧ୍ୟରେ ଶୁଦ୍ଧ ଚେତନାର ସହ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏକଥା ବି କହିଥିଲେ ଯେ ପୂଜାମଣ୍ଡପରେ ଉଚ୍ଚଧ୍ୱନି ସୃଷ୍ଟିକାରୀ ଅଶ୍ଳୀଳ ସଙ୍ଗୀତ ବା ଭସାଣିରେ ଉଦଣ୍ଡ ନୃତ୍ୟ ନ କରିବାକୁ ବଚନବଦ୍ଧ ହେଲେ ସେ ସେମାନଙ୍କୁ ଚାନ୍ଦା ଦେବେ। ବାସ୍ ଏତିକି। ତାଙ୍କ ପରି ବାଜେଲୋକଙ୍କଠୁ ଚାନ୍ଦା ନେଇ ସେମାନେ ପୂଜା କରିବେନି ବୋଲି ସ୍ପଷ୍ଟ ଶୁଣାଇ ଦେଇ ଫେରିଯାଇଥିଲେ ଯୁବକମାନେ।

ଆଉ ଜଣେ ବାଜେଲୋକଙ୍କ କଥା। ସେ ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ। ଅନ୍ୟ ଅଫିସରଙ୍କ ପରି ତାଙ୍କ ଟେବୁଲ ଉପରେ ଗଦା ଗଦା ଫାଇଲ ଶ୍ରୀହସ୍ତର ସ୍ୱାକ୍ଷର ପାଇଁ ଅପେକ୍ଷା କରେ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ପାଇଁ ତାଙ୍କର ପରିଚୟ ଥିଲା 'ନିହାତି ତେଢ଼ା ବାଜେଲୋକଟାଏ'! ପ୍ରଶାସନରେ ଯାହା କିଛି ଲୋକକଲ୍ୟାଣ ପାଇଁ ସମର୍ପିତ ତଥା ଆଇନ ଅନୁମୋଦନ ତାହା କରିବାକୁ ତାଙ୍କୁ କହିବାକୁ ପଡ଼େ ନାହିଁ। ମାତ୍ର ଯାହା କିଛି ଅକରଣୀୟ, ବ୍ୟକ୍ତିସ୍ୱାର୍ଥ ସମ୍ବଳିତ ବା ଆଇନର ପରିପନ୍ଥୀ, ତାହା କରିବାକୁ କହିବା ପାଇଁ କେହି କ୍ଷମତା, ପ୍ରଭାବ ବା ପ୍ରତିପତ୍ତିଶାଳୀ ନେତା ବା ଜନତା ସାହସ କରିପାରନ୍ତି ନାହିଁ। ଏଇ ଅଫିସର ଜଣଙ୍କ ପ୍ରତି ସାଧାରଣ ଲୋକଙ୍କ ଅଶେଷ ଶୁଭେଚ୍ଛା ଝରିପଡୁଥିଲା ସିନା ନିଜ ଚାକିରିକାଳ ମଧ୍ୟରେ ସବୁଠୁ ବେଶି ଯାହା ଅର୍ଜନ କରିଥିଲେ ତାହା ଥିଲା ବାଜେଲୋକର ଏକ ସର୍ଭିସ ସାର୍ଟିଫିକେଟ୍।

ଏ ବାଜେଲୋକ ଜଣକ ଜଣେ ଅଧ୍ୟାପକ। ଶ୍ରେଣୀଗୃହରେ ଅଧ୍ୟାପନା କାଳରେ ସେ ବିଦ୍ୟାର୍ଥୀଙ୍କ ପାଇଁ ସାକ୍ଷାତ୍ ବ୍ରହ୍ମା ପାଲଟି ଯାଇଥାନ୍ତି। ଏମିତି ବୋଧେ କେହି ଜଣେ ଛାତ୍ରୀ ବା ଛାତ୍ର ମିଳିବେ ନାହିଁ, ଯିଏ ତାଙ୍କ ଶିକ୍ଷାଦାନରେ ମୁଗ୍ଧ ହୋଇ ନ ଥିବେ। କେବଳ ପାଠପଢ଼ା ନୁହେଁ କଲେଜର ଯେ କୌଣସି ଗଠନମୂଳକ କାର୍ଯ୍ୟରେ ତାଙ୍କ ସକ୍ରିୟତା ପାଇଁ ସେ ତାଙ୍କ ସହକର୍ମୀଙ୍କ ଲାଗି ପାଲଟି ଯାଇଥାନ୍ତି ଈର୍ଷାର ଈଶ୍ୱର। ନିଜ ଛାତ୍ରୀଛାତ୍ରଙ୍କ ମନରେ ଶୁଦ୍ଧ ଚେତନାର ବିକାଶ ନିମନ୍ତେ ସଦାସର୍ବଦା ସମର୍ପିତ ଥାଏ ତାଙ୍କ ଉଚ୍ଚାରଣ ଓ ଆଚରଣ। ଏ ସକଳ ସ୍ୱୀକୃତି ସତ୍ତ୍ୱେ ବେଶ୍ କିଛି ଛାତ୍ର ଓ ଅଧ୍ୟାପକଙ୍କ ପାଇଁ ତାଙ୍କର ପରିଚୟ ହେଉଛି- 'ସେ ଜଣେ ବାଜେଲୋକ'! ତା'ର ଏକମାତ୍ର କାରଣ ହେଉଛି ପରୀକ୍ଷା ମାମଲାରେ ସେ ବେଶ୍ କଠୋର ଓ ସାଲିସବିହୀନ। କୌଣସି ପିଲାଙ୍କୁ କପି କରାଇ ଦିଅନ୍ତି ନାହିଁ କି ପରୀକ୍ଷକ ଭାବେ କୋଡ଼ିଏ ମାର୍କକୁ ତିରିଶ କରନ୍ତି ନାହିଁ।

ଆଉ ଜଣେ ବାଜେଲୋକଙ୍କ କଥା ପ୍ରସଙ୍ଗରେ କୌଣସି ଏକ ରେଳଯାତ୍ରା ସମୟର ଘଟଣା।



ଦୁଇଜଣ ସାଙ୍ଗ ବିନା ଟିକେଟ୍‌ରେ ରେଳଯାତ୍ରା କରୁଥିବା ବେଳେ ଭିନ୍ନ ଭିନ୍ନ ବଗିରେ ଦୁଇଜଣ ଭିନ୍ନ ଭିନ୍ନ ଟିକେଟ ପରୀକ୍ଷକଙ୍କ ହାତରେ ଧରାପଡ଼ିଲେ। ରେଳଯାତ୍ରା ଶେଷରେ ଦୁହେଁ ଯେତେବେଳେ ମିଳିତ ହୋଇ ନିଜ ନିଜର ଦୁର୍ଭାଗ୍ୟ ସମ୍ପର୍କରେ ସ୍ମୃତିଚାରଣ କରୁଥିଲେ, ଜଣେ କହିଲା ପ୍ରଥମେ ଟିଟିଇ ଭଡ଼ା ଓ ଜରିମାନା ବାବଦକୁ ପାଞ୍ଚଶହ ଟଙ୍କା ମାଗୁଥିଲା। ମାତ୍ର ପକେଟ୍‌ରେ ଶହେ ଟଙ୍କା ଗୁଞ୍ଜି ଦେବାରୁ ଚୁପ୍‌ଚାପ ଚାଲିଗଲା। ପ୍ରଥମ ଯୁବକର ଅନୁଭୂତି ପୁଣି ଦ୍ୱିତୀୟ ସାଙ୍ଗ କପାଳରେ ହାତମାରି ନିଜ ଭାଗ୍ୟକୁ ନିନ୍ଦିଲା ଓ କହିଲା - ତୋ ଭାଗ୍ୟ ସଲଖ, ତୁ ଜଣେ ଭଲ ଟିଟିଇ ହାବୁଡ଼ରେ ପଡ଼ିଲୁ। ମୋର ଦୁର୍ଭାଗ୍ୟ, ନିହାତି ବାଜେଲୋକଟା ହାତରେ ପଡ଼ିଗଲି। ଶହେ ଟଙ୍କା କ'ଣ ଦୁଇଶହ, ପୁଣି ଦୁଇଶହରୁ ତିନିଶହ ଯାଚିଲା ପରେ ବି ସେ ରାଜି ହେଲାନି। ଓଲଟି ଧମକ ଦେଲା ପାଞ୍ଚଶହ ଟଙ୍କା ପଇଠ କରି ରସିଦ ନିଅ, ନ ହେଲେ ଲାଞ୍ଚ ଯାଚୁଥିବା ଅଭିଯୋଗରେ ପୋଲିସରେ ଦେଇଦେବି। ପ୍ରଥମେ ବିନା ଟିକେଟ୍ ଯାତ୍ରା ତ ତାହା ସାଙ୍ଗକୁ ଲାଞ୍ଚ ଯାଚିବାର ଅପରାଧ। ଜାଣିଛ ତ ପରିଣାମ କ'ଣ ହେବ। ଛିଃ ଏତେ ବାଜେଲୋକଟା।

ଲକ୍ଷ୍ୟ କରିବାର କଥା, ସହରର ଛକ ରାସ୍ତାରେ ଗାଡ଼ି ଚାଳକମାନଙ୍କୁ ଯାବତୀୟ ବେନିୟମ କାମ କରିବାକୁ ଛାଡି ଦେଇ ବଟି ଆଦାୟ କରି ନିଜ ପକେଟ୍ ଭରୁଥିବା ଟ୍ରାଫିକ୍ ପୋଲିସ ଅତି ଭଲଲୋକର ସାର୍ଟିଫିକେଟ ପାଉଥିବା ବେଳ ବିନା ହେଲ୍‌ମେଟ ବା ସିଟ୍ ବେଲ୍ଟରେ ଗାଡି ଚାଳନା କରୁଥିବା ଅମାନିଆ ଚାଳକଙ୍କୁ ଦଣ୍ଡିତ କରୁଥିବା କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ବାଜେଲୋକର ସମ୍ମାନ ପାଏ। ଜଙ୍ଗଲରୁ ଚୋରାରେ କାଠ କାଟି ଆଣୁଥିବା କେହି ତସ୍କର କୌଣସି ସାଧୁ, କର୍ତ୍ତବ୍ୟପରାୟଣ ବନ ରକ୍ଷକଙ୍କ ପ୍ରତିରୋଧର ସମ୍ମୁଖୀନ ହେଲେ ନିଃଶବ୍ଦରେ ମନ ମଧ୍ୟରେ ଉଚ୍ଚାରିତ ହୁଏ- ନିହାତ ବାଜେ ଲୋକଟା। ଏହାଙ୍କ ପୂର୍ବ ବାବୁ କେତେ ଭଲ ନ ଥିଲେ ! ପାଉଣା ନେଇ ଆଖି ବୁଜି ଦେଉଥିଲେ। ପୁଣି ମାସକୁ କେଇ ହଜାର ଟଙ୍କା ବଟି ନେଇ ନଦୀଗର୍ଭରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଉଠାଇ ନେଉଥିବା ମାଫିଆଙ୍କୁ ନିର୍ବିଘ୍ନରେ ଛାଡି ଦେଉଥିବା ବିଭାଗୀୟ କର୍ମଚାରୀ ଭଲ ଲୋକର ମାନ୍ୟତା ଅର୍ଜନ କରୁଥିବା ବେଳେ ତାକୁ ଦଣ୍ଡିତ କରୁଥିବା କର୍ମଚାରୀଙ୍କୁ କୁହାଯାଏ- 'ବାଜେଲୋକଟା'!

ସାନ୍ତ୍ୱନା ଏତିକି, ସଂଖ୍ୟାରେ ଯେତେ କମ୍ ହେଲେ ବି କପାଳରେ 'ବାଜେଲୋକ'ର ତିଳକ ଆଙ୍କି ଏହି ତଥାକଥିତ ବାଜେଲାକମାନେ ସମାଜ ସଡ଼କରେ ଏକା ଏକା ବାଟ ଚାଲୁଥିଲେ ମଧ୍ୟ ସେମାନଙ୍କୁ ଆପଣାଇ ନେବା ପାଇଁ ଏଠାରେ ଏଯାଏ ବି କିଛି ଲୋକ ଅଛନ୍ତି। ଏମାନଙ୍କ ସଂଖ୍ୟା ସେଇ ବାଜେଲୋକଙ୍କ ସଂଖ୍ୟାଠାରୁ ଆହୁରି ନଗଣ୍ୟ ହୋଇପାରେ। ତଥାପି ଯେତେ ସୀମିତ ହେଲେ ମଧ୍ୟ ଏମାନେ ସେଇ ବାଜେ ଲୋକମାନଙ୍କୁ ଅନ୍ତର ଭିତରେ କୋଳେଇ ନିଅନ୍ତି ଓ ବଡ଼ ଆବେଗରେ ସେମାନଙ୍କ ଜୟଗାନ କରି କୁହନ୍ତି - 'ତୁମର ଏହି ବାଜେ ପଣିଆକୁ ନିଜ ଭିତରେ ବଞ୍ଚାଇ ରଖ ବାବୁ। ତୁମ ପାଇଁ ନ ହେଲେ ବି ସମାଜର ମୂଲ୍ୟବୋଧ ପାଇଁ, ଜଗତର କଲ୍ୟାଣ ପାଇଁ, ଆସନ୍ତାକାଲିର ଉଜ୍ଜ୍ୱଳ ସୂର୍ଯ୍ୟୋଦୟ ପାଇଁ।

-ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ-୮୮୯୫୬୨୪୧୦୫

# 'ଫ୍ଲେଶ୍'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ଡେଭିଡ୍ ସାଲାଏ

ସାହିତ୍ୟ କ୍ଷେତ୍ରରେ ବିଶ୍ୱର ସର୍ବମାନ୍ୟ ନୋବେଲ ପୁରସ୍କାର ପରେ ବୁକର୍ ପ୍ରାଇଜ୍‌ର ମର୍ଯ୍ୟାଦା ରହିଛି। ପ୍ରତିବର୍ଷ ଏହି ସମୟକୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଅନାଇ ବସିଥାଆନ୍ତି ଦେଖିବା ପାଇଁ ସେହି ସେଲିବ୍ରେଟେଡ୍ ରାଇଟର କିଏ ହେବାକୁ ଯାଉଛନ୍ତି। ୨୦୨୫ ପାଇଁ ଭାରତୀୟଙ୍କ ଲାଗି ଆଶା ଉଜ୍ଜ୍ୱଳ କରିଥିବା ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ କାନାଡା ଜନ୍ମିତ ହଙ୍ଗେରୀୟ-ବ୍ରିଟିଶ ଲେଖକ ଡେଭିଡ୍ ସାଲାଏ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ଷଷ୍ଠ ଉପନ୍ୟାସ 'ଫ୍ଲେଶ୍' ଏହି ପୁରସ୍କାର ପାଇଥିବା ବେଳେ ହଙ୍ଗେରୀୟ ବଂଶୋଦ୍ଭବ ପ୍ରଥମ ଲେଖକ ଭାବେ ଡେଭିଡ୍ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ବୁକର୍ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ବଳୟ ବୃଦ୍ଧି ପାଇଛି।

ଡେଭିଡ୍ ଜାନୁଆରୀ ୧୯୭୪ରେ କାନାଡାର ମଣ୍ଟ୍ରିଏଲ୍‌ରେ କାନାଡୀୟ ମାତା ଓ ହଙ୍ଗେରୀୟ ପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ଇହୁଦୀ ପରିବାରରେ ଜନ୍ମିତ ଡେଭିଡ୍‌ଙ୍କ ପରିବାର ବେରୁଟ୍ ଚାଲିଯାଇଥିଲେ। ଲେବାନନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ସେହି ଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏହା ପରେ ସେମାନେ ଲଣ୍ଡନ ଚାଲିଯାଇଥିଲେ। ସେଠାକାର ସସେକ୍ସ ହାଉସ ସ୍କୁଲରେ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ନେଇ ଅଧ୍ୟୟନ କରିଥିଲେ। ସେଠାରୁ ସ୍ନାତକ ହାସଲ କରିବା ପରେ ସେ ଲଣ୍ଡନର କେତେକ ସଙ୍ଗଠନରେ ସେଲ୍ସ କ୍ଷେତ୍ରରେ ଚାକିରି କରିଥିଲେ। ସେହି ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ବେଲଜିୟମ୍‌ର ବ୍ରସେଲ୍ସକୁ ଚାଲିଯାଇଥିଲେ। କିନ୍ତୁ ସେଠାରେ ସେ ବେଶି ସମୟ ରହିପାରିଲେ ନାହିଁ। ଶେଷରେ ଡେଭିଡ୍ ଲେଖକ ହେବାର ଉଚ୍ଚାକାଂକ୍ଷା ନେଇ ହଙ୍ଗେରୀର ପେକ୍ସକୁ ଚାଲିଯାଇଥିଲେ। ସେହିଠାରେ ହିଁ ତାଙ୍କ ସୃଜନଶୀଳତା ଶୀର୍ଷ ଛୁଇଁଥିଲା। ତାଙ୍କ ଉପନ୍ୟାସ 'ଅଲ୍ ଦାଟ ମ୍ୟାନ୍ ଇଜ୍' ଓ 'ଟର୍ବୁଲେନ୍ସ' ପାଠକୀୟ ସ୍ୱୀକୃତି ପାଇଥିଲା। ଏପରିକି ଅଲ୍ ଦାଟ ମ୍ୟାନ୍ ଇଜ୍ ୨୦୧୬ ମ୍ୟାନ ବୁକର୍ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିଲା। ମାତ୍ର ତାହା ୨୦୧୬ ଗୋର୍ଡନ ବର୍ନ ପୁରସ୍କାର ଜିତିଥିଲା।

କେବଳ ଉପନ୍ୟାସ ନୁହେଁ, ଡେଭିଡ୍ ମଧ୍ୟ ବିବିସି ପାଇଁ ଅନେକ ରେଡିଓ ନାଟକ ଲେଖିଛନ୍ତି। ତାଙ୍କର ୨୦୧୮ରେ ସଂକ୍ଷିପ୍ତ କାହାଣୀ ପୁସ୍ତକ 'ଟର୍ବୁଲେନ୍ସ' ବିବିସି ରେଡିଓ-୪ ପାଇଁ ୧୫ ମିନିଟ୍ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇ ବହୁ ଶ୍ରୋତା ସୃଷ୍ଟି କରିଥିଲା। ଟର୍ବୁଲେନ୍ସ ଅନ୍ତର୍ଭୁକ୍ତ ୧୨ଟି କାହାଣୀ ଅନ୍ତର୍ଜାତୀୟ ଉଡ଼ାଣରେ ଲୋକଙ୍କ ହାବଭାବକୁ ଅନୁସରଣ କରିଥିବା ବେଳେ ଏକବିଂଶ ଶତାବ୍ଦୀରେ ପରିବାର ଓ ବନ୍ଧୁତ୍ୱର ବିଶ୍ୱାୟନକୁ ଅନୁସନ୍ଧାନ କରିଥିବା କୁହାଯାଏ। ତେବେ ସେ ତାଙ୍କର ପ୍ରଥମ ଉପନ୍ୟାସ 'ଲଣ୍ଡନ ଆଣ୍ଡ୍ ଦି ସାଉଥ-ଇଷ୍ଟ' ପାଇଁ ବେଟି ଟ୍ରାସ୍କ ପୁରସ୍କାର ସହ ଜେଫ୍ରି ଫାବର୍ ମେମୋରିଆଲ ପୁରସ୍କାର ଜିତିଥିଲେ। ତା'ପରେ ସେ ଇନୋସେଣ୍ଟ (୨୦୦୯), ସ୍ପ୍ରିଙ୍ଗ (୨୦୧୧) ଓ ଫ୍ଲେଶ (୨୦୨୫) ନାମରେ ତିନୋଟି ଉଚ୍ଚକୋଟୀର ଉପନ୍ୟାସ ଲେଖିଛନ୍ତି। କୁହାଯାଇଥାଏ ଏକ ଟ୍ରାନ୍ସଆଟଲାଣ୍ଟିକ୍ ପୃଷ୍ଠଭୂମି ଡେଭିଡ୍‌ଙ୍କ ବ୍ୟକ୍ତିଗତ ଇତିହାସ ବହନ କରୁଥିବା ବେଳେ ତାଙ୍କ କଥାବସ୍ତୁର ବ୍ୟାପ୍ତି ଅନ୍ତରାଷ୍ଟ୍ରୀୟ। ସେ କାନାଡାରେ ଜନ୍ମ ହୋଇ ଲଣ୍ଡନ୍‌ରେ ବଢ଼ିବା ଓ ହଙ୍ଗେରୀରେ ସୃଜନଶୀଳତାକୁ ସ୍ପଷ୍ଟ ଅକାର ଦେବା ପରେ ଏବେ ଭିଏନାରେ ସହଧର୍ମିଣୀଙ୍କ ସହ ରହୁଛନ୍ତି। ଭ୍ରମଣଶୀଳ ଜୀବନ ତାଙ୍କ ସୃଜନ କାର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସମୀକ୍ଷକମାନେ କହିଥାଆନ୍ତି। ତାଙ୍କ ବୁକର୍ ବିଜୟୀ ଉପନ୍ୟାସ 'ଫ୍ଲେଶ' ଜଣେ ହଙ୍ଗେରୀୟଙ୍କ ଜୀବନୀ ଉପରେ ଆଧାରିତ। ଏହା ଏକ ସମ୍ମୋହନକାରୀ ଉପନ୍ୟାସ, ଯେଉଁଥିରେ ନାୟକ ହେଉଛନ୍ତି ଇଷ୍ଟଭାନ୍। ସେ ପରବର୍ତ୍ତୀ ସମୟରେ ଲଣ୍ଡନ ଯାଇ ସେଠାରେ ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି। କାହାଣୀ ହଙ୍ଗେରୀର ସେହି ଲାଜକୁଳା କିଶୋରଠାରୁ ଆରମ୍ଭ ହୁଏ, ଯାହାଙ୍କ ଜୀବନ ଜଣେ ବୟସ୍କ ତଥା ବିବାହିତା ପଡ଼ୋଶୀଙ୍କ ସହ ଏକ ଗୋପନ ସମ୍ପର୍କରେ ପରିବର୍ତ୍ତିତ ହୁଏ। ଏକ ସମ୍ପର୍କ ଯାହା ସେ ବୁଝିପାରୁ ନାହାନ୍ତି, କିନ୍ତୁ ତାହା ତାଙ୍କ ଜୀବନକୁ ଏକ ବିନାଶକାରୀ ପଥ ଆଡ଼କୁ ଠେଲି ହୋଇଯାଉଥିବା ଲେଖକ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଇଷ୍ଟଭାନ୍ ଏକବିଂଶ ଶତାବ୍ଦୀର ଧନ ଓ କ୍ଷମତାର ଜୁଆରରେ ଭାସିଯାଉଛନ୍ତି। ନିଜର ପ୍ରେମ, ଅନ୍ତରଙ୍ଗତା, ସ୍ଥିତି ଓ ସମ୍ପତ୍ତି ପାଇଁ ପ୍ରତିଯୋଗିତାମୂଳକ ଆବେଗଗୁଡ଼ିକ ତାଙ୍କୁ ଅକଳ୍ପନୀୟ ଧନ ଜିତାଏ, ଯଦିଓ ସେଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଉଥିବା ଅନୁଭବ ହୁଏ। ଉଚ୍ଚାକାଂକ୍ଷା ଓ ଅଧଃପତନର ଫେଣ୍ଟାଫେଣ୍ଟି କଥାବସ୍ତୁ ଫ୍ଲେଶକୁ ଭିନ୍ନ ଏକ ପାଠକୀୟ ଆଦୃତି ଦେଇଛି ବୋଲି ସମୀକ୍ଷକମାନେ କହିଥାଆନ୍ତି।

ଡେଭିଡ୍ ତାଙ୍କ ପୁରସ୍କାର ଗ୍ରହଣ ଅବସରରେ କହିଛନ୍ତି, ପୁସ୍ତକଟି ତାଙ୍କ ପାଇଁ ଏକ ବିପଦପୂର୍ଣ୍ଣ ଉଦ୍ୟମ ଭଳି ଅନୁଭବ ହୋଇଥିଲା, ଏଇ ଯେମିତି ଅନ୍ତରଙ୍ଗ ବିଷୟବସ୍ତୁଠାରୁ ଏହାର ସିଧାସଳଖ ଶିରୋନାମା ପର୍ଯ୍ୟନ୍ତ। ରୋଡି ଡୋଇଲଙ୍କ ଅଧ୍ୟକ୍ଷତାରେ ବୁକର୍ ବିଚାରକମଣ୍ଡଳୀ 'ଫ୍ଲେଶ୍'କୁ ଏହାର ପୂର୍ଣ୍ଣ ଏକକତା ପାଇଁ ପ୍ରଶଂସା କରିଥିଲେ। ଡେଭିଡ୍ କହନ୍ତି ଯେ, ସେ ବର୍ଷ ବର୍ଷ ଧରି କାମ କରିଥିବା ଅନ୍ୟ ଏକ ଉପନ୍ୟାସ ପରିତ୍ୟାଗ କରିବା ପରେ ଫ୍ଲେଶ୍ ଲେଖିବା ଆରମ୍ଭ କରିଥିଲେ। କିନ୍ତୁ ଏହା ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ଦେଇଥିବାରୁ ସେ ଆଗକୁ ଆହୁରି ଅଧିକ ଭଲ ଲେଖିବେ ବୋଲି କହିଛନ୍ତି।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସାଧାରଣତଃ ବଗିଚାରେ ଔଷଧୀୟ ଗଛ ଘିକୁଆଁରୀ ରଖାଯାଇଥାଏ। ହେଲେ ଏହାର ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ହୃଷୀକେଶ ଜୟସିଂହ ଧାନେ। ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର ଏହି କୃଷକ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କା ବିଜ୍‌ନେସ କରିବା ସହ ୩୦% ଲାଭ ପାଉଛନ୍ତି। ହୃଷୀକେଶ ୮ ଏକରରେ ଘିକୁଆଁରୀ ଚାଷ କରୁଛନ୍ତି। ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ସେଥିରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶଙ୍କ ଜୀବନ ଯାତ୍ରା ଉତ୍ଥାନପତନ ଦେଇ ଗତି କରିଛି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ। ରୋଜଗାରରେ ଏହା ମଧ୍ୟ ତାଙ୍କୁ ସହଯୋଗ କରିପାରି ନ ଥିଲା। ଫଳରେ ଘିକୁଆଁରୀ ଚାଷ କରିବାକୁ ମନସ୍ଥ କରିଥିଲେ। ୨୦୦୭ରେ ପ୍ରାୟ ୪୦୦୦ ଘିକୁଆଁରୀ ଗଛ ଲଗାଇଥିଲେ। ତାଙ୍କ ଅଞ୍ଚଳରେ ଘିକୁଆଁରୀ ଚାଷୀମାନେ ଫିଙ୍ଗି ଦେଇଥିବା ଗଛଗୁଡ଼ିକୁ ସଂଗ୍ରହ କରିଥିଲେ। ଘିକୁଆଁରୀ ଚାଷ ଓ ସେଥିରୁ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଜାତିସଂଘ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ

ମହାଶୟ,

ବିଶ୍ୱରେ ମାନବଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଦେଶ ଦେଶ ମଧ୍ୟରେ ସଂହତି ସ୍ଥାପନ ଏବଂ ଯୁଦ୍ଧ-ବିଭୀଷିକାର ଦୂରୀକରଣ ନିମିତ୍ତ ବିଶ୍ୱାସର ବାତାବରଣ ପ୍ରତିଷ୍ଠାର ଆବେଗମୟ ଇଚ୍ଛାରୁ ଜନ୍ମଲାଭ କରିଥିବା ମିଳିତ ଜାତିସଂଘ ବର୍ତ୍ତମାନ ପ୍ରାୟ କ୍ଷେତ୍ରରେ କେବଳ ବିକାଶଶୀଳ ରାଷ୍ଟ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇ ତା'ର କାର୍ଯ୍ୟକାରିତାକୁ ସଙ୍କୁଚିତ କରାଯାଉଛି। କେତେକ ବିକାଶଶୀଳ ଦେଶର ରାଷ୍ଟ୍ରନାୟକଙ୍କର ଅନ୍ୟଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାର ମନବୃତ୍ତି ପୃଥିବୀରେ ବହୁ ଖଣ୍ଡଯୁଦ୍ଧର କାରଣ ହୋଇଥିବା ଆଜି ବିଶ୍ୱକୁ କରିଛନ୍ତି ଅଶାନ୍ତମୟ। ଆମେରିକା ଏବଂ ତା' ସହଯୋଗୀ ରାଷ୍ଟ୍ରମାନଙ୍କ ହାତରେ ଜାତିସଂଘ କ୍ରୀଡ଼ନକ ସାଜିଛି। ମନେହେଉଛି, ଯେପରି ଆମେରିକା ହିଁ ଜାତିସଂଘର ଭାଗ୍ୟବିଧାତା ଏବଂ ଆମେରିକାର ନିଷ୍ପତ୍ତି ହିଁ ଜାତିସଂଘରେ ଥିବା ଆର୍ଥିକ ଓ ସାମାଜିକ ସ୍ୱାସ୍ଥ୍ୟ ନ୍ୟାୟ ସୁରକ୍ଷା ପରିଷଦ, ନିରାପତ୍ତା ପରିଷଦ ଓ ଆନ୍ତର୍ଜାତିକ ବିଚାରାଳୟର ନିଷ୍ପତ୍ତି। ବିଶ୍ୱର ବହୁରାଷ୍ଟ୍ରୀୟ ସୈନ୍ୟମାନେ ଇରାକ ଧ୍ୱଂସ କରି ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଅକାରଣେ ଯୁଦ୍ଧାପରାଧରେ ଫାଶୀ ଦେଇପାରିଲେ। ମାତ୍ର ଇସ୍ରାଏଲ ଦ୍ୱାରା ପାଲେଷ୍ଟାଇନରେ ହେଉଥିବା ଗଣହତ୍ୟା ବନ୍ଦ ନିମନ୍ତେ ପଦକ୍ଷେପ ନ ନେବା ଦୁର୍ଭାଗ୍ୟପୂର୍ଣ୍ଣ ନୁହେଁ କି ? ଏହାକୁ କେବଳ ଦୁର୍ଭାଗ୍ୟପୂର୍ଣ୍ଣ ନିନ୍ଦନୀୟ ଘଟଣା ବୋଲି କହି ନୀରବ ରହିବା ଜାତିସଂଘର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତିସଂଘ ମୁଖ୍ୟତଃ କେବଳ ବିକାଶଶୀଳ ସାମରିକ କ୍ଷମତାଶାଳୀ ଦେଶଗୁଡ଼ିକର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି ଭାବି ନିରପେକ୍ଷତା ସହିତ କାର୍ଯ୍ୟ ସମ୍ପାଦନ କରିବା ଉଚିତ।

- ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୌଗାମ୍ ଥାନା ବିସ୍ଫୋରଣ ଘଟଣାର ମୃତକମାନଙ୍କ ପାଇଁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରିୟଜନଙ୍କୁ ହରାଇଥିବା ଶୋକାକୁଳ ପରିବାର ସଦସ୍ୟ।

# ଆତଙ୍କବାଦର ମୂଳପୋଛ ହେବା ଜରୁରୀ: କଶ୍ମୀର ଉପମୁଖ୍ୟମନ୍ତ୍ରୀ

ଶ୍ରୀନଗର,୧୫।୧୧(ପି.ଟି.)

ନୌଗାମ୍ ଥାନାରେ ଆକସ୍ମିକ ବିସ୍ଫୋରଣ ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଥିବାବେଳେ ଏହି ଘଟଣାରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି। ଉପରାଜ୍ୟପାଳ ସିହ୍ନା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଓମାର ମୃତାହତଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିସ୍ଫୋରଣରେ ଆଖପାଖର ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ବିଲ୍ଡିଂଗୁଡ଼ିକର ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଓମାର ଶନିବାର ପ୍ରତିଶ୍ରୁତି ଦେଇଛନ୍ତି। ବିସ୍ଫୋରଣରେ ମୃତକଙ୍କ ପରିବାର ସହ ସରକାର ଛିଡ଼ା ହୋଇଛନ୍ତି ଓ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ।

**କ୍ଷତିଗ୍ରସ୍ତ ଘର ପାଇଁ କ୍ଷତିପୂରଣ ପ୍ରତିଶ୍ରୁତି ଦେଲେ ଓମାର**

ଆହତମାନଙ୍କୁ ଯେପରି ସବୁଠୁ ଭଲ ଚିକିତ୍ସା ମିଳିବ ତାହା ସୁନିଶ୍ଚିତ କରିବା ପାଇଁ ଓମାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୌଗାମ୍ ଥାନା ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ଘଟଣାରେ ଜମ୍ମୁ-କଶ୍ମୀର ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧରୀ ଗଭୀର ଦୁଃଖପ୍ରକାଶ କରିବା ସହ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ମୂଳପୋଛ କରାଯିବା ଜରୁରୀ ବୋଲି କହିଛନ୍ତି। ସବୁ ରାଜନୈତିକ ଦଳ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଛିଡ଼ା ହେବା ଉଚିତ, ଯେପରି ଜମ୍ମୁ-କଶ୍ମୀର ଜନସାଧାରଣ ଶାନ୍ତିପୂର୍ଣ୍ଣ ଜୀବନ ଜିଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍ତି ଏବଂ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ ଏହି ଦୁଃଖଦ ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ମୃତ ଦରଜି ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ

ଶ୍ରୀନଗର,୧୫।୧୧

ନୌଗାମ୍ ଥାନା ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଦରଜି ମହମ୍ମଦ ଶାଫି ପରାୟ ଜଣେ ସଚେତନ ନାଗରିକ ଭାବରେ ତଦନ୍ତକାରୀ ପୋଲିସ ଅଫିସରଙ୍କୁ ବିସ୍ଫୋରକ ନମୁନା ସଂଗ୍ରହରେ ସହାୟତା କରିବା ପାଇଁ ଶୁକ୍ରବାର ସକାଳେ ଘରୁ ବାହାରି ଯାଇଥିଲେ। ୪୭ ବର୍ଷୀୟ ପରାୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ତାଙ୍କର ସ୍ତ୍ରୀ ଓ ୩ ପିଲା ରହିଛନ୍ତି। ପରାୟ ପୂର୍ବରୁ ମଧ୍ୟ ଅନେକ ଥର ପୋଲିସକୁ ତଦନ୍ତରେ ସହାୟତା କରିଥିଲେ। ଶୁକ୍ରବାର ସକାଳେ ସେ ଥାନାରେ ତଦନ୍ତକାରୀ ଟିମ୍ ସହ ସାମିଲ ହୋଇ ସେଠାରେ ରହିଥିଲେ। ଘରକୁ ଯାଇ ରାତ୍ରିଭୋଜନ ପରେ ଶୀତବସ୍ତ୍ର ଧରି ପୁନର୍ବାର ଥାନାକୁ ଆସିଥିଲେ। ଫରିଦାବାଦରୁ ଜବତ ବିସ୍ଫୋରକ ସାମଗ୍ରୀରୁ ନମୁନା ସଂଗ୍ରହରେ ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌କୁ ପରାୟ ସହାୟତା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା।

# ଆର୍.କେ. ସିଂଙ୍କ ସମେତ ୩ ଭାଜପାରୁ ନିଲମ୍ବିତ

## ଦଳବିରୋଧୀ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ



ରାଜକୁମାର ସିଂ



ଅଶୋକ କୁମାର ଅଗ୍ରୱାଲ



ଉଷା ଅଗ୍ରୱାଲ

ପାଟନା,୧୫।୧୧

ବିହାରରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିରୋଧରେ ବିସ୍ଫୋରକ ବୟାନ ଦେଇଆସୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର ସିଂଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ତାଙ୍କୁ କାହିଁକି ଦଳରୁ ବହିଷ୍କାର କରା ନ ଯିବ ଏହାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ ତାଙ୍କୁ କୁହାଯାଇଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସିଂଙ୍କୁ ନିଲମ୍ବନ କରାଯିବାର କିଛି ସମୟ ପରେ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେହିପରି ବିଧାନ ପରିଷଦ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ଏବଂ ତାଙ୍କ ସ୍ତ୍ରୀ ତଥା କଟିହାର ମେୟର ଉଷା ଅଗ୍ରୱାଲଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଛି। ସେମାନଙ୍କ ପୁଅ କଟିହାର ବିଧାନସଭା ଆସନରୁ ବିକାଶଶୀଳ ଇନ୍‌ସାନ୍ ପାର୍ଟି ଟିକେଟରେ ଭାଜପା ବିଧାୟକ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦଙ୍କ ବିରୋଧରେ ଲଢୁଥିବାବେଳେ ଅଗ୍ରୱାଲ ଦମ୍ପତି ତାଙ୍କ ପାଇଁ ପ୍ରଚାର କରୁଥିଲେ।

ସୂଚନାଯୋଗ୍ୟ, ରାଜକୁମାର ସିଂ ସ୍ୱରାଷ୍ଟ୍ର ସଚିବ ପଦରୁ ଅବସର ନେବା ପରେ ୨୦୧୪ରେ ଭାଜପାରେ ଯୋଗଦେଇଥିଲେ। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ଭଳି ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା ଥିଲେ। ତେବେ ଗତ ଲୋକ ସଭା ନିର୍ବାଚନରେ ସେ ତାଙ୍କ ପୂର୍ବର ଆରା ଆସନକୁ ବଜାୟ ରଖିବାରେ ବିଫଳ ହୋଇଥିଲେ। ଭାଗଲପୁରରେ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଆଦାନୀ ଗ୍ରୁପ୍ ସହ ରାଜ୍ୟ ସରକାରଙ୍କୁ ଚୁକ୍ତି ସ୍ୱାକ୍ଷରରେ ସିଂଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

# ଉତ୍ଥାନ ପତନ ଅବଶ୍ୟମ୍ଭାବୀ

ପାଟନା,୧୫।୧୧

**ବିହାର ପରାଜୟ ପରେ ଆର୍‌ଜେଡିର ପ୍ରଥମ ପ୍ରତିକ୍ରିୟା**


ବିହାର ବିଧାନସଭା ନିର୍ବାଚନରେ ଆର୍‌ଜେଡି ପରାଜିତ ହେବା ପରେ ଉତ୍ଥାନ, ପତନ ଅବଶ୍ୟମ୍ଭାବୀ ବୋଲି ଦଳ ପ୍ରଥମ ପ୍ରତିକ୍ରିୟାରେ କହିଛି। ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ଲକ୍ଷ୍ୟ ରଖିଥିବା ଆର୍‌ଜେଡିକୁ ନିର୍ବାଚନ ଫଳାଫଳ ବଡ଼ ଝଟକା ଦେଇଛି। ଶାସକ ଏନ୍‌ଡିଏ ୨୦୨ ଆସନରେ ଜିତି ଐତିହାସିକ ସଫଳତା ହାସଲ କରିଥିବାବେଳେ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟକୁ ୩୫ ଆସନରେ ସୀମିତ ରହିବାକୁ ପଡ଼ିଛି। ପରାଜୟ ସତ୍ତ୍ୱେ ଆର୍‌ଜେଡି ନିରାଶ ନୁହେଁ ବୋଲି ଦଳର X ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଫଳାଫଳ ସାଧାରଣ ଜୀବନରେ ସ୍ୱାଭାବିକ ଉତ୍ଥାନ ପତନର ଏକ ଅଂଶ। ଜନସେବା ଏକ ନିରନ୍ତର ପ୍ରକ୍ରିୟା ଏବଂ ଅନ୍ତହୀନ ଯାତ୍ରା। ତେଣୁ ପରାଜୟରେ ହତାଶ ହେବାର କାରଣ ନାହିଁ। ଆର୍‌ଜେଡି ଗରିବମାନଙ୍କ ଦଳ ଏବଂ ସେମାନଙ୍କ ଉତ୍ଥାନ ପାଇଁ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଉକ୍ତ ବାର୍ତ୍ତାରେ କୁହାଯାଇଛି।

୨୦୨୦ ନିର୍ବାଚନରେ ଆର୍‌ଜେଡି ୭୫ ଆସନ ଜିତିଥିବାବେଳେ ଏଥର ୨୫ ଆସନରେ ସୀମିତ ରହିଛି। ୨୦୨୦ ପରେ ଏହା ଦଳର ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିଲା ଓ କ୍ଷମତାକୁ ଫେରିବା ଲାଗି ଆଶାବାଦୀ ଥିଲା।

# ଖାର୍ଗେଙ୍କୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୧୫।୧୧

ବିହାର ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଦଳର ନେତା ରାହୁଲ ଗାନ୍ଧୀ ଶନିବାର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟିଛନ୍ତି। ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏଆଇସିସି ମୁଖ୍ୟାଳୟରେ ରାହୁଲ ଦଳର ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଦଳର କୋଷାଧ୍ୟକ୍ଷ ଅଜୟ ମାକେନ ଏବଂ ବିହାର ଦାୟିତ୍ୱରେ ଥିବା କ୍ରିଷ୍ଣା ଅଲ୍ଲାଭରୁ ଉପସ୍ଥିତ ଥିଲେ। ବିହାର ନିର୍ବାଚନରେ କଂଗ୍ରେସ ୬୧ ଆସନରେ ଲଢ଼ିଥିବାବେଳେ ମାତ୍ର ୬ଟିରେ ବିଜୟୀ ହୋଇଛି। ୨୦୧୦ ପରେ ଏହା ଦଳର ସବୁଠୁ ଖରାପ ପ୍ରଦର୍ଶନ।



ରାହୁଲ ଗାନ୍ଧୀ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଆଲୋଚନା କରୁଛନ୍ତି।

ବିହାର ନିର୍ବାଚନ ଫଳାଫଳ ବିସ୍ମୟକର ଏବଂ ନିର୍ବାଚନ ଆରମ୍ଭରୁ ହିଁ ସ୍ୱଚ୍ଛ ନ ଥିଲା ବୋଲି ରାହୁଲ ଶୁକ୍ରବାର କହିଥିଲେ।

# ଖାଦ୍ୟସାମଗ୍ରୀ ଶୁଳ୍କ ହଟାଇଲେ ଟ୍ରମ୍ପ୍

ୱାଶିଂଟନ,୧୫।୧୧

ଆମେରିକାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଜନ ଅସନ୍ତୋଷ ବଢ଼ିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର କଫି, ଗୋମାଂସ, କଦଳୀ ଓ କମଳା ଜୁସ୍ ସମେତ ୨୦୦ରୁ ଊର୍ଦ୍ଧ୍ୱ ଖାଦ୍ୟସାମଗ୍ରୀ ଉପରୁ ଶୁଳ୍କ ଛାଡ଼ କରିଛନ୍ତି। ଟ୍ରମ୍ପ୍ ବିଦେଶରୁ ଆମଦାନୀ ସାମଗ୍ରୀ ଉପରେ ଟାରିଫ୍ ବଢ଼ାଇବା ଫଳରେ ସ୍ଥାନୀୟ ବଜାରରେ ଦରଦାମ୍ ବୃଦ୍ଧି ପାଇଥିଲା। ତେବେ ଆମଦାନୀ ଶୁଳ୍କ ବୃଦ୍ଧି ମୁଦ୍ରାସ୍ଫୀତିକୁ ପ୍ରଭାବିତ କରୁ ନ ଥିବା ଟ୍ରମ୍ପ୍ ପୂର୍ବରୁ କହିଥିଲେ। ଭର୍ଜିନିଆ, ନ୍ୟୁଜର୍ସି ଏବଂ ନ୍ୟୁୟର୍କ ସିଟିରେ ରାଜ୍ୟ ଓ ସ୍ଥାନୀୟ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ବିଜୟ ହୋଇଥିଲା। ସେଠାରେ ଭୋଟରଙ୍କ ମଧ୍ୟରେ ମୁଦ୍ରାସ୍ଫୀତିକୁ ନେଇ ଅସନ୍ତୋଷର ତୀବ୍ର ପ୍ରତିଫଳନ ଦେଖିବାକୁ ମିଳିଥିଲା, ଯାହାକି ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ଥିଲା।

# ଜାତୀୟ ପ୍ରେସ୍ ଦିବସ



## ଭ୍ରମାତ୍ମକ ଖବର ଓ ଗଣମାଧ୍ୟମର ବିଶ୍ୱସନୀୟତା

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ସଦା ଦେଶ ଓ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ସତ୍ୟର ସନ୍ଧାନ, ନିରପେକ୍ଷ ଖବର ପ୍ରସାରଣ ଓ ଜନମତ ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ। ଆଜିର ଯୁଗ ହେଉଛି ତଥ୍ୟ ବିସ୍ଫୋରଣର ଯୁଗ। କିନ୍ତୁ ତଥ୍ୟ ଓ ପ୍ରଯୁକ୍ତି ଯୁଗରେ ଆଜିର ଗଣମାଧ୍ୟମ ଯେଉଁ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି, ତାହା ହେଲା ଭ୍ରମାତ୍ମକ ଖବର ବା ଫେକ୍ ନ୍ୟୁଜ୍‌ର ବିପଜ୍ଜନକ ପ୍ରସାର। ସାମାଜିକ ଗଣମାଧ୍ୟମ ଆସିବା ପରେ ଏହା ଆହୁରି ବିସ୍ତାରିତ ହୋଇଛି ସତ, କିନ୍ତୁ ତା' ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ ସତ୍ୟତାର ଯାଞ୍ଚ ଅନେକ ସମୟ ଉପେକ୍ଷିତ ହୋଇପଡୁଛି।

ସୋସିଆଲ ମିଡିଆ ଓ ଡିଜିଟାଲ୍ ମାଧ୍ୟମର ପ୍ରଭାବରେ ସତ୍ୟ ଓ ମିଥ୍ୟାକୁ ପରଖିବା କେତେ ଅସୁବିଧାଜନକ ତାହା ଆମେ ସମସ୍ତେ ଉପଲବ୍ଧି କରିଛନ୍ତି। ସତ୍ୟ ଓ ଭ୍ରମ ମିଶିଗଲା ପରେ ସାଧାରଣ ଜନତା ଏବେ ଅନେକ ଖବର ପ୍ରତି ସନ୍ଦେହୀ। ସତ ବୋଲି ଆମେ ଯାହାକୁ ପୂର୍ବରୁ ଭାବୁଥିଲୁ, ଏବେ ତାହା ମିଛ ବୋଲି ଜାଣିବାକୁ ପାଉଛୁ। ଏହି ପରିପ୍ରେକ୍ଷୀରେ ଭ୍ରମାତ୍ମକ ଖବର ହେଉଛି ଏକ ଚିନ୍ତାର ବିଷୟ। ପ୍ରତିଦିନ ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଗୋଟିଏ ଖବର ଉପରେ ଭିନ୍ନ ଭିନ୍ନ ତଥ୍ୟ ବା ସୂଚନା ମିଳିଥାଏ। ତା' ମଧ୍ୟରୁ କେଉଁଟା ଠିକ୍ ଆଉ କେଉଁଟି ଭୁଲ୍ ତାହା ପାଠକ ବା ଦର୍ଶକଙ୍କୁ ଦ୍ୱନ୍ଦ୍ୱରେ ପକାଏ। ବ୍ରେକିଂ ନ୍ୟୁଜ୍ ଆଜି ସଞ୍ଚାର ଜଗତର ନୂଆ ମନ୍ତ୍ର ହୋଇ ଯାଇଛି। ତ୍ୱରିତ ଖବର ଦେବାର ମୋହ ଏତେ ବଢ଼ିଛି ଯେ, ତଥ୍ୟର ସତ୍ୟତା ଯାଞ୍ଚ ଅନେକ ସମୟେ ଅବହେଳିତ ହେଉଛି। ଫଳରେ ଭ୍ରମାତ୍ମକ ଖବର ଲୋକମାନଙ୍କ ମନୋଭାବ ଓ ବିଶ୍ୱାସକୁ ହାନି ପହଞ୍ଚାଉଛି। ଭ୍ରମାତ୍ମକ ଖବର ମାତ୍ର ଏକ ତ୍ରୁଟିଯୁକ୍ତ ତଥ୍ୟ ନୁହେଁ ବରଂ ଏହା ଏକ ଅସତ୍ୟ ପ୍ରଚାର, ଯାହା ସମାଜକୁ ବିଭକ୍ତ କରୁଛି, ଘୃଣା ସୃଷ୍ଟି କରୁଛି ଓ ଜନମତକୁ ବିପର୍ଯ୍ୟସ୍ତ କରୁଛି। ଫଳରେ ଗଣମାଧ୍ୟମ ପ୍ରତି ଲୋକଙ୍କ ଆସ୍ଥା ହ୍ରାସ ପାଉଛି ଓ ଚତୁର୍ଥ ସ୍ତମ୍ଭ ପରିଭାଷା ଦୁର୍ବଳ ହେଲା ପରି ଲାଗୁଛି।



ଆଜି ଭ୍ରମାତ୍ମକ ଶବ୍ଦ ନିଜେ ଅସ୍ତ୍ର ପାଲଟି ଯାଇଛି। ଆଜି ଆମକୁ ବ୍ରେକିଂ ନ୍ୟୁଜ୍‌ର ଶବ୍ଦ ଅତିରଞ୍ଜିତ ଲାଗୁଛି। ଯେଉଁ ଖବର ରାଜନୀତିଜ୍ଞ ବା ଅଧିକାରୀଙ୍କ ପାଇଁ ଅସୁବିଧାଜନକ, ତାହାକୁ ଫେକ୍ ବା ଅସତ୍ୟ ବୋଲି ଅଭିହିତ କରାଯାଉଛି। ଏହା ଗଣମାଧ୍ୟମର ନିରପେକ୍ଷତାକୁ ଆହୁରି ଆଘାତ ଦେଉଛି। ଭ୍ରମାତ୍ମକ ଖବର ଲୋକତନ୍ତ୍ରର ମୂଳ ଧାରାକୁ ବିକୃତ କରୁଛି। ନିର୍ବାଚନ ସମୟରେ ମନଗଢ଼ା ତଥ୍ୟ ଜନମତକୁ ପ୍ରଭାବିତ କରୁଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭ୍ରମାତ୍ମକ ସୂଚନା ଲୋକମାନଙ୍କୁ ଭୁଲ୍ ଚିକିତ୍ସା ଅନୁସରଣ କରିବାକୁ ପ୍ରେରିତ କରୁଛି। ବ୍ୟବସାୟ ଓ ଆର୍ଥିକ କ୍ଷେତ୍ରରେ ଏହି ଭ୍ରମାତ୍ମକ ଖବର ଅର୍ଥ ଓ ପ୍ରତିଷ୍ଠାନ ଉଭୟର କ୍ଷତି କରୁଛି। କେତେକ ସ୍ଥଳେ ଭୁଲ୍ ଖବର ବା ଗୁଜବ ମାନବୀୟ ହିଂସା ଓ ଦଙ୍ଗା ସୃଷ୍ଟି କରି ଜନମାନସରେ କ୍ଷତି ପହଞ୍ଚାଉଛି। ଫଳସ୍ୱରୂପ, ଲୋକମାନଙ୍କ ମନରେ ଗଣମାଧ୍ୟମ ପ୍ରତି ଆସ୍ଥା ହ୍ରାସ ପାଉଛି।

ଏଥିପାଇଁ ଆଜିର ସମୟରେ ପ୍ରଧାନ ଦାୟିତ୍ୱ ହେଉଛି ଗଣମାଧ୍ୟମର ବିଶ୍ୱସନୀୟତାକୁ ସଂରକ୍ଷିତ କରିବା। ପ୍ରତ୍ୟେକ ସମାଚାର ପ୍ରସ୍ତୁତି ପୂର୍ବରୁ ଏହାର ଉତ୍ସ ଠିକ୍ କି ନୁହେଁ ତାହାର ତଥ୍ୟ ଯାଞ୍ଚ ନିହାତି ଆବଶ୍ୟକ। ତଥ୍ୟ ଯାଞ୍ଚ ମାନେ ହେଉଛି ଖବର ପ୍ରକାଶନ ଅବା ପ୍ରସାରଣ ପୂର୍ବରୁ ସତ୍ୟ କି ମିଥ୍ୟା ତାହା ପରଖିବା ପ୍ରକ୍ରିୟା। ଯେଉଁଥିରେ ଗଣମାଧ୍ୟମ କିମ୍ବା ସମ୍ପାଦନା ମଣ୍ଡଳୀ ତଥ୍ୟଗୁଡ଼ିକୁ କେଉଁ ନିଶ୍ଚିତ ଉତ୍ସରୁ ଆସିଛି ତାହା ସମୀକ୍ଷା କରନ୍ତି। ବ୍ରେକିଂ ନ୍ୟୁଜ୍ ପରିବର୍ତ୍ତେ ଆମର ଆବଶ୍ୟକ ରହିଛି ଭେରିଫାଏଡ୍ ନ୍ୟୁଜ୍‌ର ପୁନଃ ସ୍ଥାପନ। ସେଥିପାଇଁ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କର କିଛି କର୍ତ୍ତବ୍ୟ ରହିଛି ଯାହା ଠିକ୍ ଭାବେ ଅନୁପାଳନ ହେବା ଦରକାର। ଏଠାରେ ଡିଜିଟାଲ ମିଡିଆ ସାକ୍ଷରତା କଥା ନିଶ୍ଚୟ କହିବା ଉଚିତ ମନେହେବ। ଜନସାଧାରଣ କିପରି ଭ୍ରମାତ୍ମକ ଖବରକୁ ଚିହ୍ନିପାରିବେ ତାହା ସେମାନଙ୍କୁ ଶିଖାଇବା ଆବଶ୍ୟକ। ଏହା ଏକ ସାମାଜିକ ଦାୟିତ୍ୱ। ଭ୍ରମାତ୍ମକ ତଥ୍ୟର ଶୃଙ୍ଖଳା ସେତେବେଳେ ଭାଙ୍ଗିବ ଯେତେବେଳେ ସାଧାରଣ ପାଠକ ଅବା ଦର୍ଶକଟିଏ ସତ୍ୟ ଓ ଅସତ୍ୟର ଭେଦ ଜାଣି ପାରିବ। ସାମ୍ବାଦିକତା ମାନେ କେବଳ ଖବର ଦେବା ନୁହେଁ, ଏହା ଏକ ଦାୟିତ୍ୱ, ଏକ ଆହ୍ୱାନ, ଏକ ଜନସେବା। ସତ୍ୟ କେବେ ଲୁଚିଯାଏ ନାହିଁ, ଯଦି ଗଣମାଧ୍ୟମ ତାହାକୁ ନିଷ୍ଠାରେ ପାଳନ କରେ ତେବେ ଜନତାର ଆସ୍ଥା ପୁନଃ ସ୍ଥାପନ ହୋଇପାରିବ।

**– ସରୋଜ କୁମାର ଶତପଥୀ**
ମୋ:୯୩୪୮୧୨୭୪୪୭

**ଗଣତନ୍ତ୍ରକୁ ବଜାୟ ରଖିବା ଏବଂ ସ୍ୱଚ୍ଛ ଯୋଗାଯୋଗକୁ ପ୍ରୋତ୍ସାହିତ କରିବାରେ ପ୍ରେସ୍(ଗଣମାଧ୍ୟମ)ର ଭୂମିକାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ପାଳିତ ହୋଇଆସୁଛି 'ଜାତୀୟ ପ୍ରେସ ଦିବସ'। ସୂଚନାଯୋଗ୍ୟ, ୧୯୬୬ ମସିହାର ଏହି ଦିବସରେ ପ୍ରେସ୍ କାଉନ୍‌ସିଲ ଅଫ ଇଣ୍ଡିଆ ଏକ ସ୍ୱାଧୀନ, ସାମ୍ବିଧାନିକ ସଂସ୍ଥା ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହି ଅବସରରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା, ନିରପେକ୍ଷତା ଆଦି ଦାୟିତ୍ୱଗୁଡ଼ିକୁ ଠିକ୍ ଭାବରେ ପରିବେଷଣ କରିବା ଦିଗରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ କେତେକ ବିଦ୍ୟାର୍ଥୀ ଓ ଅଧ୍ୟାପକଙ୍କ ମତାମତକୁ ନେଇ ଉପସ୍ଥାପନା...**

### ଖବର ନିରପେକ୍ଷ, ଗ୍ରହଣୀୟ ହେବା ଜରୁରୀ



ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ପ୍ରେସ୍(ଗଣମାଧ୍ୟମ)ର ଅବଦାନ ଅତୁଳନୀୟ। ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜର ମତାମତ ଦେବା ସହ ସୂଚନା କମ୍ ସେକେଣ୍ଡରେ ଉପସ୍ଥାପନ କରିପାରୁଛନ୍ତି। କିନ୍ତୁ ଏହି ସୂଚନା ନିରପେକ୍ଷ, ନିର୍ଭୀକ ଓ ଗ୍ରହଣୀୟ ହେବା ଦରକାର; ଯଦ୍ୱାରା ଲୋକଙ୍କର ଆଶା ଓ ବିଶ୍ୱାସ ସର୍ବଦା ବଜାୟ ରହିପାରିବ।

**–ପ୍ରଜ୍ଞା ପାରମିତା ମିଶ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ଛାତ୍ରୀ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

### ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା ଆବଶ୍ୟକ



ଜାତୀୟ ପ୍ରେସ ଦିବସରେ ଆମେ ମୂଲ୍ୟବୋଧ ସହିତ ପ୍ରେସ୍ ମୁକ୍ତି ଓ ନୈତିକତା ପ୍ରତି ଯତ୍ନବାନ ହେବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଏହି ଦିନ ଆମକୁ ଗଣମାଧ୍ୟମର ସ୍ୱାଧୀନତା ସହିତ ପକ୍ଷପାତ ଓ ସାଲିସବିହୀନ, ସତ୍ୟ ଓ ନିଃସ୍ୱାର୍ଥପର ଖବର ପରିବେଷଣ ପାଇଁ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି ତା' ଉପରେ ଚିନ୍ତନ ମନ୍ଥନ କରାଯାଏ। ପ୍ରେସ ମୁକ୍ତି ଓ ନୈତିକତାର ସମନ୍ୱୟ ଦେଶର ଉନ୍ନତ ଭବିଷ୍ୟତର ଆଧାର। ଏହି ଦିନରେ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରି ଗଣତାନ୍ତ୍ରିକ ଉପାୟରେ ସେଗୁଡ଼ିକର ମୁକାବିଲା କରାଯିବା ଉଚିତ।

**–ଡ. ନଳିନୀ ପାତ୍ର,** ଅଧ୍ୟାପକ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

### ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ



ଆଜିର ପରିବର୍ତ୍ତନଶୀଳ ସମାଜରେ ଏକ ସ୍ୱାଧୀନ, ଦାୟିତ୍ୱଶୀଳ ଓ ନୈତିକ ପ୍ରେସ୍‌ର ଅପରିହାର୍ଯ୍ୟ ଭୂମିକାକୁ ସ୍ମରଣ କରାଏ। ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଯୋଗୁ ଜାଲି ଖବର ବ୍ୟାପକ ବେଗରେ ପ୍ରସାରିତ ହେଉଛି। ଆଜିର ପରିସ୍ଥିତିରେ ପ୍ରେସ୍‌ର କର୍ତ୍ତବ୍ୟ କେବଳ ଖବର ପହଞ୍ଚେଇବା ନୁହେଁ, ସମାଜରେ ସତ୍ୟ, ସ୍ୱଚ୍ଛତା ଓ ଦାୟିତ୍ୱକୁ ରକ୍ଷା କରିବା ମଧ୍ୟ ଜରୁରୀ। ସେଥିପାଇଁ ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ।

**–ଦେବଲିନ ବେହେରା,** ଛାତ୍ରୀ, ଆଇଆଇଏମ୍‌ସି, ଢେଙ୍କାନାଳ

### ଜାଗ୍ରତ ପ୍ରହରୀ ଦାୟିତ୍ୱ ନିଭାଇବାକୁ ପଡ଼ିବ




ସମାଜର ଉନ୍ନୟନ ଯାତ୍ରାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ଜ୍ୱଳନ୍ତ ଇତିହାସ ହେଉ କି ଜମ୍ମୁ-କଶ୍ମୀରରୁ ଧାରା ୩୭୦ର ଅବସାନ ଏସବୁରେ ଗଣମାଧ୍ୟମ ଏକ ଶକ୍ତିଶାଳୀ ସେତୁ ସାଜିଛି। ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ। ଏହା କଣ୍ଟାଏ କଣ୍ଟାଏ ପାଳନ କରିବାକୁ ହେବ। ଯଦି ଏହି ପ୍ରହରୀ ନିଜ ଦାୟିତ୍ୱରୁ ବିମୁଖ ହୁଏ, ତେବେ ସମାଜର ଅଗ୍ରଗତି ବନ୍ଦ ହୋଇଯିବ । ନିର୍ଭୀକ ଓ ନିଷ୍ପତ୍ତିପୂର୍ଣ୍ଣ ସାମ୍ବାଦିକତା ପ୍ରତ୍ୟେକ ସାମ୍ବାଦିକଙ୍କ ପ୍ରତିଜ୍ଞା ହେବା ଉଚିତ।

**–ସ୍ୱାଗତିକା ମୁଦୁଲି,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ

ରିପୋର୍ଟ– ଶୁଚିସ୍ମିତା ସାହୁ, ଭୁବନେଶ୍ୱର

# ନିର୍ଣ୍ଣାୟକ ମୋଡ଼ରେ କୋଲକାତା ଟେଷ୍ଟ



ଉଇକେଟ ନେବାପରେ ରବୀନ୍ଦ୍ର ଜାଡେଜା (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**କୋଲକାତା, ୧୫।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ମ୍ୟାଚ୍‌ର ପ୍ରଥମ ଦିନରେ ୧୧ ଉଇକେଟ ଓ ଦ୍ୱିତୀୟ ଦିନ ୧୫ ଉଇକେଟର ପତନ ଘଟିଛି। ଏଭଳି ଫଳାଫଳ ଉଭୟ ଦଳର ବୋଲରଙ୍କ ଆଧିପତ୍ୟକୁ ଦର୍ଶାଉଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଛି। ଫଳରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୩ ରନ କରିଛି। ଘରୋଇ ଦଳ ପାଇଁ ରବୀନ୍ଦ୍ର ଜାଡେଜା ୪ ଓ କୁଲଦୀପ ଯାଦବ ୨ ଉଇକେଟ ଅକ୍ତିଆର କରିଛନ୍ତି। ଭ୍ରମଣକାରୀ ଦଳ ବର୍ତ୍ତମାନ ୬୩ ରନରେ ଆଗୁଆ ଥିବାବେଳେ ହାତରେ ୩ ଉଇକେଟ ସୁରକ୍ଷିତ ରଖିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୨୯ ଓ କର୍ବିନ ବୋଶ୍ଚ ୧ ରନରେ ଅପରାଜିତ ରହିଛନ୍ତି।

ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦର ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ିଥିଲେ। ରାହୁଲ ୩୯ (୪ ଚୌକା ଓ ୧ ଛକା) ଓ ସୁନ୍ଦର ୨୯ (୨ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ (୪) ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୧୩୨ ରନରେ ୩ ଉଇକେଟ ହରାଇଥିବା ଭାରତୀୟ ଦଳ ପରବର୍ତ୍ତୀ ୫୭ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇଥିଲା। ଫଳରେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଉପ ଅଧିନାୟକ ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ୨୭ ଲେଖାଏ ରନ କରିଥିବା ବେଳେ ଧ୍ରୁବ ଜୁରେଲ ୧୪ ଓ ଅକ୍ଷର ପଟେଲ ୧୬ ରନ କରିଥିଲେ। ବୋଲିଂରେ ଭ୍ରମଣକାରୀ ଦଳ ପକ୍ଷରୁ ସିମନ ହାର୍ମର ୪ ଓ ମାର୍କୋ ଜାନସେନ ୩ ଉଇକେଟ ନେଇଥିବା ବେଳେ କେଶବ ମହାରାଜ ଓ କର୍ବିନ ବୋଶ୍ଚ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍ (ଲୋକେଶ ରାହୁଲ-୩୯, ୱାଶିଂଟନ ସୁନ୍ଦର-୨୯, ଋଷଭ ପନ୍ତ-୨୭, ସିମନ ହାର୍ମର-୪/୩୦, ମାର୍କୋ ଜାନସେନ-୩/୩୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୫ ଓଭରରେ ୯୩/୭ (ଟେମ୍ବା ବଭୁମା-୨୯*, ରବୀନ୍ଦ୍ର ଜାଡେଜା-୪/୨୯, କୁଲଦୀପ ଯାଦବ-୨/୧୨)।



ଇଡେନ ଗାର୍ଡେନ୍ସରେ ଶନିବାର ଶୁବମନ ଗିଲ୍ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡୁଛନ୍ତି।

# କିଟ୍ ଷ୍ଟାଡିୟମରେ ବଦଳିବ କି ଓଡ଼ିଶାର ଭାଗ୍ୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ୫ମ ମ୍ୟାଚ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ସହିତ ଖେଳିବ। ଏଲିଟ ଗ୍ରୁପ୍ 'ଏ'ର ଏହି ମ୍ୟାଚ ରବିବାର ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ଚଳିତ ସିଜନରେ ଓଡ଼ିଶା ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ଅତି ଦୟନୀୟ ରହିଛି। ୪ଟି ମ୍ୟାଚ ଖେଳିସାରିଥିବା ଓଡ଼ିଶା ୩ ପରାଜୟ ଏବଂ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇଛି। ପଏଣ୍ଟ ଟେବୁଲର ନିମ୍ନ ୨ ସ୍ଥାନରେ ଓଡ଼ିଶା ଓ ନାଗାଲାଣ୍ଡ ଦଳ ରହିଛି। ଦୁଇଟି ଯାକ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିବାରୁ ଓଡ଼ିଶା ଲାଗି ଏହି ମ୍ୟାଚର ଗୁରୁତ୍ୱ ବଢ଼ିଛି। କାରଣ ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡକୁ ଯଦି ଓଡ଼ିଶା ଏଠାରେ ପରାସ୍ତ କରି ନ ପାରେ ତେବେ ଆସନ୍ତା ସିଜନରେ ପ୍ଲେଟ ଡିଭିଜନକୁ ଖସିବା ବିପଦ ସୃଷ୍ଟି ହେବ। ମ୍ୟାଚ ପରେ ମ୍ୟାଚକୁ ନେଇ ଦଳର ଯୋଜନା ଓ ରଣନୀତି ସବୁକିଛି ଅସ୍ପଷ୍ଟ ରହିଛି। ପ୍ରଥମ ୩ ମ୍ୟାଚ ପରେ ଚୟନକର୍ତ୍ତାମାନେ ଦଳରେ ଖେଳାଳି ପରିବର୍ତ୍ତନ କରିଥିଲେ, ମାତ୍ର ଯଥା ପୂର୍ବଂ ତଥା ପରମ୍। ଅର୍ଥାତ୍ ବିଦର୍ଭ ବିପକ୍ଷ ଚତୁର୍ଥ ମ୍ୟାଚରେ ମଧ୍ୟ ପରାଜୟ ମିଳିଲା। ୫ମ ମ୍ୟାଚ ପାଇଁ ପୁଣି ଦଳରେ ପରିବର୍ତ୍ତନ କରାଯାଇ ଅଭିଜ୍ଞ ବିପ୍ଲବ ସାମନ୍ତରାୟ ଓ ଉଇକେଟ କିପର ସାୱନ ପହାରିଆଙ୍କୁ ସାମିଲ କରାଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ଉଇକେଟ କିପର ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଲା ଭଞ୍ଜନ ମହାପାତ୍ରଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତେଣୁ କିଟ୍ କ୍ରିକେଟ ଷ୍ଟାଡିୟମରେ ଦଳର ଭାଗ୍ୟ ପରିବର୍ତ୍ତନ ହେବା ଆଶାରେ ରହିଛନ୍ତି ଓଡ଼ିଶାର କ୍ରିକେଟପ୍ରେମୀ। କାରଣ ଆଗକୁ ଅବଶିଷ୍ଟ ୨ଟି ମ୍ୟାଚରେ ଓଡ଼ିଶା ଶକ୍ତିଶାଳୀ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବା କାର୍ଯ୍ୟସୂଚୀ ରହିଛି। ତେଣୁ ଘରୋଇ ପିଚ୍ ଓ ପରିବେଶରୁ ଫାଇଦା ଉଠାଇ ନାଗାଲାଣ୍ଡ ବିପକ୍ଷରେ ନିଜକୁ ପ୍ରମାଣିତ କରିବାକୁ ବଡ଼ ସୁଯୋଗ ଆସିଛି ଓଡ଼ିଶା ଖେଳାଳିଙ୍କ ପାଇଁ। ଉଭୟ ଦଳ ଶନିବାର କିଟ୍ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛନ୍ତି।


ବିପ୍ଳବ ସାମନ୍ତରାୟଙ୍କ ବୋଲିଂ ଅଭ୍ୟାସ।

### ରେକର୍ଡ

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଏହା ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ୨୦୨୩ ଜାନୁଆରୀ ୬ରୁ ୯ ପର୍ଯ୍ୟନ୍ତ କଟକର ଡ୍ରିମ୍ସ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଡ୍ର ରହିଥିଲା। ଚେତନ ବିସ୍ତ (୧୩୩ ରନ)ଙ୍କ ଶତକ ସହାୟତାରେ ନାଗାଲାଣ୍ଡ ପ୍ରଥମ ଇନିଂସରେ ୪୩୩ ରନ ସ୍କୋର କରିଥିଲା। ମାତ୍ର ଶାନ୍ତନୁ ମିଶ୍ର(୨୦୦)ଙ୍କ ଦ୍ୱିଶତକ ଓ ପ୍ରୟାସ ସିଂ (୧୦୪)ଙ୍କ ଶତକ ସହାୟତାରେ ଓଡ଼ିଶା ୮ ଉଇକେଟ ବିନିମୟରେ ୫୩୫ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବାରୁ ୩ ପଏଣ୍ଟ ପାଇଥିଲା। ଏଥର ନାଗାଲାଣ୍ଡର ପ୍ରଦର୍ଶନ ମଧ୍ୟ ଭଲ ରହିନାହିଁ। ବିଦର୍ଭ ନିକଟରୁ ଏକ ଇନିଂସ ୧୭୯, ଝାଡ଼ଖଣ୍ଡଠାରୁ ଏକ ଇନିଂସ ୧୯୬ ଏବଂ ଉତ୍ତର ପ୍ରଦେଶଠାରୁ ଏକ ଇନିଂସ ୨୬୫ ରନରେ ହାରିଥିବାବେଳେ ତାମିଲନାଡୁ ବିପକ୍ଷ ମ୍ୟାଚକୁ ଡ୍ର ରଖି ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ତାମିଲନାଡୁ ବିପକ୍ଷରେ ଡେଗା ନିଶ୍ଚଳ (୧୭୫) ଓ ଇମଲିୱାତି ଲେମଟୁର (୧୪୬) ବଡ଼ ଇନିଂସ ଖେଳିଥିଲେ ହେଁ ପରବର୍ତ୍ତୀ ୨ଟି ମ୍ୟାଚରେ ତାହାକୁ ପୁନରାବୃତ୍ତି କରିପାରି ନାହାନ୍ତି। ତେଣୁ ଓଡ଼ିଶା ଟିମ୍ ମ୍ୟାନେଜମେଣ୍ଟ ଯୋଜନାବଦ୍ଧ ଭାବେ ରଣନୀତି ପ୍ରସ୍ତୁତ କରି ଆଗାମୀ ମ୍ୟାଚଲାଗି ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ସେସନ ଭିତ୍ତିରେ ମ୍ୟାଚର ସ୍ଥିତିକୁ ଦୃଷ୍ଟିରେ ରଖି ରଣନୀତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ନ ହେଲେ ଦଳ ପାଇଁ ଏଲିଟ ଗ୍ରୁପ୍‌ରେ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ ଅଧିନାୟକ), ଗୌରବ ଚୌଧୁରୀ, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ସାୱନ ପହାରିଆ, ସୌରଭ ଗୌଡ଼ା, ଅନିଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତରନି ସା, ତାପସ ଦାସ ଓ ପ୍ରଶାନ୍ତ କୁମାର ରଣା।

**ନାଗାଲାଣ୍ଡ ଦଳ:** ରଙ୍ଗସେନ ଜୋନାଥନ (ଅଧିନାୟକ), ଚେତନ ବିସ୍ତ, ଦୀପ୍ ବୋରା, ହେମ ଚେତ୍ରି, ଓଡିଲେମ୍ବୁ କିଚୁ, ସୌରଭ କୁମାର, ଇମଲିୱାତି ଲେମଟୁର, ରୋନିତ ମୋରେ, ନାଜାଙ୍କୁଙ୍ଗ ମୋଙ୍ଖୁଇ, ଡେଗା ନିଶ୍ଚଳ, ସେଦେଝାଲି ରୁପେରୋ, ତହମିଦ ରହମନ, ୟୁଗନ୍ଧର ସିଂ, ତୋହୁକା ଝିମୋ, ଭିନୋ ଝିମୋନି।

### ୨୦୨୫-୨୬ ରଣଜୀ ସିଜନ

**(ଏପର୍ଯ୍ୟନ୍ତ ଖେଳିଛି ୪ ମ୍ୟାଚ)**

- ବନାମ ବରୋଦା: ୭ ଉଇକେଟରେ ପରାସ୍ତ
- ବନାମ ଉତ୍ତର ପ୍ରଦେଶ: ମ୍ୟାଚ ଡ୍ର, ୧ ପଏଣ୍ଟ
- ବନାମ ଆନ୍ଧ୍ର ପ୍ରଦେଶ: ଏକ ଇନିଂସ ୫୦ ରନରେ ପରାସ୍ତ
- ବନାମ ବିଦର୍ଭ: ୧୦୦ ରନରେ ପରାସ୍ତ

# ଗିଲ୍ ଆହତ


**କୋଲକାତା, ୧୫।୧୧(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ଅବଶିଷ୍ଟାଂଶ ଖେଳ ଲାଗି ଭାରତୀୟ ଅଧିନାୟକ ଶୁବମନ ଗିଲ ଉପଲବ୍ଧ ହେବେ କି ନାହିଁ, ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ରିଟାୟର୍ଡ ହର୍ଟ ହୋଇଥିବା ଗିଲ ବେକରେ ସର୍ଭିକାଲ କଲାର ଲଗାଇଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଇନିଂସର ୩୫ତମ ଓଭରରେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସିମନ ହାର୍ମରଙ୍କ ଏକ ବଲ୍‌କୁ ସ୍ଲଗ-ସୁଇପ୍ ମାରିବାକୁ ଉଦ୍ୟମ କଲାବେଳେ ଗିଲ୍‌ଙ୍କ ବେକରେ ଆଘାତ ଲାଗିଥିଲା। ଫିଜିଓ ତାଙ୍କର ଚିକିତ୍ସା କରିବା ପରେ ସେ ପଡ଼ିଆ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସନ୍ଧ୍ୟାରେ ପରିସ୍ଥିତି ଅଧିକ ଜଟିଳ ହୋଇଯାଇଥିଲା। ଗିଲ୍ ବେକ୍‌ରେ ସର୍ଭିକାଲ କଲାର ଲଗାଇଥିବା ନଜର ଆସିଥିଲା। ଏ ସମ୍ପର୍କରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ମର୍ନି ମୋର୍କେଲ କହିଛନ୍ତି, ଆମକୁ ପ୍ରଥମେ ନିର୍ଣ୍ଣୟ କରିବାକୁ ପଡ଼ିବ ଯେ ତାଙ୍କ ବେକରେ ଆଘାତ କେଉଁ ଭଳି ଲାଗିଲା। ମୋ ମତରେ ସେ ଗତ ରାତିରେ ଠିକ୍ ଭାବେ ଶୋଇ ନାହାନ୍ତି। ସେ ଜଣେ ଖୁବ୍ ଫିଟ୍ ଖେଳାଳି। ସେ ନିଜର ଭଲ ଯତ୍ନ ନିଅନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ଶନିବାର ସକାଳେ ଉଠିଲା ବେଳେ ସେ ବେକରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହି ସମସ୍ୟା ସହିତ ସେ ଖେଳିଥିଲେ। କାରଣ ଶନିବାର ମ୍ୟାଚ୍‌ଟି ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

# ମନ୍ଧାନାଙ୍କୁ ୫୦ ଲକ୍ଷ ପୁରସ୍କାର

**ମୁମ୍ବାଇ, ୧୫।୧୧(ପି.ଟି.)**

ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଶନିବାର ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍‌ସିଏ ପକ୍ଷରୁ ମନ୍ଧାନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଦଳର ବିଶ୍ୱକପ୍ ବିଜୟରେ ମନ୍ଧାନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୮ ମ୍ୟାଚ୍‌ରେ ୫୪.୨୫ ଆଭରେଜରେ ୪୩୪ ରନ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 16/2025 Page 16 ₹ 7.00 | BALASORE
୫୧ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 350 ମୂଲ୍ୟ ₹୭/-

# ରାଜନୈତିକ ପରିବର୍ତ୍ତନର ସମ୍ଭାବନା

**ଭୁବନେଶ୍ୱର,୧୫ା୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଫଳାଫଳ ଆସିବା ପରେ ଓଡ଼ିଶା ରାଜନୀତିରେ ଅନେକ ରାଜନୈତିକ ଅଙ୍କ ବଦଳିବା ନେଇ ଏବେଠାରୁ ଚର୍ଚ୍ଚା ହେଲାଣି। ଯଦିଓ ଏବେ ବିରୋଧୀ ଆସନରେ ବସୁଛି ତଥାପି ବିଜେଡିର ଭବିଷ୍ୟତ ଏବଂ ଆଭ୍ୟନ୍ତରୀଣ ରାଜନୀତି ବିଷୟରେ ଜାଣିବା ପାଇଁ ଅଧିକାଂଶ ଲୋକ ବିଶେଷ ରୁଚି ରଖୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଉପନିର୍ବାଚନରେ ବିଜେଡି ଫଳାଫଳ ଦେଖିବା ପରେ ଗାଁ ଗହଳିରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାର ଏକ ଗଭୀର ପ୍ରଭାବ ରାଜ୍ୟବ୍ୟାପୀ ବିଜେଡି ନେତା ଓ କର୍ମୀଙ୍କ ଉପରେ ପଡ଼ିଥିବା କୁହାଯାଉଛି। ଧରିତ୍ରୀ ପକ୍ଷରୁ ନୂଆପଡ଼ା ଉପନିର୍ବାଚନକୁ ନେଇ ଅନେକ ଖବର ପ୍ରକାଶ କରାଯାଇଥିଲା। ଜୟ ଢୋଲକିଆ ବିଜେଡିରୁ ପ୍ରାର୍ଥୀ ହେଉନାହାନ୍ତି, ଏପରି ଏକ ଖବର ଧରିତ୍ରୀରେ ଅକ୍ଟୋବର ୯ ରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକରେ ପ୍ରକାଶ ପାଇଥିଲା। ଏହାର ଗୋଟିଏ ଦିନ ପରେ ୧୧ ତାରିଖରେ ଢୋଲକିଆ ଭାଜପାରେ ସାମିଲ ହୋଇଥିଲେ। ସେହିପରି ଧରିତ୍ରୀ ପକ୍ଷରୁ ଅକ୍ଟୋବର ୧୮ରେ ଆଉ ଏକ ଖବର '୩ ନମ୍ବର ହେଲେ ସରିଲା' ଶୀର୍ଷକରେ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା, ବିଜେଡି ଏହି ଉପନିର୍ବାଚନରେ ଯଦି ୩ ନମ୍ବର ସ୍ଥାନକୁ ଖସିଯାଏ ତେବେ ସାଧାରଣ ଲୋକମାନେ ଭବିଷ୍ୟତରେ ଯଦି କୌଣସି ନିର୍ବାଚନରେ ସରକାର ବିରୋଧରେ ଭୋଟ୍ ଦେବାକୁ ଚିନ୍ତା କରନ୍ତି ତେବେ ୨ ନମ୍ବର ଦଳ ପ୍ରତି ଅଧିକ ଆକୃଷ୍ଟ ହେବା ସମ୍ଭାବନା ବଢ଼ିଯାଇପାରେ।

ରାଜନୈତିକ ମହଲରେ ନୂଆପଡ଼ା ଫଳାଫଳକୁ ନେଇ ଚାଲିଥିବା ଚର୍ଚ୍ଚା ମୁତାବକ, ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ୧,୨୩,୮୬୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଖଣ୍ଡ ଭୋଟ୍ ପାଇ ୩ ନମ୍ବର ହୋଇଛନ୍ତି। ଅର୍ଥାତ୍ ଘାସିରାମ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ଜୟଙ୍କଠାରୁ ପରାଜିତ ହୋଇଛନ୍ତି। ଯେଉଁଠି ସ୍ନେହାଙ୍ଗିନୀଙ୍କଠାରୁ ଘାସିରାମ ମାତ୍ର ୧୭୧୩ ଖଣ୍ଡ ଭୋଟ୍‌ରେ ଆଗେଇପାରିଛନ୍ତି। ବିଜେଡିକୁ ପଛରେ ପକାଇବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଏକମାତ୍ର ଖୁସିର ବିଷୟ ହୋଇପାରେ। ହେଲେ ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ଯେଉଁ ଭୋଟ୍ ପାଇଥିଲେ, ଏଥର କଂଗ୍ରେସକୁ ଯାଇ ୧୦ ହଜାର ୮୨୦ ଖଣ୍ଡ କମ୍ ଭୋଟ୍ ପାଇଲେ। ଭକ୍ତଙ୍କ ନେତୃତ୍ୱକୁ ଭରସା କରିଥିବା ଘାସିରମ ଗତଥର ତୁଳନାରେ ଲୋକଙ୍କ ପାଖରେ ଆହୁରି କମ୍ ଗ୍ରହଣୀୟ ହେଲେ। ଏପରି ସ୍ଥିତିରେ ବିଜେଡିଠାରୁ ଯଦି ତୃଣମୂଳସ୍ତରର କର୍ମୀମାନେ ମୁହଁ ଫେରାଇବା ପ୍ରକ୍ରିୟା ବୃଦ୍ଧି ପାଇପାରେ ବୋଲି ଯେଉଁ ଆକଳନ କରାଯାଉଛି ତା'ର ଫାଇଦା ସିଧାସଳଖ ଶାସକ ଦଳ ପାଖକୁ ଯାଇପାରେ। କାରଣ ଭାଜପା ଓଡ଼ିଶାରେ ସରକାରକୁ ଆସିସାରିଥିଲେ ମଧ୍ୟ ପଞ୍ଚାୟତ, ଜୋନ୍ ଏବଂ ବ୍ଲକ୍‌ସ୍ତରରେ ନିଜର ସଙ୍ଗଠନକୁ ସେତିକି ମଜଭୁତ କରିପାରିନାହିଁ। ଆଗକୁ ଏଥିରେ ଭାଜପା ସୁଧାର ଆଣିପାରେ ବୋଲି ରାଜନୈତିକ ବିଶାରଦମାନେ ନୂଆପଡ଼ା ଫଳାଫଳକୁ ଦେଖି ବିଚାର କରୁଛନ୍ତି।

ଅନ୍ୟପକ୍ଷରେ ନୂଆପଡ଼ାର ଫଳ ବିଜେଡିର ଆଗଧାଡ଼ିର ନେତାମାନଙ୍କ ଭିତରେ ଏକ ଅଜଣା ଭୟ ସୃଷ୍ଟି କରିଥିବା ଶୁଣିବାକୁ ମିଳୁଛି। ବିଜେଡିର କେତେଜଣ ନେତାଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନୂଆପଡ଼ା ଫଳାଫଳ ଯାହା ହେଲା ଏହାପରେ ଗଣମାଧ୍ୟମ ଆଗକୁ ଆସି କିଛି କହିବାକୁ କାହା ପାଖରେ ସାହସ ହେଲା ନାହିଁ। ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ବାଚନ ଏମିତି ଆସିବ ଓ ଯିବ ବୋଲି କହିବା ସତ୍ତ୍ୱେ ଶନିବାର ସୁଦ୍ଧା ବିଜେଡିର ଅନ୍ୟ କୌଣସି ନେତା ଉପନିର୍ବାଚନ ବାବଦରେ ପଦୁଟିଏ ମୁହଁ ଖୋଲିପାରୁନାହାନ୍ତି। ପ୍ରଥମେ ନିର୍ବାଚନରେ ୩ ନମ୍ବର ସ୍ଥାନ ପାଇବା ଯୋଗୁ ରାଜ୍ୟବ୍ୟାପୀ କର୍ମୀମାନଙ୍କ ଭିତରେ ନାକାରାତ୍ମକ ଚିନ୍ତା ସୃଷ୍ଟି ହୋଇସାରିଛି, ଏହାପରେ ଯଦି ଦଳର କେଉଁ ନେତା ଗଣମାଧ୍ୟମ ଆଗକୁ ଯାଇ ମୁହଁ ନ ଖୋଲି ଘରେ ରହିବେ, ତେବେ ବିଜେଡି ସମର୍ଥକ କାହିଁକି ଆଉ ସେମାନଙ୍କ ସାଙ୍ଗରେ ରହିବେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ନୂଆପଡ଼ା ଫଳାଫଳ ପରେ ଦଳର ଆଗାମୀ ରଣନୀତି କ'ଣ ହେବ ଏବଂ ନବୀନଙ୍କ ନେତୃତ୍ୱକୁ ଭରସାକରି ସେମାନେ କେତେଦୂର ଆଗକୁ ବଢ଼ିପାରିବେ, ଏପରି ଅନେକ ପ୍ରଶ୍ନ ସେମାନଙ୍କ ଭିତରେ ଉଠିଲାଣି। ଅର୍ଥାତ୍ ଦଳର ମୁଖ୍ୟ ନେତୃତ୍ୱ ଉପରେ ଆଗଧାଡ଼ିର ନେତାମାନେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି ବୋଲି ଶୁଣାଯାଉଛି, ଯାହା ରାଜନୀତିରେ ଏକ ବିରାଟ ସମସ୍ୟା ବୋଲି କୁହାଯାଇପାରେ। କାରଣ ଗାଁ ଗହଳିର ରାଜନୀତି କରୁଥିବା ଅନେକ ଲୋକ ରାଜନୈତିକ ଦଳ ସହ ରହି କେବଳ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ପତିଆରା ବଢ଼ାଇବା ସେମାନଙ୍କ ମୂଳ ଲକ୍ଷ୍ୟ ରହିଥାଏ। ବିଜେଡି ପ୍ରଥମେ ସରକାରରୁ ଯିବା ସହ ଏବେ ଯେତେବେଳେ ଉପନିର୍ବାଚନରେ ଆହୁରି ଖରାପ ପ୍ରଦର୍ଶନ କରୁଛି, ଏହାର କୁପ୍ରଭାବ ମଧ୍ୟ ଦଳର ଗ୍ରାମାଞ୍ଚଳ ନେତାଙ୍କ ଉପରେ ପଡ଼ିବା ସମ୍ଭାବନା ରହିଛି। ଅନ୍ୟପଟେ ଉପନିର୍ବାଚନ ଲଢ଼ିବା ଲାଗି ଯେତିକି ଅର୍ଥ ଦେବା ପାଇଁ ଦଳ ପକ୍ଷରୁ କୁହାଯାଇଥିଲା ସେତିକି ମଧ୍ୟ ମିଳି ନ ଥିବା ନୂଆପଡ଼ାର ବିଜେଡି ମହଲରେ ଆଲୋଚନା ହେଉଛି। ୨ଥର ଗସ୍ତ କରିବା ପରେ ନବୀନଙ୍କ ଲୋପ୍ରିୟତା ଆଉ ପୂର୍ବଭଳି ନ ଥିବାର ଏକ ବାର୍ତ୍ତା ମଧ୍ୟ ଏହି ଫଳାଫଳ ପରେ ତୃଣମୂଳସ୍ତରକୁ ଯାଇସାରିଛି।

ଭକ୍ତଚରଣ ଦାସ ପୂର୍ବରୁ ଲଢ଼ିଥିବା କଳାହାଣ୍ଡି ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ। ଓଡ଼ିଶା ପିସିସି ସଭାପତି ଭାବେ ଭକ୍ତଙ୍କୁ ଦାୟିତ୍ୱ ମିଳିବା ପରେ ତାଙ୍କ ନେତୃତ୍ୱରେ କଂଗ୍ରେସ ପ୍ରଥମ ଉପନିର୍ବାଚନର ସାମ୍ନାକଲା। ହେଲେ ନିଜ ଲୋକ ସଭା କ୍ଷେତ୍ରରେ ନେତୃତ୍ୱ ନେଇ ଭକ୍ତ ଏତେ ନୈରାଶ୍ୟଜନକ ଫଳ ଆଣିବା ଯୋଗୁ ରାଜ୍ୟବ୍ୟାପୀ କଂଗ୍ରେସ ନେତାମାନେ ପିସିସି ସଭାପତିଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଥିବା ଚର୍ଚ୍ଚା ହେଉଛି। ଯିଏ ନିଜ ନିର୍ବାଚନମଣ୍ଡଳୀରେ ଲୋକପ୍ରିୟ ହୋଇପାରୁନାହାନ୍ତି ସେ ରାଜ୍ୟରେ ଦଳକୁ କେତେ ଆଗକୁ ନେବେ ତାକୁ ରାଜନୈତିକ ମହଲରେ କୁହାକୁହି ହେଲେଣି। ଏସବୁ ସ୍ଥିତିରେ ବିଜେଡିର ପରବର୍ତ୍ତୀ ଆଭିମୁଖ୍ୟ କ'ଣ ହେବ ଏବଂ ରାଜ୍ୟରେ ଭାଜପା ବିରୋଧରେ କଂଗ୍ରେସ କିପ୍ରକାର ରଣନୀତି କରିବ ଏହା ଉପରେ ବିଶେଷ ଦୃଷ୍ଟି ରହିବ। ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ୨୦୧୯ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକ ଉଭୟ ହିଞ୍ଜିଳି ଏବଂ ବିଜେପୁର ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଏହାପରେ ସେ ବିଜେପୁର ଆସନରୁ ଇସ୍ତଫା ଦେବାପରେ ସେଠାରେ ଉପନିର୍ବାଚନ ହୋଇଥିଲା। ସେଥିରେ ରୀତା ସାହୁ ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କଠାରୁ ୯୭ ହଜାର ୯୯୦ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ସେଥର ଭାଜପା ପ୍ରାର୍ଥୀ ୩୭,୯୬୭ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ମାତ୍ର ୫,୮୭୬ ଖଣ୍ଡ ଭୋଟ୍ ପାଇଥିଲେ।


## ୩ ନମ୍ବର ହେଲେ ସରିଲା

- ନାମାଙ୍କନ କଲେ ଜୟ, ଘାସିରାମ
- ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିପତ୍ର ଦାଖଲ

ଜୟ ଢୋଲକିଆ | ଘାସିରାମ ମାଝୀ | ସ୍ନେହାଙ୍ଗିନୀ ଛୁରିଆ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର, ୧୮।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ☞ ପୃଷ୍ଠା-୨

ଅକ୍ଟୋବର ୧୯ରେ ଧରିତ୍ରୀରେ ପ୍ରକାଶିତ ଖବରର ଫଟୋଚିତ୍ର।

# କାର୍ଯ୍ୟକାରୀ ହେଲା ଡେଟା ସୁରକ୍ଷା ଆଇନ

**ନୂଆଦିଲ୍ଲୀ,୧୫ା୧୧**

ଡେଟା ସୁରକ୍ଷା ବିଲ୍ ଆଇନରେ ପରିଣତ ହେବାର ୨ ବର୍ଷ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସରକାର ଶୁକ୍ରବାର ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ (ଡିପିଡିପି) ଆଇନ, ୨୦୨୩ ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ଡିପିଡିପି ନିୟମାବଳୀ, ୨୦୨୫ ବିଜ୍ଞପିତ କରିଛନ୍ତି। ଏଥିସହିତ ୪ ସଦସ୍ୟ ବିଶିଷ୍ଟ ଏକ ଡେଟା ସୁରକ୍ଷା ବୋର୍ଡ ଗଠନ କରାଯାଇଛି। ବ୍ୟକ୍ତିଗତ ଡିଜିଟାଲ ଡେଟାର ଦାୟିତ୍ୱସମ୍ପନ୍ନ ବ୍ୟବହାର ପାଇଁ ଉକ୍ତ ଆଇନ ଓ ନିୟମାବଳୀ ଏକ ସରଳ, ନାଗରିକ କୈନ୍ଦ୍ରିକ ଓ ନବାଚାର ଅନୁକୂଳ ଢାଞ୍ଚା ପ୍ରସ୍ତୁତ କରିବ। ୨୦୨୩ ଅଗଷ୍ଟ ୧୧ରେ ପାର୍ଲାମେଣ୍ଟରେ ଡେଟା ସୁରକ୍ଷା ବିଲ୍ ଗୃହୀତ ହୋଇଥିଲା।

ବିଜ୍ଞପିତ ନୟମାବଳୀ ଅନୁଯାୟୀ କମ୍ପାନୀଗୁଡ଼ିକୁ ୧୨ରୁ ୧୮ ମାସ ମଧ୍ୟରେ ଆଇନର ବ୍ୟବସ୍ଥାଗୁଡ଼ିକୁ ଅନୁପାଳନ କରିବାକୁ ହେବ। ଏଥିପାଇଁ ସେମାନେ କନ୍‌ସେଣ୍ଟ ମ୍ୟାନେଜର, ଡେଟା ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବା ସହ ୟୁଜର ଅନୁମତି ଦର୍ଶାଇବା ପାଇଁ ବ୍ୟବସ୍ଥା କରିବେ ଏବଂ ଡେଟା ପ୍ରିଭେସି ଉଲ୍ଲଂଘନ ହେଲେ ୭୨ ଘଣ୍ଟା ମଧ୍ୟରେ ଏହାର ରିପୋର୍ଟ କରିବେ। ୧୮ ବର୍ଷରୁ କମ୍ ବୟସର ୟୁଜରଙ୍କ ପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ସେମାନଙ୍କ ମାତାପିତାଙ୍କୁ ଅନୁମତି ନିଶ୍ଚୟ ନେବେ। ପ୍ଲାଟ୍‌ଫର୍ମ ବିଜ୍ଞାପନ ପାଇଁ ନିର୍ଦ୍ଦିଷ୍ଟ ଡେଟାକୁ ବ୍ୟବହାର କରିପାରିବ ନାହିଁ।

DSPL - 356
International Year of Cooperatives 2025
Cooperatives Build a Better World


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଜ୍ୟ ସମବାୟ ନୀତି-୨୦୨୫
ଚୂଡ଼ାନ୍ତ ପ୍ରକ୍ରିୟା

ଚିଠା ସମବାୟ ନୀତି-୨୦୨୫ ଉପରେ
ଆଲୋଚନା ଚକ୍ର ଓ ମତାମତ ଗ୍ରହଣ

ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ

ଅଂଶ ଗ୍ରହଣ କରିବେ ରାଜ୍ୟର ବିଶିଷ୍ଟ ସମବାୟବିତ୍, ଶିକ୍ଷାବିତ୍, ସମବାୟ କର୍ମକର୍ତ୍ତା ଓ ବରିଷ୍ଠ ଅଧିକାରୀ

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ | ୧୭ ନଭେମ୍ବର ୨୦୨୫ | ସକାଳ ୧୦ ଘଟିକା




ସମବାୟ ବିଭାଗ, ଓଡ଼ିଶା ସରକାର
OIPR:

## ଦୁଇ ଆନ୍ତଃରାଜ୍ୟ ବିହାରୀ ବନ୍ଧୁକ ବେପାରୀ ଗିରଫ

**ଗୋଟିଏ କାର୍ବାଇନ ସହ ୫ ବନ୍ଧୁକ,୯ ଗୁଳି ଜବତ**

- ମୁଙ୍ଗେରରୁ ବନ୍ଧୁକ ଆଣି ୫ ଜିଲ୍ଲାକୁ ଚାଲାଣ କରିଛନ୍ତି
- ଖଣି, ବାଲି ମାଫିଆ ଓ ହାର୍ଡକୋର ଅପରାଧୀ କିଣିଛନ୍ତି ବନ୍ଧୁକ





ଗିରଫ ହୋଇଥିବା ଦୁଇ ବନ୍ଧୁକ ବେପାରୀ। ଜବତ କାର୍ବାଇନ ସହ ଅନ୍ୟ ବନ୍ଧୁକ, ଗୁଳି ଓ ମୋବାଇଲ।

ଭୁବନେଶ୍ୱର, ୧୫।୧୧ (ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବନ୍ଧୁକ ଚାଲାଣ କରୁଥିବା ଦୁଇଜଣ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ସେମାନଙ୍କ ନିକଟରୁ ଗୋଟିଏ କାର୍ବାଇନ୍ (ରାଇଫଲ ବର୍ଗର ବନ୍ଧୁକ), ୫ଟି ସେମି ଅଟୋମେଟିକ୍ ପିସ୍ତଲ, ୯ଟି ଗୁଳି ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିହାର ଖଗରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର। ସେମାନଙ୍କୁ ଶୁକ୍ରବାର ରାତିରେ ଖାରବେଳନଗର ଥାନା ୟୁନିଟ୍-୩ ମାଳିସାହି ନିକଟରୁ ପୋଲିସ ଗିରଫ କରିଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ କିଛି ମାସ ହେବ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ କଟକକୁ ବେଆଇନ ଭାବେ ବନ୍ଧୁକ ଚାଲାଣ କରାଯାଉଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଏହି ବନ୍ଧୁକ ଚାଲାଣ ର୍‍ୟାକେଟ ନିକଟରେ ପହଞ୍ଚିଥିଲା। ଗିରଫ ଦୁଇ ଅଭିଯୁକ୍ତ ଭୁବନେଶ୍ୱର,ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରପଡ଼ା ଆଦି ୫ଟି ଜିଲ୍ଲାକୁ ବନ୍ଧୁକ ଚାଲାଣ କରୁଥିଲେ। ସେମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଏଠାରେ ୬୦ରୁ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ବନ୍ଧୁକ ପାଇଁ ସେମାନେ ସପ୍ତାହେ ପୂର୍ବରୁ ଅଗ୍ରୀମ ଟଙ୍କା ନେଉଥିଲେ। ତେବେ ଏନେଇ ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ ଧରିବାକୁ ଯୋଜନା କରିଥିଲା। ଏଥିପାଇଁ ଦୁଇ ଅଭିଯୁକ୍ତଙ୍କ ସହ ପୂର୍ବରୁ ପରିଚିତ ଥିବା ଜଣେ ବ୍ୟକ୍ତିଙ୍କୁ ମାଧ୍ୟମ କରିଥିଲେ। ବ୍ୟକ୍ତି ଜଣକ ଚନ୍ଦନ ଏବଂ ଦିବ୍ୟାଂଶୁଙ୍କୁ ବନ୍ଧୁକ ଡିଲ୍ ଅର୍ଡର ଆସିଥିବା କହିଥିଲେ। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ୩ଜଣ ବ୍ୟକ୍ତି ଗ୍ରାହକ ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଅଗ୍ରୀମ ଆକାରରେ ୨ଲକ୍ଷରୁ ଅଧିକ ଟଙ୍କା ଦେଇଥିଲେ। ବନ୍ଧୁକ ଦେବା ପରେ ବାକି ୪ଲକ୍ଷ ନେବ ବୋଲି କହିଥିଲେ। ଟଙ୍କା ନେଇ ଦୁଇ ଅଭିଯୁକ୍ତ ଯିବା ପରେ ପୋଲିସ ସେମାନଙ୍କୁ ଟ୍ରାକ୍ କରିଥିଲା। ଗୋଟିଏ ସପ୍ତାହ ପରେ ଦୁଇ ଅଭିଯୁକ୍ତ ଗତକାଲି ଟ୍ରେନ୍‌ରେ ବନ୍ଧୁକ ଆଣି ମାଳିସାହି ନିକଟରେ ଅପେକ୍ଷା କରିଥିଲେ। ଗ୍ରାହକ ଭାବେ ସ୍ପେଶାଲ କ୍ରାଇମବ୍ରାଞ୍ଚ ୟୁନିଟ୍ ଟିମ୍‌ର ୩ଜଣ କର୍ମଚାରୀ ସେଠାରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କ ସହ ଡିଲ୍ କରୁଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିବା ସହ ସେମାନେ କାନ୍ଧରେ ଝୁଲାଇଥିବା ଏୟାର ବ୍ୟାଗ୍‌କୁ ଯାଞ୍ଚ କରିଥିଲେ। ସେଥିରୁ ଗୋଟିଏ କାର୍ବାଇନ୍, ୫ ବନ୍ଧୁକ ଏବଂ ୯ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ସ୍ପେଶାଲ କ୍ରାଇମ୍ ୟୁନିଟ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ, ସେମାନେ ପୂର୍ବରୁ ଓଡ଼ିଶାରେ ଏକାଧିକ ବନ୍ଧୁକ ବିକ୍ରି କରିଛନ୍ତି। ବିଶେଷକରି ଖଣି ମାଫିଆ, ବାଲି ମାଫିଆ ଏବଂ ହାର୍ଡକୋର ଅପରାଧୀଙ୍କୁ ବନ୍ଧୁକ ଚାଲାଣ କରିଛନ୍ତି। ତେଣୁ ପୋଲିସ ଏହି ରାକେଟ୍‌ର ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାର ତଦନ୍ତକୁ ଜୋରଦାର କରିଥିବା ସୂଚନା ଦିଆଯାଇଛି।

### ଦେଢ଼ ଲକ୍ଷ ଟଙ୍କାରେ ବିକିଥାନ୍ତେ କାର୍ବାଇନ ବନ୍ଧୁକ

ଗିରଫ ବିହାରୀ ବନ୍ଧୁକ ବେପାରୀ ଆତଙ୍କବାଦୀ ଏବଂ ଏସ୍‌ପିଜି ଧରୁଥିବା କାର୍ବାଇନ୍ ବନ୍ଧୁକ କେଉଁଠୁ ଆଣିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବରୁ ମଧ୍ୟ ଏହି କାର୍ବାଇନ୍ ବନ୍ଧୁକ ସେମାନେ ଓଡ଼ିଶାରେ ବିକ୍ରି କରିଛନ୍ତି। କାର୍ବାଇନ୍‌କୁ ସେମାନେ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲେ। ୩ରୁ ଅଧିକ ବନ୍ଧୁକ କିଣିଲେ, ଡିସ୍‌କାଉଣ୍ଟ କରୁଥିଲେ। ତେବେ ସେମାନେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ଖୋଳତାଡ଼ କରିବା ପାଇଁ ଉଭୟଙ୍କୁ ରିମାଣ୍ଡରେ ଅଣାଯିବ। ଦେଇଛନ୍ତି। ଅନ୍ୟପକ୍ଷରେ ଉଭୟଙ୍କ ଆର୍ଥିକ କାରବାର ଓ ଆପରାଧିକ ରେକର୍ଡ, ସପ୍ଲାଏ ଚେନ୍ ଏବଂ ଆପରାଧିକ ନେଟ୍‌ୱାର୍କ ସମ୍ପର୍କରେ ପୋଲିସ ତଦନ୍ତ କରିବ। ତେବେ ଏହାକୁ ମିଶାଇ ୨ ମାସ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୧୯ ବନ୍ଧୁକ ଏବଂ ଗୋଟିଏ କାର୍ବାଇନ୍ ଜବତ କରିଛି ବୋଲି ପୋଲିସ କମିଶନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

## ଜେଲରେ ୮ ଅଭିଯୁକ୍ତଙ୍କ ହେଲା ଟିଆଇ ପରେଡ

ବ୍ରହ୍ମପୁର,୧୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ହତ୍ୟା ମାମଲା**

ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ କରୁଥିବା ବ୍ରହ୍ମପୁର ପୋଲିସ ପକ୍ଷରୁ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୮ ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ କରାଯାଇଛି। ମାଜିଷ୍ଟ୍ରେଟ, ପୋଲିସ ସହ ୨ ଜଣ ପ୍ରତ୍ୟକ୍ଷଦର୍ଶୀ ଜେଲ ଭିତରକୁ ଯାଇ ଏହି ୮ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଟିଆଇ ପରେଡରେ ସାମିଲ ହୋଇଥିବା ଅଭିଯୁକ୍ତମାନେ ହେଲେ ଶାର୍ପଶୁଟର କୁରୁପତି ଭୂୟାଁ ଓ ବିଷ୍ଣୁ ପ୍ରଧାନ, ବିହାରର ଶିଶୁପାଳ ପାଶ୍ୱନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁ।

ଶନିବାର ଅପରାହ୍ନରେ ମାଜିଷ୍ଟ୍ରେଟ ଭାବେ ଜେଏମ୍ଏଫ୍‌ସି ଦୀପିକା ବଡମାଳି ଓ ମାମଲାର ତଦନ୍ତ ଅଧିକାରୀ ଟାଉନ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଏହି ହତ୍ୟା ମାମଲାର ୨ ଜଣ ପ୍ରତ୍ୟକ୍ଷ ଦର୍ଶୀଙ୍କୁ ଧରି ଜେଲ ଭିତରେ ପହଞ୍ଚିଥିଲେ। ପୂର୍ବରୁ ଜେଲ କର୍ତ୍ତୃପକ୍ଷ ଉପରୋକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଆଣି ଧାଡିରେ ଛିଡା କରାଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତମାନଙ୍କୁ ଦେଖି ଅଧିକାରୀଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ। ଏହି ହତ୍ୟା ମାମଲାରେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରି ମଣ୍ଡଳ କାରାଗାରକୁ ପଠାଇଥିଲା। ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜେଲରେ ଥିବା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବ୍ରହ୍ମପୁର କାରାଗାରରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇଙ୍କ ସମେତ ୧୫ ଜଣ ରହୁଛନ୍ତି।

## ଅଳିଆଗଦାରୁ କନ୍‌ଷ୍ଟେବଲଙ୍କ ମୃତଦେହ ଉଦ୍ଧାର



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ହରଭଙ୍ଗା,୧୫।୧୧ (ନରେନ୍ଦ୍ର କୁମାର ସାହୁ)

**ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ଗିରଫ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଧୀନ ଯାଜପୁର ବାଲିସାହି ଗ୍ରାମରେ ଜଣେ କନଷ୍ଟେବଲଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ମୃତକ ହେଲେ ପୋଲିସ କନଷ୍ଟେବଲ ଉଦୟ ରଞ୍ଜନ ପଟ୍ଟନାୟକ (୫୪)। ସେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନାରେ କାର୍ଯ୍ୟରତ ଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ ନାଏକ। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୯୪/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, କିଛିଦିନ ତଳେ ମୃତ କନଷ୍ଟେବଲ ଉଦୟ ରଞ୍ଜନ ନିଜ ଗ୍ରାମ ଯାଜପୁର ବାଲିସାହିକୁ ଆସିଥିଲେ। ଏହି ସମୟରେ ସେ ସଞ୍ଜୟଙ୍କ ସହିତ ମିଳାମିଶା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଏକ ପଥରରେ ଛେଚି ହତ୍ୟା କରିବା ପରେ ଘର ପଛପଟ ଏକ ଅଳିଆ ଗଦାରେ ପୋତିଦେଇଥିଲେ। ମୃତଦେହ ପଚି ଗନ୍ଧ ହେବାରୁ ଶନିବାର ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସାହାଯ୍ୟରେ ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ସଞ୍ଜୟଙ୍କୁ ଗିରଫ କରିଛି। ଗତ ୪ଦିନ ତଳେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ ସୂଚନା ଦେଇଛନ୍ତି।

## ପ୍ରେମିକାଙ୍କୁ ଆଇଫୋନ୍ ଗିଫ୍ଟ ଦେବାକୁ ଗଞ୍ଜେଇ ଚାଲାଣ: ୨ ଗିରଫ

ଏମ୍‌ଭି ୭୯,୧୫।୧୧ (ଭିକି ବାରିକ)



ଜବତ ଗଞ୍ଜେଇ ସହ ୨ ଅଭିଯୁକ୍ତ।

ପ୍ରେମିକାଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବାକୁ ଟଙ୍କା ଯୋଗାଡ଼କରିବା ଆଶାରେ ଗଞ୍ଜେଇ ଚାଲାଣ କରୁଥିବା ୨ ଯୁବକ ମାଲକାନଗିରି ଜିଲ୍ଲା ଏମ୍‌ଭି-୭୯ ଥାନା ପୋଲିସ ହାତରେ ଶନିବାର ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ତେଲଙ୍ଗାନା ଖମ୍ମାମ ଜିଲ୍ଲାର ଟି.ତ୍ରିନାଥ କୁମାର ଓ ବି. ଯୁବାଚାରଣ ଆଦିତ୍ୟ।

ସୂଚନାନୁଯାୟୀ, ଶନିବାର ଏମ୍‌ଭି ୭୯ ଥାନା ପୋଲିସ ଲଛିପେଟା ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟି ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଏକ ବସ୍ତାରେ ମୋଟ ୨୨ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମଧ୍ୟରାତିରେ ସେମାନେ ଗଞ୍ଜେଇକୁ ଅନ୍ୟ ଅଞ୍ଚଳକୁ ନେଇ ଉଚ୍ଚ ମୂଲ୍ୟରେ ବିକ୍ରିକରି ଟଙ୍କା ଯୋଗାଡ଼କରିବାକୁ ଚେଷ୍ଟା କରୁଥିବା ସୂଚନା ରହିଛି। ପୋଲିସ ସ୍କୁଟି ସହ ଗଞ୍ଜେଇ ଜବତକରି ୨ ଯୁବକଙ୍କୁ ଥାନାକୁ ନେଇଥିଲା। ଏ ନେଇ ଏମ୍‌ଭି ଥାନାରେ କେସ୍ ନଂ.୧୬୮/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ପ୍ରେମିକାମାନଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବା ପାଇଁ ଗଞ୍ଜେଇ ଚୋରାଚାଲାଣ କରୁଥିବା କହିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୦ ହଜାର ହେବା ସୂଚନା ରହିଛି। ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ପ୍ରକାଶ କରିଛନ୍ତି।

## ମରଣାନ୍ତକ ଆକ୍ରମଣ: ୪ ଜଣଙ୍କୁ ୭ବର୍ଷର କାରାଦଣ୍ଡ

ଯାଜପୁର,୧୫।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମରେ ୨୦୧୯ ଅଗଷ୍ଟ ୮ ସନ୍ଧ୍ୟାରେ ଜମିବାଡିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟିଥିଲା। ଏହି ମାମଲାରେ ୪ ଜଣଙ୍କୁ ଯାଜପୁର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ କମ୍ ଆସିଷ୍ଟାଣ୍ଟ ସେସନ୍ ଜଜ୍ ସର୍ବେଶ୍ୱର ଦାସ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଦୋଷୀମାନେ ହେଲେ ସେହି ଗ୍ରାମର ସୁଦର୍ଶନ ମଲ୍ଲିକ, ଲମ୍ବୋଦର ମଲ୍ଲିକ, ନନ୍ଦୀ ମଲ୍ଲିକ(କବିତା) ଓ ଦାମୋଦର ମଲ୍ଲିକ। ପ୍ରତ୍ୟେକ ଦୋଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟ କ୍ଷେତ୍ରରେ ସମସ୍ତଙ୍କୁ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଦେବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସବିତା ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଜମିବାଡିକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଲମ୍ବୋଦର ମଲ୍ଲିକଙ୍କୁ ଉପରୋକ୍ତ ୪ ଜଣ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡରେ ଗୁରୁତର ଆଘାତ ହୋଇଥିଲା। ଏନେଇ ବିଞ୍ଝାରପୁର ଥାନାରେ ଆଇପିସି ଦଫା ୩୪୧/୨୯୪/୩୨୩/୩୦୭/୫୦୬/୩୪ ଅନୁଯାୟୀ ୧୯୧/୨୦୧୯ ନମ୍ବରରେ ମାମଲା ରୁଜୁ ହୋଇଥିଲା। ବିଚାରପତି ୧୧ ଜଣ ସାକ୍ଷ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଆଧାର କରି କାରାଦଣ୍ଡାଦେଶ ଶୁଣାଇଛନ୍ତି। ସମସ୍ତ ଦୋଷୀ ଏକା ସାଙ୍ଗରେ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲାକୁ ଅଦାଲତରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିରଜା ପରିଡ଼ା ପରିଚାଳନା କରୁଥିଲେ।

## ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ, ସାମଗ୍ରୀ ଜବତ

ବନ୍ତଲା,୧୫।୧୧ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାକୋଟ ଓ ଗଞ୍ଜରା ସାହିରେ ଅନୁଗୋଳ ଅବକାରୀ ବିଭଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ, ବ୍ୟାପକ ମହୁଲ ପୋଚ ନଷ୍ଟ ସହ ଅନେକ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏଥିସହ ସନ୍ତୋଷ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉବେଳେ ଅବକାରୀ ଅଧିକାରୀ ନୀଳାଦ୍ରି ନାୟକ, ଗାୟତ୍ରୀ ମାଝୀ, ଯୋଗେଶ୍ୱର ସାହୁ, ରଞ୍ଜନ ସାହୁ ସମୀର ମହାଳିକ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ।


**BOARD OF SECONDARY EDUCATION, ODISHA, CUTTACK**
No.6889 (TBP) Dt.13.11.25
**TENDER CALL NOTICE FOR PREPARATION OF SLC BOOKS OF B.S.E., ODISHA**
No.N-196:
Sealed Tenders are invited in plain paper/ letterhead from quality printers having valid GST clearance certificate and PAN Card (copies to be enclosed with the Tender) for printing, binding and supply of S.L.C. books published by the Board of Secondary Education, Odisha, Cuttack for the session 2025-26. The Tenderer shall deposit Rs.4000/- and GST @18%, total Rs.4720/- only towards the cost of Tender Paper in shape of D.D. in favour of "The Secretary, B.S.E., Odisha, Cuttack," payable at Cuttack. Tender papers will be accepted upto 12.00 noon on dt.05.12.2025 and will be opened on dt.06.12.2025 in the office of the undersigned. For details about the Specifications, Terms & Conditions of SLC Books please visit our website www.bseodisha.ac.in.
OIPR- Sd./- Secretary, B.S.E., Odisha, Cuttack



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
**(WALK-IN-INTERVIEW) FOR IN-HOUSE TRANSFER**
Advt. No.6163/DPMU Dt:14.11.2025
No.E-513: Interested candidates may attend the in-House transfer Walk-in-Interview of the following positions under in-House transfer of NHM contractual employees.

| Sl. No. | Name of the Post | Vacancy | Walk-in-Interview |
|---|---|---|---|
| 1 | AYUSH MO SEBC-2: (Ayurvedic-1 & Homeopathic-1) | 02 | 29.11.2025 (10.00 AM) |
| 2 | Physiotherapist-IPU | 03 | |
| 3 | Dental Technician-DEIC | 01 | |
| 4 | RMNCH/FP Counsellor | 15 | |
| 5 | Accountant cum DEO/ BAM | 01 | |

The application format and details are available in the website https://puri.odisha.gov.in.
OIPR- Sd./-Chief District Medical & Public Health Officer, Puri



**OFFICE OF THE REGULATED MARKET COMMITEE, BHADRAK**
Salandi By-Pass Road, Bhadrak, PIN - 756100
Letter No. 39 Date: 12.11.2025
**SHORT TENDER CALL NOTICE**
No. H-39: The Sub-Collector, Bhadrak-cum-Chairman, RMC, Bhadrak invites rate quoted sealed tender vide Short Tender Call Notice No.23 Dt.12.11.2025 from eligible authenticated suppliers/manufacturers for purchase of grading equipments (Dry Fan) to be required for paddy procurement purposes during KMS 2025-26. All detail information & specification are available in district website https://bhadrak.gov.in.
Sd./- Sub-Collector-cum-Chairman RMC, Bhadrak
OIPR-



**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1589/2025 DATE : 12/11/2025
**NOTICE INVITING TENDER NATIONAL COMPETITIVE BIDDING**
No.C-1452 : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Balance civil work in Big recreational Parkat Koel Nagar on Percentage Rate Basis | 78.39 Lakhs |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 14.11.2025 to 28.11.2025 (up to 17:00 Hrs. IST). Pre- Bid Meeting will be held on 17.11.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No. 8984353513 and Email Id: rourkelascl@gmail.com.
Sd./- Chief Executive Officer
OIPR- Rourkela Smart City Limited



**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in
No. 7088 Date : 11.11.2025
**2nd Corrigendum Notice**
No.O-1456 : Under unavoidable circumstances, the availability of tender online for Annual Maintenance Plan of Rural Roads under Administrative Expenditure of the tender invited vide e-Procurement Notice No.09 Dtd. 27.10.2025/Bid Identification No. NCB-Online 09/EE/RW/AND/2025-26 and 1st corrigendum No.6901 Dtd.04.11.2025 of Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-On line 09/EE/RW/AND/2025-26 | 15.11.2025 at 10.00 A.M. | 21.11.2025 up to 5.00 P.M. | 20.11.2025 up to 5.00 P.M. | 24.11.2025 at 11.30 A.M. |

All other contents remain unchanged
Sd./- Executive Engineer R.W. Division, Anandapur
OIPR-



**OFFICE OF THE NOTIFIED AREA COUNCIL, KODALA**
Odisha, Pin-761032, e-Mail : nackodala@gmail.com
Lt. No.3159/Dev/2025 Dated : 14.11.2025
**CORRIGENDUM**
No.C-1468 : With reference to the e-Procurement notice no.3051/NAC, dated 31/10/2025 and BID IDENTIFICATION No-KOD-NAC-11/2025-26 that appeared on website www.tenderodisha.gov.in on 04/11/2025 and published in the newspaper on 02/11/2025 is hereby cancelled due to some technical issue.
**Further details can be seen from the Procurement Portal : www.tendersorissa.gov.in**
Sd./- Executive Officer, Kodala NAC
OIPR-



**OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No.3271/Date 12.11.2025
Bid Identification No. online SEMIDJAJ-05/2025-26
eemijajpur@gmail.com
No.A-896: The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work : | Construction of RCC Lining & Check Dam under M.I. Division, Jajpur |
| No. of Works: | 02 (Two) Only |
| Estimated Cost: | Varies from 25.42 lakh to 47.48 lakh (Approximately) |
| Cost of Tender Paper: | 6000/- |
| Period of Completion: | 03 (Three) & 06 (Six) Calendar Months |
| Availability of bid documents for sale and receipt through on-line | From dt.16.11.2025, 10.00 A.M. to dt.23.11.2025, upto 5.00 P.M. |
| Last date/time of receipt of bids in the portal | 23.11.2025 (5.00 PM) |
| Date of Opening through online | On dt.24.11.2025 at 11.00 AM in the Office of the S.E., M.I. Division, Jajpur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) |
| Date of lottery if required | 02.12.2025 (11.30 AM) |
| The detail tender call notice can also be seen in the DOWR website http://dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division,Jajpur, At-Bhabaniganj, P.O/District- Jajpur, Pin No.755001, Email ID: eemijajpur@gmail.com |
| Further details can be seen from the e-Procurement http://tendersorissa.gov.in. | |

OIPR- Sd./- Superintending Engineer, M.I.Division, Jajpur



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.4891/Date. 25.10.2025
No.O-1380
**"e" Procurement Notice For Road Works**

| | | | |
|---|---|---|---|
| 1. | Name of the Work | : | Road works under MMSY-Impvt. to Existing RD road |
| 2. | Total No. of works | : | 20 Nos. of Road Works for the year 2025-26 |
| 3. | Estimated Cost of the work | : | Varies from Rs.94.92 lakh to Rs.757.92 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakh up to Rs.3.00 Crores | | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores | | Special Class (of Odisha PWD) or relevant class of other licensing authorities |
| | d) Estimated cost more than Rs.20.00 Crores | | Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.30 of 2025 | 14.11.2025 at 11.00 A.M. | 01.12.2025 up to 5.00 P.M. | 02.12.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR- Sd./- Chief Construction Engineer Central Rural Works Circle, Bhubaneswar



**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051
Phones : 06861-232581 (O)/232641 (R), FAX : 06861-232541, E-Mail : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANPATH, BHUBANESWAR-751022
Tel : 91-0674-2542983, 2542802, 2545526, Fax : 2542102, GRAM HYDROPOWER,
E-Mail : ohpc.co@gmail.com/md@ohpcltd.com, Web : www.ohpcltd.com
CIN:U40101OR1995SGC003963, GSTIN-21AAACO2575P1Z9
**TENDER CALL NOTICE No. BHEP/TECH/40/2025-26 Dtd.10.11.2025**
No.CAD-2289 : The Sealed tenders are invited in single part bid basis from the Manufacturer / Reputed Suppliers / Authorised Dealers for supply of materials as detailed below.

| Sl No. | Description of Items | Cost of tender paper (In Rs.) |
|---|---|---|
| 1 | Supply of 02 Nos. of Pressure reducer valve with installation & commissioning for BHEP, Balimela | Rs.4720/- Inclusive of GST @ 18% |

The Sale of Tender Paper will be from : **15.11.2025 to 01.12.2025 (up to 11:00 hrs)**
The last date & time of receipt of Tenders : **Up to 12:00 hrs of 01.12.2025**
Date and time of opening of the Bid : **01.12.2025 at 12:30 hrs**
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com
OIPR- Sd./- C & P Head BHEP, Balimela

## କାଠ ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ



ଜଳେଶ୍ୱର, ୧୫।୧୧(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଧାନଘେରା ବନ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ଗୁରୁବାର ଅପରାହ୍ନରେ ଭୋଳରୁ ଶାଳବଣି ରାସ୍ତା ମଧ୍ୟରେ ଯିବା ସମୟରେ ଏକ ବେଆଇନ କାଠ ବୋଝେଇ ପିକ୍‌ଅପ୍‌କୁ ଜବତ କରାଯାଇ କେନ୍ଦୁଖୁଣ୍ଟା ବିଟ୍ ହାଉସକୁ ନିଆଯାଇଛି। ଉକ୍ତ ପିକଅପ୍‌ରେ କଦମ୍ବ, ଡୁଡୁରା କାଠ ବୋଝେଇ ନେଇ ପଶ୍ଚିମବଙ୍ଗ ଯାଉଥିଲା। ଜବତ ସମୟରେ ଇନଚାର୍ଜ ଫରେଷ୍ଟର ଦିଲୀପ ସିଂ, ସ୍କ୍ୱାଡ୍ ଦନାର୍ଦ୍ଦନ ପାଲ, ଦୁର୍ଗା ପ୍ରସନ୍ନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ମାମଲା (ନଂ. ଓଆର୍-୩୪-ଜେଏଲ୍ ଅଫ୍ ୨୦୨୫/୨୬) ରୁଜୁ କରାଯାଇ ୨ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଜଳେଶ୍ୱର ଷ୍ଟେଶନ ପରିଦର୍ଶନ କଲେ ରେଳବାଇ ଜିଏମ୍

## ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

ଜଳେଶ୍ୱର, ୧୫।୧୧(ନବୀନ ସାହୁ)

ଜଳେଶ୍ୱର ଷ୍ଟେଶନର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ନିମନ୍ତେ ଗୁରୁବାର ଖଡ଼ଗପୁର ଜିଏମ୍ ଏବଂ ଡିଆରଏମ୍ ପରିଦର୍ଶନ କରିଛନ୍ତି। କୋଲକାତା ଗାର୍ଡେନ୍ ରିଚ୍‌ସ୍ଥିତ ରେଳବାଇ ଜିଏମ୍ ଅନୀଲ କୁମାର ମିଶ୍ର ଜଳେଶ୍ୱର ଷ୍ଟେଶନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷ କରି ଅମୃତ ଭାରତ ଷ୍ଟେଶନ ଯୋଜନାରେ ଷ୍ଟେଶନର ନବୀକରଣ, ଷ୍ଟେଶନରେ ଥିବା ଓଭରବ୍ରିଜ, ପ୍ଲାଟଫର୍ମ ସେଡ, ପ୍ଲାଟଫର୍ମ ଫ୍ଲୋରିଂ, ନୂଆ ଷ୍ଟେଶନ ବିଲ୍ଡିଂ କାମର ମାନ ଓ ଅଗ୍ରଗତି ସମ୍ପର୍କରେ ଜିଏମ୍ ମିଶ୍ର ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଜିଏମ୍‌ଙ୍କ ଏହି ଗସ୍ତ ସମୟରେ ଖଡଗପୁର ଡିଆରଏମ୍ ଲଳିତମୋହନ ପାଣ୍ଡେ, ଜିଏମ୍ ଓ ଡିଭିଜନାଲ ଅଫିସର ସମସ୍ତ ଅଧିକାରୀ ଓ ଜଳେଶ୍ୱର ଷ୍ଟେଶନ ମ୍ୟାନେଜର ଚନ୍ଦନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ଷ୍ଟେଶନ ପରିସରରେ ଜିଏମ୍‌ଙ୍କ ସହ ଅଧିକାରୀମାନେ।

ଅନ୍ୟପକ୍ଷରେ ଜଳେଶ୍ୱର ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ମଧ୍ୟ ଏକ ପ୍ରତିନିଧିମଣ୍ଡଳୀ ଜିଏମ୍‌ଙ୍କ ଏହି ଗସ୍ତ ସମୟରେ ତାଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସମ୍ପାଦକ ରାମଚନ୍ଦ୍ର ଜେନା, ଉପସଭାପତି ଡ. ଅଜିତ କୁମାର ମହାନ୍ତି, ଜଳେଶ୍ୱର ବଣିକ ସଂଘର ସଭାପତି ସୁଧୀର କୁମାର ମହାନ୍ତି, ବନମାଳୀ ଧଳ ପ୍ରମୁଖ ସାମିଲ ଥିଲେ। ଷ୍ଟେଶନରେ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ, ଜଳେଶ୍ୱର ପଶ୍ଚିମବାର୍ଡ ରାସ୍ତାର ୪୬ ନମ୍ବର ରେଳ ଫାଟକରେ ଯାତ୍ରୀଙ୍କ ସୁବିଧା ପାଇଁ ଅବିଳମ୍ବେ ଅଣ୍ଡରପାସ୍ ସହ ଓଭରବ୍ରିଜ୍ ନିର୍ମାଣ, ଷ୍ଟେଶନ ସମ୍ମୁଖରେ ଭକ୍ତ କବି ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଜଳେଶ୍ୱର-ପୁରୀ ମେମୁ ଟ୍ରେନକୁ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ନାମରେ ନାମିତ କରିବା, ଅମୃତ ଭାରତ ଯୋଜନାରେ ଚାଲିଥିବା ନବୀକରଣ କାର୍ଯ୍ୟରେ ସ୍ୱଚ୍ଛତା ରଖିବା ଆଦି ଦାବି ସମ୍ପର୍କରେ ଜିଏମ୍‌ଙ୍କ ସହ ଆଲୋଚନା କରିଥିଲେ।

# ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ସ୍ଥାନକୁ ନେଇ ବିରୋଧାଭାସ



ସରପଞ୍ଚ ଓ ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଖଇରା, ୧୫।୧୧(ଉତ୍କଳବନ୍ଧୁ ପଣ୍ଡା)

## ଜାଗା ପରିବର୍ତ୍ତନ ପାଇଁ ସରପଞ୍ଚ, ଗ୍ରାମ କମିଟି ସଭାପତିଙ୍କ ଦାବି

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଗ୍ରାମରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଶୁକ୍ରବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଶିଳାନ୍ୟାସର ୨୪ ଘଣ୍ଟା ନ ପୂରୁଣୁ ଜାଗା ନିରୂପଣକୁ ନେଇ ବିରୋଧାଭାସ ଆରମ୍ଭ ହୋଇଛି। ଶନିବାର ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ଗ୍ରାମ କମିଟି ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ଭେଟି ଜାଗା ପରିବର୍ତ୍ତନ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ ପୂର୍ବରୁ ଖାତା ନମ୍ବର ୨୩୫ ପ୍ଲଟ ନମ୍ବର ୭୦୬ର ଉତ୍ତର ପୂର୍ବ କୋଣରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ରାଜସ୍ୱ ନିରୀକ୍ଷକ ଜାଗା ଚିହ୍ନଟ କରିଥିଲେ। ହେଲେ ଠିକାଦାର ଇଚ୍ଛା ଅନୁସାରେ ସ୍ଥାନ ପରିବର୍ତ୍ତନ କରି ପ୍ଲଟ ମଝିରେ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିବାରୁ ଏଥିଯୋଗୁଁ ୧ଶହରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହେବାର ଆଶଙ୍କା ଦେଖାଇଦେଇଛି। ଯଦି ସେହି ସ୍ଥାନରେ କାର୍ଯ୍ୟ କରାଯାଏ ସମୂହ ଗ୍ରାମବାସୀ କାର୍ଯ୍ୟବନ୍ଦ କରିବାକୁ ସରପଞ୍ଚ ଚେତାବନୀ ଦେଇଛନ୍ତି।

# ମାଇକ୍ରୋ ଫାଇନାନ୍ସ ଏଜେଣ୍ଟଙ୍କଠାରୁ ଲୁଟ୍ ଘଟଣା: ଜଣେ ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୧୫।୧୧(ବାଞ୍ଛାନିଧି ଦେ)

## ତେଲେଙ୍ଗା କଟୁରୀ ସହ ୩୦ ହଜାର ଜବତ

ଜଣେ ଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କଠାରୁ ୮୮ହଜାର ୫୨୪ ଟଙ୍କା ଲୁଟ୍ ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା କଣ୍ଟାବଣିଆ ଗ୍ରାମର ମୋହନ ଦାସ (୨୫)। ତାଙ୍କଠାରୁ ଏକ ତେଲେଙ୍ଗାକଟୁରୀ ଓ ନଗଦ ୩୦ହଜାର ଟଙ୍କା ଜବତ କରାଯାଇଛି ବୋଲି ସହଦେବଖୁଣ୍ଟା ଥାନା ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଆଇଆଇସି ବିରଞ୍ଚି ସାହୁ ଉପସ୍ଥିତ ଥିଲେ।

ଗତ ୫ତାରିଖ ସକାଳେ ଏକ ଫାଇନାନ୍ସ କମ୍ପାନୀର ଏଜେଣ୍ଟ ଭୋଗରାଇ ଥାନା ଅଞ୍ଚଳର ଗଙ୍ଗାଧର ସାହୁ କଣ୍ଟାବଣିଆ ଗ୍ରାମରୁ ଗ୍ରୁପ କଲେକ୍ସନ ସାରି ଫେରୁଥିଲେ। ବାଇକ୍ ଡିକିରେ କଲେକ୍ସନ ହୋଇଥିବା ୮୮ହଜାର ୫୨୪ ଟଙ୍କା ନେଇ ବାଲେଶ୍ୱର ଆସୁଥିବା ବେଳେ ଦହପଡ଼ା ପେଟ୍ରୋଲ ପମ୍ପଠାରେ ୩ଜଣ ଲୁଟେରା ତାଙ୍କୁ ଅଟକାଇଥିଲେ। ତେଲେଙ୍ଗା କଟୁରୀ ଦେଖାଇ ଡିକିଭାଙ୍ଗି ସମସ୍ତ ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ଗତ ୮ ତାରିଖରେ ଏକ ମାମଲା (ନଂ. ୪୦୦/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ପୋଲିସର ଏକ ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିଏସ୍‌ପି ଗୋଚ୍ଛାୟତ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନୀଳଗିରି କୃଷକ ମଞ୍ଚର ବିକ୍ଷୋଭ

## ଇକୋ ସେନ୍‌ସିଟିଭ୍ ଜୋନ୍ ପ୍ରତ୍ୟାହାର ଦାବି

ବାଲେଶ୍ୱର, ୧୫।୧୧(ବାଞ୍ଛାନିଧି ଦେ)

ନୀଳଗିରି କୃଷକ ମଞ୍ଚ ପକ୍ଷରୁ ଇକୋ ସେନସିଟିଭ ଜୋନ ଘୋଷଣାକୁ ପ୍ରତ୍ୟାହାର ଦାବି ହୋଇଛି। ଏହାର ପ୍ରତିବାଦରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ କରାଯାଇଛି।

ଦୀର୍ଘ ୨ ବର୍ଷ ଧରି ଜିଲାପାଳ ଓ ନୀଳଗିରି ଉପଜିଲାପାଳଙ୍କ ଜରିଆରେ ଇକୋ ସେନସିଟିଭ ଜୋନ୍‌କୁ ଜନବସତିରୁ ଦୂରେଇ ରଖିବା ପାଇଁ ଦାବି ଜଣାଇଥିଲେ ସୁଦ୍ଧା ଫଳ ଶୂନ। କେନ୍ଦ୍ର ସରକାର ୨୦୧୬ରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ବାଲେଶ୍ୱର ଜିଲାର ନୀଳଗିରି, ସୋର, ଔପଦା, ଖଇରା ତହସିଲ ଓ ମୟୂରଭଞ୍ଜ ଜିଲାର କପ୍ତିପଦା ତହସିଲର ୨୦୪ଟି ରାଜସ୍ୱ ଗ୍ରାମକୁ ନେଇ କୁଲଡ଼ିହା ଅଭୟାରଣ୍ୟ ସୀମାରୁ ୫ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳକୁ ଇକୋ ସେନସିଟିଭ ଜୋନ ଘୋଷଣା କରିଥିଲେ। ମାତ୍ର ପ୍ରତିବାଦ ହେବାରୁ ଜନବସତିକୁ ବାଦ୍ ଦେଇ ଇକୋ ସେନସିଟିଭ ଜୋନ କରାଯିବାକୁ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ପ୍ରତିଶ୍ରୁତି ଦେଇଥିଲେ। ପରେ ୨୦୧୭ରେ କେବଳ ନୀଳଗିରି ଏନଏସିକୁ ବାଦ୍ ଦେଇ ବାକି ୨୦୪ଟି ଜନବସତିପୂର୍ଣ୍ଣ ରାଜସ୍ୱ ଗ୍ରାମକୁ ନେଇ ସରକାରୀ ଭାବେ ଇକୋ ସେନସିଟିଭ ଜୋନ ଘୋଷଣା କରିଥିଲେ। ଏହାକୁ ବିରୋଧ କରି ଶନିବାର ୨୦୪ ରାଜସ୍ୱ ଗ୍ରାମର ଶତାଧିକ ଗ୍ରାମବାସୀ ବାଲେଶ୍ୱର ଷ୍ଟେଶନ୍ ନିକଟରୁ ଏକ ପଦଯାତ୍ରାରେ ସହର ପରିକ୍ରମା କରି ବିକ୍ଷୋଭ କରିଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କାଳିପଦା, ୧୫।୧୧
(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ଥାନାରେ ବୁଧବାର ନୂତନ ଭାବେ ଯୋଗଦେଇଥିବା ଆଇଆଇସି ସଲିଖାନ ମୁର୍ମୁଙ୍କୁ ବାଲିଆପାଳ ପୂର୍ବତନ ସୈନିକ ସଙ୍ଗଠନ ପକ୍ଷରୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ, ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା, ଚୋରା କାରବାର ରୋକିବା ଦିଗରେ କାର୍ଯ୍ୟ କରିବା ପାଇଁ ସଙ୍ଗଠନ ସଭାପତି କମଳଲୋଚନ ପିଳା ଆଇଆଇସି ମୁର୍ମୁଙ୍କୁ ଅନୁରୋଧ କରିଥିଲେ। ଏହିଅବସରରେ ସଙ୍ଗଠନର ଉପସଭାପତି ମନୋଜ କୁମାର ସି, ସମ୍ପାଦକ ରାଧାନାଥ ରାଉତ, ସଦସ୍ୟ ରାମଚନ୍ଦ୍ର ଜେନା, ସୁଶାନ୍ତ ରାଉତ, ମୁକୁନ୍ଦ ସି, ଦେବେନ୍ଦ୍ର ନନ୍ଦୀ, ଅଜୟ କୁମାର ଦାସ ଅଧିକାରୀ, ପ୍ରମୋଦ କୁମାର ସି, ପଦ୍ମଲୋଚନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ‘ପ୍ରୋଜେକ୍ଟ ସଂଯୋଗ ଏକ୍ସପ୍ରେସ୍ : ଅପେକ୍ଷାରୁ ମୁକ୍ତି’

## ୪୮ ଘଣ୍ଟାରେ ୯୫% ନୂଆ ବିଦ୍ୟୁତ ସଂଯୋଗ ଆବେଦନର ସମାଧାନ

ବାଲେଶ୍ୱର, ୧୫।୧୧(ବାଞ୍ଛାନିଧି ଦେ)

ଟିପିଏନଓଡିଏଲ୍ ୪୮ଘଣ୍ଟା ମଧ୍ୟରେ ୯୫% ନୂତନ ବିଦ୍ୟୁତ୍ ସଂଯୋଗ ଆବେଦନର ଫଇସଲା କରି ଗ୍ରାହକ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ‘ପ୍ରୋଜେକ୍ଟ ସଂଯୋଗ ଏକ୍ସପ୍ରେସ୍ : ଅପେକ୍ଷାରୁ ମୁକ୍ତି’ ପଦକ୍ଷେପ ଯୋଗୁ ସମ୍ଭବ ହୋଇପାରିଛି। ନୂଆ ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟାକୁ ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ଗ୍ରାହକ-କେନ୍ଦ୍ରିକ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ନୂତନ ବିଦ୍ୟୁତ୍ ସଂଯୋଗକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ୍ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଆଧୁନିକୀକରଣ ଏବଂ ଡିଜିଟାଇଜ କରିବା ପାଇଁ ବିଜନେସ୍ ପ୍ରୋସେସ୍ ରି-ଇଞ୍ଜିନିୟରିଂ (ବିପିଆର) କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଅଧୀନରେ ଅନେକ ପ୍ରମୁଖ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି ଯେପରିକି

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଏକକ-ପଦକ୍ଷେପ ପ୍ରକ୍ରିୟାକରଣ। ଯାହା ଯୋଗ୍ୟ ମାମଲା ପାଇଁ ସାଇଟ୍ ଯାଞ୍ଚ ଏବଂ ମିଟର ସ୍ଥାପନକୁ ଏକା ସମୟରେ ସମ୍ଭବ କରିବ, ଯାହାଦ୍ୱାରା ସମାନ-ଦିନ ସଂଯୋଗ ପ୍ରଦାନ କରାଯାଇପାରିବ। ସେହିଭଳି ଏକ ଜିଆଇଏସ୍ ଲିଙ୍କ୍ ହୋଇଥିବା ମୋବାଇଲ୍ ଆପ୍ ମାଧ୍ୟମରେ ଗ୍ରାଉଣ୍ଡରେ ଥିବା କର୍ମଚାରୀଙ୍କୁ ଆବଶ୍ୟକ ସମୟରେ ବକେୟା ଦେୟ ଯାଞ୍ଚ କରିବାକୁ ଅନୁମତି ଦେବା ସହିତ ଡିଜିଟାଇଜଡ୍ ଅନୁମୋଦନ ବ୍ୟବସ୍ଥା ଦ୍ୱାରା ନିର୍ବିଘ୍ନରେ କାଗଜପତ୍ର ଯାଞ୍ଚ ହୋଇ ସ୍ୱୟଂଚାଳିତ ଭାବେ ବିଲିଂ ପ୍ରକ୍ରିୟା ଆରମ୍ଭ ହୋଇପାରିବ। ଏହି ପଦକ୍ଷେପ ପାଇଁ ନୂଆ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବାରେ ଲାଗୁଥିବା ସମୟ ଯଥେଷ୍ଟ ହ୍ରାସ ପାଇଛି। ଦ୍ରୁତସେବା ଏବଂ ତୁରନ୍ତ ବିଲିଂ ଆରମ୍ଭ ହେବା ଦ୍ୱାରା ଉପଭୋକ୍ତାମାନେ ଉପକୃତ ହେବେ।

ଟିପିଏନଓଡିଏଲ୍‌ର ସିଇଓ ଗଜାନନ କାଲେ ପ୍ରୋଜେକ୍ଟ ସଂଯୋଗ ଏକ୍ସପ୍ରେସ୍ ମାଧ୍ୟମରେ ପ୍ରତ୍ୟେକ ପ୍ରକ୍ରିୟାର କେନ୍ଦ୍ରରେ ଗ୍ରାହକଙ୍କୁ ସାମିଲ କରିବା ପ୍ରତି ଥିବା ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିଛୁ। ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଏବଂ ପୁରୁଣା ସିଷ୍ଟମଗୁଡ଼ିକରେ ସୁଧାର ଆଣି ନୂତନ ଗ୍ରାହକଙ୍କ ପାଇଁ ଏକ ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ନିର୍ଭରଯୋଗ୍ୟ ଅଭିଜ୍ଞତା ଆଣିଦେବାକୁ ଚାହୁଁଛୁ ବୋଲି କହିଥିଲେ।


# କୋର୍ଟର ଅସ୍ଥାୟୀ ଗୃହ ପରିଦର୍ଶନ କଲେ ଜିଲା ମୁଖ୍ୟ ବିଚାରପତି

ବାହାନଗା, ୧୫।୧୧(ଅରୂପ୍ କୁମାର ଦାସ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଜେଏମ୍ଏଫସି କୋର୍ଟ ପ୍ରତିଷ୍ଠା କରାଯିବ। ସେହି ଅନୁଯାୟୀ ଶନିବାର ବାହାନଗା କୋର୍ଟର ଅସ୍ଥାୟୀ ଗୃହ ସ୍ଥାପନ ନିମନ୍ତେ ବାଲେଶ୍ୱର ଜିଲା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ସତ୍ୟନାରାୟଣ ମିଶ୍ର ଓ କୋର୍ଟ ରେଜିଷ୍ଟ୍ରାର ଶୀତିକଣ୍ଠ ପ୍ରଧାନଙ୍କ ସମେତ କୋର୍ଟ କର୍ମଚାରୀମାନେ ଗୋପାଳପୁରକୁ ଆସି ଏକ ଅସ୍ଥାୟୀ ଦ୍ୱିମହଲା ଘର ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ସମୟରେ ସମସ୍ତ ଦଳର ଲୋକପ୍ରତିନିଧିଙ୍କ ସମେତ ଆଇନଜୀବୀ ଉପସ୍ଥିତ ଥିଲେ। ସରକାର ବାହାନଗା ବ୍ଲକର ଗୋଟିଏ କୋର୍ଟ ସ୍ଥାପନ ନିମନ୍ତେ ପୂର୍ବ ସରକାର ନିର୍ଦ୍ଦେଶ ଦେଇଥିଲେ। ଏନେଇ ସମସ୍ତ କାଗଜପତ୍ର ସରିଥିଲା ସେହି ଅନୁଯାୟୀ ବାହାନଗା ବ୍ଲକର ଜେଏମଏଫସି କୋର୍ଟ (ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ କୋର୍ଟ) ସ୍ଥାପନ ପାଇଁ ଠିଆସିଛି। ମାତ୍ର ତାହା ବ୍ଲକର କେଉଁ ସ୍ଥାନରେ ହେବ ଓ ଘର ନିର୍ମାଣ ପାଇଁ ଆବଶ୍ୟକ ୩ ଏକର ଜମି ଥିବ ସେହି ସ୍ଥାନରେ କୋର୍ଟ ନିର୍ମାଣ କରାଯିବ। ସେତେଦିନ ପର୍ଯ୍ୟନ୍ତ ଏକ ଅସ୍ଥାୟୀ ଘରେ କୋର୍ଟ ନିର୍ମାଣ ପାଇଁ ସରକାର ଇଚ୍ଛା ପ୍ରକାଶ କରୁଥିବାରୁ ତୁରନ୍ତ ଏକ ଅସ୍ଥାୟୀ ଗୃହ ଓ ହାଜତ, ଅଫିସ ହୋଇପାରୁଥିବା ସମସ୍ତ ସୁବିଧା ଥିବା ଘର ପରିଦର୍ଶନ କରାଯାଇଛି।



କୋର୍ଟର ଅସ୍ଥାୟୀ ଗୃହକୁ ଜିଲା ମୁଖ୍ୟ ବିଚାରପତି ପରିଦର୍ଶନ କରୁଛନ୍ତି।

# ‘ଛାତ୍ରୀମାନେ ନିର୍ଭୀକ ହୁଅନ୍ତୁ’

## ‘ଆଇନ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟ’ ସମ୍ପର୍କିତ କାର୍ଯ୍ୟକ୍ରମ

ବାରିପଦା,୧୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବିଶ୍ୱବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ସ୍ମରଣିକା ଉନ୍ମୋଚନ କରାଯାଉଛି।

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ଦ୍ୱାରା ‘ଆଇନ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟ’ ଶୀର୍ଷକ କାର୍ଯ୍ୟକ୍ରମ ଶନିବାର ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରତି ବିଶ୍ୱବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ସ୍ଥାପନ ଦ୍ୱାରା ଛାତ୍ରୀଙ୍କ ମଧ୍ୟରେ ମହିଳା ସଶକ୍ତୀକରଣ ଓ ଏହାର ଆଇନଗତ ସଚେତନତା ବୃଦ୍ଧି ପାଇବ ବୋଲି ଆଶା ପ୍ରକଟ କରିଥିଲେ। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ କରାଯିବ ବୋଲି ଏହି ଅବସରରେ କୁଳପତି କହିଛନ୍ତି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ମହିଳା ସଶକ୍ତୀକରଣ ଏବଂ ମାନସିକ ସ୍ୱାସ୍ଥ୍ୟ ସହ ଏହାର ଆଇନଗତ ସଚେତନତାର ଘୋର ଅଭାବ ରହିଛି ବୋଲି କହିବା ସହ ଏହି ଦିଗରେ ଛାତ୍ରୀମାନଙ୍କୁ ନିର୍ଭୀକ ହୋଇ ଆଗକୁ ଆସିବାକୁ ପ୍ରେରଣା ଦେଇଥିଲେ। ଛାତ୍ରୀମାନେ ନିଜର ଦୁର୍ବଳତାକୁ ଚିହ୍ନି ସେ ଦିଗରେ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ସମାଜସେବୀ ନମ୍ରତା ଚଢା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନିଜର ଅଧିକାର ବିଷୟରେ ସଚେତନ ହେବା ସହ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ସଚେତନତା କେବଳ ଛାତ୍ରୀମାନଙ୍କ ଆବଶ୍ୟକ ନୁହେଁ, ବରଂ ଛାତ୍ରଙ୍କ ପାଇଁ ମଧ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। କେବଳ ‘ବେଟି ବଚାଓ ବେଟି ପଢ଼ାଓ’ ନୁହେଁ ବରଂ ‘ବେଟା କୋ ସମଝାଓ’ ନାରାର ଆବଶ୍ୟକତା ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡ. ରେଖା ଭଗତ ମାନସିକ ସ୍ୱାସ୍ଥ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ଏବଂ ଏହା କ୍ୟାମ୍ପସରେ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ ବୋଲି ମତପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ଅଧ୍ୟକ୍ଷା ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ. ବିଷ୍ଣୁପ୍ରିୟା ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶକ୍ତିଶ୍ରୀ ସାଥୀ ସମୀକ୍ଷା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସାୟେଦା ଫୌଜିୟା ମାନୋୱାର, ରଶ୍ମି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ‘ଝରାପତ୍ରର ଲୁହ’ ଶୀର୍ଷକ ନାଟକ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜନଜାତୀୟ ଗୌରବ ଦିବସ


ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

ଠାକୁରମୁଣ୍ଡା/ ଗୋପବନ୍ଧୁ ନଗର,୧୫।୧୧ (ତାରାକାନ୍ତ ପଟ୍ଟନାୟକ/ ଶାନ୍ତନୁ କୁମାର ମଢୁଆଳ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜନଜାତୀୟ ଦିବସ ତଥା ଆଦିବାସୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏଥିସହିତ ସହଯୋଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଠାକୁରମୁଣ୍ଡା ବିଡିଓ ସପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥିଭାବେ ଡା. ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥିଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବର ସଭାପତି ଶରତ ତ୍ରିପାଠୀ ଯୋଗଦେଇ ଅଭିଭାବକ ବାସ୍ତବ ଅର୍ଥରେ ସ୍କୁଲର ସହଯୋଗୀ ଓ ସହାଭାଗୀ ହେଲେ ସ୍କୁଲର ଚିତ୍ର ଚରିତ୍ର ବଦଳିବା ସହିତ ପିଲାଙ୍କୁ ନୂତନ ଦିଗଦର୍ଶନ ଦେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିପିଡ଼ିଓ ଯାଜ୍ଞପ୍ରଭା ମିଶ୍ର, କବୟିତ୍ରୀ ପଦ୍ମାବତୀ ସିହ୍ନା, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଭିଭାବକଙ୍କ ମଧ୍ୟରୁ ଗୋପାଳ ମାଝୀ, ସୁରଭି ବାନ୍ଦିଆ, ପୁରୁଷୋତ୍ତମ ପାତ୍ର ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଜନଜାତୀୟ ଦିବସ ପାଳନ ଅବସରରେ ଅଭିଭାବକଙ୍କ ମଧ୍ୟରେ ଓ ଛାତ୍ରୀଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ଆୟୋଜନ କରାଯାଇଥିଲା। କୃତିତ୍ୱ ହାସଲ କରିଥିବା ଅଭିଭାବକ ଓ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିରେଖା ମାଝୀ ଓ ମନ୍ଦାକିନୀ ମହାନ୍ତ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ତରଣୀସେନ ମହାନ୍ତ ଓ ଆରତୀ ମହାନ୍ତି ତଥ୍ୟ ଉପସ୍ଥାପନା କରିଥିଲେ। ଶିକ୍ଷକ ସଚ୍ଚିନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୋପବନ୍ଧୁ ନଗର ବ୍ଲକ୍ ଆରପଟା ପଞ୍ଚାୟତସ୍ଥିତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ସଞ୍ଜୟ କୁମାର ସିଂ, ମୁଖ୍ୟ ବକ୍ତା ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍ର ସଭାପତି ନିମାଇଁ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଖବରଦାତା ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଢୁଆଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର ସିଂ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସିଂ, ଶିକ୍ଷକ ବୁଧୁରାମ ସିଂ ପ୍ରମୁଖ ଯୋଗଦେଇଥିଲେ।ସହକାରୀ ଶିକ୍ଷକ ଉତ୍ସବ ସାହୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୦ ଜଣ ଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରୀତାଞ୍ଜଳୀ ମହାନ୍ତି, ଶିକ୍ଷକ ବାଦଲ ମହାନ୍ତ, ପ୍ରଫୁଲ୍ଲ ମହାକୁଡ ସହଯୋଗ କରିଥିଲେ।

# ୬ ଡମ୍ଫର, ୨ ଜେସିବି ଜବତ

ମୋରଡ଼ା/ ରାସଗୋବିନ୍ଦପୁର,୧୫।୧୧ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମାଟି ଖନନ ହୋଇ ବାହାର ଜିଲା ଓ ରାଜ୍ୟକୁ ଚାଲାଣ ହେଉଛି। ସୂଚନା ଅନୁଯାୟୀ, ପଡ଼ୋଶୀ ବାଲେଶ୍ୱର ଜିଲାରେ ରେଳ ରାସ୍ତା କାମ ନିମନ୍ତେ ଏକ ଘରୋଇ କମ୍ପାନୀ ରାସଗୋବିନ୍ଦପୁର ତହସିଲ ଅଞ୍ଚଳରୁ ପର୍ମିଟ ନେଇଥିଲେ ମଧ ଗୋଟିଏ ପର୍ମିଟରେ ଏକାଧିକବାର ମାଟି ଖନନ କରି ନେଉଛି। ଶନିବାର ସକାଳେ ନାକିଚୁଆ ଅଞ୍ଚଳରେ ଗୋଚର ଜମିରୁ ମାଟି ଖନନ ହୋଇ ଚାଲାଣ ହେଉଥିବା ଖବର ପାଇ ମାଇନିଂ ଅଧିକାରୀ ରଞ୍ଜନ କୁମାର ବଡ଼ନାଏକଙ୍କ ନେତୃତ୍ୱରେ ପୋଲିସ ୬ଟି ଡମ୍ଫର ଏବଂ ୨ଟି ଜେସିବି ଜବତ କରି ଥାନାକୁ ନେଇଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ମୋରଡ଼ା,୧୫।୧୧(ସ୍ମାରକ ମାଜୀ)


ଅତିଥିମାନେ ସଫଳ ଚାଷୀ ସରୋଜ କୁମାର ଦେହୁରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ମୟୂରଭଞ୍ଜ ଜିଲା ମୋରଡ଼ା ଯାତ୍ରା ପଡ଼ିଆରେ ଶନିବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବିଡିଓ ଅଣାକର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଦେବବ୍ରତ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ ରଞ୍ଜନ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନ, ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ସଭ୍ୟ ଅଭିରାମ ଭୋଇ, ଏମ୍ପିଙ୍କ ପ୍ରତିନିଧି ନିରଞ୍ଜନ ମହାନ୍ତ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ମୋରଡ଼ା ସରପଞ୍ଚ ରବି ସିଂ ଏବଂ ମୁଖ୍ୟବକ୍ତା ଭାବେ ଜିଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ଜେନା ଯୋଗ ଦେଇଥିଲେ। ସରକାରୀ ସହାୟତାରେ ମୋରଡ଼ାବାସୀ ଫୁଲ, ପନିପରିବା, ମାଛ ଇତ୍ୟାଦି ଚାଷ କରି ରୋଜଗାରକ୍ଷମ ହୋଇପାରିବେ ଏବଂ ବର୍ତ୍ତମାନର ସବୁଠୁ ବଡ଼ ଦାଦନ ଦୁଃଖ ଦୂର ହୋଇପାରିବ। ସେହିପରି ବୈଜ୍ଞାନିକ ପ୍ରଣାଳୀରେ ଚାଷ ଦ୍ୱିଗୁଣିତ ହୋଇପାରିବ ଓ ଚାଷୀମାନେ ଚାଷ ବାବଦରେ ବ୍ଲକ ଅଧିକାରୀଙ୍କ ନିକଟରୁ ପରାମର୍ଶ ନେଇପାରିବେ ବୋଲି ମନ୍ତ୍ରୀ କହିଥିଲେ। କାମଧେନୁ ଯୋଜନାରେ ସଫଳ ହୋଇଥିବା ଚାଷୀ ସରୋଜ କୁମାର ଦେହୁରୀଙ୍କୁ ଟ୍ରଫି, ମାନପତ୍ର ସହ ୮୦,୬୪୦ ଟଙ୍କାର ଚେକ୍ ମନ୍ତ୍ରୀ ପ୍ରଦାନ କରିଛନ୍ତି। ସେହିପରି ଗୋପାଳନ, ଛେଳି, କୁକୁଡ଼ା ପାଳନ, ମାଛ ଚାଷ କରି ସଫଳ ହୋଇଥିବା ଚାଷୀ ଜଗଦୀଶ ବେହେରା, କ୍ଷିତୀଶ ଚନ୍ଦ୍ର ମହାନ୍ତ, ସୁଶାନ୍ତ କୁମାର ଜେନା ଓ ବିଜୟ କୁମାର ତରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ‘ଚାଷୀର ଉନ୍ନତିରେ ଦେଶର ଉନ୍ନତି’

## ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଉପସ୍ଥିତ ଅତିଥି।

ଝାରପୋଖାରିଆ,୧୫।୧୧ (ସୁଧୀର କୁମାର ମହାନ୍ତ)


ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଏକ ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ମା’ ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ସାରସକଣା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟନାରାୟଣ ପୁଷ୍ଟିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରି ଚାଷୀର ଉନ୍ନତି ହେଲେ ଦେଶର ଉନ୍ନତି ଶୀର୍ଷ ସ୍ଥାନରେ ପହଞ୍ଚିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରମଣୀ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ (କୁଳିଅଣା) ଡ. ବିଜ୍ଞାନ ମୋହନ ପୁଥାଳ, ମତ୍ସ୍ୟ ବିଶେଷଜ୍ଞ ଡ. ସୁଧାଂଶୁ ଶେଖର ବେହେରା, ବ୍ଲକ୍ ଉପାଧ୍ୟକ୍ଷ ମିହିର ଘୋଷ ପ୍ରମୁଖ ଯୋଗଦେଇଥିଲେ। ବେତନଟୀ ବ୍ଲକ୍ ଅଁଳା ପ୍ରାଣୀ ଚିକିତ୍ସକ ଡ. ରାକେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଚାଷୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପଶୁ ପାଳନ ଓ ମତ୍ସ୍ୟ ଚାଷ ସମ୍ପର୍କିତ ଉପରେ ସାରଗର୍ଭକ ଭାଷଣ ପ୍ରଦାନ ଜନତାଙ୍କ ହିତାର୍ଥେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଶ୍ରେଷ୍ଠ ଗୋ ପାଳକ ଭାବେ ପିଙ୍କି ସେନାପତି, କୁଣ୍ଡ ମାଛ ଚାଷରେ ସିଂ ରାଇ ମାଝୀ, ଶଙ୍କର ଜାତୀୟ ଗୋ ପାଳନ ପାଇଁ ବସୁମତୀ ଦାସ, ସଫଳ କୁକୁଡ଼ା ଚାଷୀ ମା’ ତୁଳସୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରେଷ୍ଠ କୁଣ୍ଡ ମତ୍ସ୍ୟ ଚାଷ ଉଦ୍ୟୋଗୀ ବାସନ୍ତୀ ମହାନ୍ତ, ଯାଆଁଳା ମାଛ ଚାଷ ପାଇଁ ସାର୍ଥରା ହେମ୍ବ୍ରମ, ସଫଳ ଚାଷୀଭାବେ ମା’ ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହିତ ମତ୍ସ୍ୟ ପୋଖରୀ ଉଦ୍ୟୋଗୀ ଝରଣା ମଣି ମହାନ୍ତିଙ୍କୁ ଅର୍ଥ ରାଶି ସହିତ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉନ୍ନତମାନର ଦୁଗ୍ଧ ପ୍ରଦାନକାରୀ କାମଧେନୁ ଓ ଶଙ୍କର ଜାତୀୟ ମାଇ ବାଛୁରୀ ପାଳନ ନିମନ୍ତେ କୁମେଦ ସିଂ, ଅଣ୍ଡା ପ୍ରଦାନକାରୀ କୁକୁଡ଼ା ପାଳନ ନିମନ୍ତେ ପ୍ରତିମା ଦାସ, କବିତା ମହାନ୍ତ, ଗୀତା ପାତ୍ରଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଶେଷରେ ସାରସକଣା ସହ ମତ୍ସ୍ୟ ଚାଷ ଅଧିକାରିଣୀ ସସ୍ମିତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସାଂସ୍କୃତିକ ମାଧମରେ କୁଳିଅଣା ବ୍ଲକ୍ ଗୌଡ଼ ରାମା ପାଲା ପରିବେଶ ସଂସ୍ଥା ଦ୍ୱାରା ଗୋ ସମ୍ପଦ ବିଷୟରେ ପାଲା ପରିବେଷଣ କରାଯାଇଥିଲା।

# ବିର୍ସା ମୁଣ୍ଡାଙ୍କ ଜନ୍ମତିଥିକୁ ସରକାରୀ ଛୁଟି ଘୋଷଣା ଦାବି

ବଡ଼ସାହି,୧୫।୧୧ (ସସ୍ମିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର କେନ୍ଦୁଆସାହି ବିର୍ସା ମୁଣ୍ଡା ଛକଠାରେ ବୁରୁବଙ୍ଗା ସାସାଙ୍କର କମିଟି, ବୁରୁବଙ୍ଗା ଯୁବକ ସଂଘ ଓ ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶନିବାର ସ୍ୱାଧୀନତା ସଂଗ୍ରାମୀ, ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାହାନ ଗୁରୁ ବସନ୍ତ କୁମାର ସିଂ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମର ଦକ୍ଷ ଚାଷୀ ଶୋଭାକର ସିଂ ଯୋଗ ଦେଇଥିଲେ। ବୁରୁବଙ୍ଗା ଯୁବକ ସଂଘର ସଭାପତି ବିରେନ୍ଦ୍ର ସିଂ, ଉପସଭାପତି ସୁରେନ୍ଦ୍ର ସିଂ, ରବୀନ୍ଦ୍ର ସିଂ, ଗୌତମ ସିଂ ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ମାତୃଭାଷା ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ଓ ତାଙ୍କ ଜନ୍ମତିଥିକୁ ସରକାରୀ ଛୁଟି ଘୋଷଣା ପାଇଁ ଦାବି କରିଛନ୍ତି। ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକୁରାମ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ସିଂ, ସୁରଜ କୁମାର ସିଂ, ବିନୋଦ ସିଂ, ବାପି ସିଂ, ରାଜୁ ସିଂ, ଲିଜା ସିଂ ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଶେଷରେ ପାହାନ ଗୁରୁ ସମସ୍ତଙ୍କ ମଙ୍ଗଳ ଓ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ମନୋରଞ୍ଜନ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


କେନ୍ଦୁଆସାହି ବିର୍ସା ମୁଣ୍ଡା ଛକଠାରେ ଜୟନ୍ତୀ ପାଳନ କରାଯାଉଛି।



# ନଦୀକୁ ଶୌଚହେବାକୁ ଯାଇ ବୃଦ୍ଧ ନିଖୋଜ

ଧୁଷୁରୀ, ୧୫।୧୧(ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ପାଳସାହି ପଞ୍ଚାୟତ କୁଲସାହି ଗ୍ରାମର ଦୀନବନ୍ଧୁ ବିଶ୍ୱାଳ(୭୧) ଶୁକ୍ରବାର ରାତିରୁ ନିଖୋଜ ଅଛନ୍ତି। ସୂଚନା ଅନୁଯାୟୀ, ସେ ରାତି ୮ଟା ବେଳେ ଘର ନିକଟ ଥିବା ବୈତରଣୀ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ବୋହୂଙ୍କୁ ଭାତ ବାଢ଼ିବାକୁ କହି ଯାଇଥିବା ଦୀନବନ୍ଧଙ୍କର ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ନଦୀରେ ଥିବା ତୁଠ ନିକଟରେ ତାଙ୍କ ଜୋତା ପଡ଼ିଥିବା ଦେଖି ନଦୀକୁ ତାଙ୍କ ଗୋଡ଼ ଖସି ଯାଇଥିବା ଅନୁମାନ କରି ସେମାନେ ଧାମନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଶନିବାର ସକାଳେ ଅଗ୍ନିଶମ ବାହିନୀ ପହଞ୍ଚି ଧୁଷୁରୀ ଥାନା ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏବଂ ପରେ ପୁଣି ଅପରାହ୍ନ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ଦୀନବନ୍ଧୁଙ୍କୁ ଠାବ କରାଯାଇପାରି ନାହିଁ।

# ଚରମ୍ପାରୁ ହଟିଲା ଜବରଦଖଲ

## ଭଙ୍ଗାଗଲା ୩୦୦ରୁ ଊର୍ଦ୍ଧ୍ୱ ଦୋକାନ

ଭଦ୍ରକ,୧୫।୧୧(ସନାତନ ରାଉତ)

ପୂଜା ପାର୍ବଣ ପାଇଁ କିଛିଦିନର ବିରତି ପରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପୁଣିଥରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଚରମ୍ପାରୁ ଜବରଦଖଲ ହଟାଇବା ପାଇଁ ଶନିବାର ଚରମ୍ପା ବଜାର ଛକରୁ ଷ୍ଟେଶନ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଦୋକାନ ଉଚ୍ଛେଦ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ତେବେ ଏହି ଉଚ୍ଛେଦ ପ୍ରକ୍ରିୟାକୁ ଚରମ୍ପା ବ୍ୟବସାୟୀ ସଂଘ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ମାପଚୁପ ପରେ ଦଖଲରୁ ହଟିଯିବାକୁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଇଥିଲା। ଏହାପରେ ବ୍ୟବସାୟୀମାନେ ନିଜ ଆଡୁ ଦୋକାନ ଘର ଖାଲି କରିଥିଲେ। ଦୀର୍ଘବର୍ଷ



ଚରମ୍ପା ବଜାରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଧରି ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲରେ ଥିବାବେଳେ ଭୋଟ୍ ରାଜନୀତି ପାଇଁ ପୂର୍ବରୁ ଉଚ୍ଛେଦ କରାଯାଉ ନ ଥିଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି। ଉଚ୍ଛେଦ ପରେ ଯେଉଁମାନେ ପ୍ରକୃତରେ ଗରିବ, ଏହି ଦୋକାନରୁ ସେମାନଙ୍କ ପରିବାର ଚଳୁଥିଲା ସେମାନଙ୍କୁ ଚିହ୍ନଟ କରାଯାଇ ଥଇଥାନ କରାଯାଉ ବୋଲି ଯୁବନେତା ତପନ ରାଉତ ଦାବି କରିଛନ୍ତି। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ରେଲୱେ ଷ୍ଟେଶନ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଉଚ୍ଛେଦ ପରେ ଯାତାୟାତ ସୁଗମ ହେବ। ଦୀର୍ଘବର୍ଷ ଧରି ସରକାରୀ ଜମିରେ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରାଯାଇଥିଲା। ଫଳରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ମଧ୍ୟ ଘଟୁଥିଲା ବୋଲି ୧ ନଂ. ୱାର୍ଡ ବାସିନ୍ଦା ବିମଳ କୁମାର ମିଶ୍ର କହିଛନ୍ତି। ଏନେଇ ଉପଜିଲାପାଳ ଚକ୍ରବର୍ତ୍ତୀ କହିଛନ୍ତି, ରେଲୱେ ଷ୍ଟେଶନଠାରୁ ଛକ ପର୍ଯ୍ୟନ୍ତ ସଂକୀର୍ଣ୍ଣ ରାସ୍ତା ପାଇଁ ସବୁବେଳେ ଗହଳି ହୋଇଥାଏ। ଏପରିକି ପୂଜା ପାର୍ବଣ ସମୟରେ ଏହି ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ବାହାରକୁ ଯାଇଥାଏ। ଉଚ୍ଛେଦ ପରେ ରାସ୍ତା ପ୍ରଶସ୍ତ କରାଯିବ। ଯାହାଦ୍ୱାରା ଏସବୁ ସମସ୍ୟାର ସମାଧାନ ହୋଇପାରିବ।

# ‘ସ୍କୁଲଠୁ ଭଲ ମଣିଷ ହେବା ଯାଏ ଲମ୍ବିଥିବା ରାସ୍ତା ହେଉଛି ଶିକ୍ଷା’

ତିହିଡ଼ି, ୧୫।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତସ୍ଥିତ କୃଷକ ସହଯୋଗ ନନ୍ଦକିଶୋର ସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ଶିଶୁ ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ ଯୋଗଦେଇ ସ୍କୁଲଠୁ ଭଲ ମଣିଷ ହେବା ଯାଏ ଲମ୍ବିଥିବା ରାସ୍ତା ହେଉଛି ଶିକ୍ଷା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ଶିଶୁ ସାହିତ୍ୟିକ ବାଇଧର ନାୟକ, ଅନ୍ୟତମ ଅତିଥି ଭାବେ ହାଇସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ଧଳ, ସିଆର୍‌ସିସି ଚନ୍ଦନ କୁମାର ମଲିକ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣାନନ୍ଦ ଦାସ, ସୁରେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ବିପିନ ବେହେରା, ବେଣୁଧର ଦାସ, ହିମାଂଶୁ ମହାନ୍ତି, ଉମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଦାସ ଓ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଲେଖ କୁମାର ବେହେରା ଅତିଥି ପରିଚୟ ଏବଂ ଶିକ୍ଷୟିତ୍ରୀ ସତ୍ୟଲିପି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ନରେନ୍ଦ୍ର କୁମାର ସିଂ, ମୃତ୍ୟୁଞ୍ଜୟ ବିଶ୍ୱାଳ, ରାଧାକୃଷ୍ଣ ନାୟକ, ରଶ୍ମିରଞ୍ଜନ ବେହେରା, ରମାକାନ୍ତ ମହାନ୍ତି, ସଞ୍ଜୟ କୁମାର ପୃଷ୍ଟି, ପାର୍ବତୀ ସିଂ, ଅଲିଭା ସିଂ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ



କର୍ମଶାଳାରେ ଉପସ୍ଥିତ ଅତିଥି, ଅଧ୍ୟାପିକା ଓ ଅଧ୍ୟାପକ।

ଧାମନଗର, ୧୫।୧୧(ଦେବେନ୍ଦ୍ର ଆଦିଆ)

ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପକ୍ଷରୁ ୩ଦିନ ଧରି ଚାଲିଥିବା ‘ଇନଷ୍ଟିଚ୍ୟୁଶନାଲ ପ୍ରିପେୟାର୍ଡନେସ ଫର୍ ନାକ୍ ଆକ୍ରିଡିଟେଶନ’ର ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ମୁଖ୍ୟବକ୍ତା କଲେଜ ବିକାଶ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ। ୨ୟ ଦିବସରେ ମୁଖ୍ୟଅତିଥି ଭାବେ ଓଏସ୍‌ଏଚ୍‌ଇସିର ଏକ୍‌ଜିକ୍ୟୁଟିଭ ମେମ୍ବର ସୁସ୍ମିତ ପାଣି, ମୁଖ୍ୟବକ୍ତା ଏକାଡେମିକ କନ୍‌ସଲଟାଣ୍ଟ ଡ. ପ୍ରଦୀପ କୁମାର ବେହେରା, ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଓଡ଼ିଶା ନାକ ଆମ୍ବାସାଡାର ଡ. ଜୟନ୍ତ କୁମାର ପରିଡ଼ା ଓ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ହେମନ୍ତ କୁମାର ଘଡ଼ାଇ ଯୋଗଦେଇ ନାକ୍ ଅନୁବନ୍ଧନ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ଆଶୀର୍ବାଦ ମହାନ୍ତିଙ୍କ ନେତୃତ୍ୱରେ ନାକ୍ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ମହାବିଦ୍ୟାଳୟର ଯୋଗ ଦେଇଥିବା ଅଧ୍ୟାପିକା ଅଧ୍ୟାପକଙ୍କ ସନ୍ଦେହ ଦୂରୀଭୂତ କରିଥିଲେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନର ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଡ. ସାଜିଆ ତମକିନ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଅଧ୍ୟାପିକା ବାସ୍ତବିକା ଦାସ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ସ୍ୱାଗତିକା ରାୟ ମଞ୍ଚ ସଞ୍ଚାଳନ କରିଥିଲେ। କର୍ମଶାଳାରେ ଧାମନଗର ମହାବିଦ୍ୟାଳୟ ସମେତ ଭଦ୍ରକ ଜିଲାର ପ୍ରାୟ ୨୫ଟି ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଧ୍ୟାପିକା ଓ ଅଧ୍ୟାପକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଅନ୍ୟତମ ସଦସ୍ୟ ଅଧ୍ୟାପକ ସତ୍ୟନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଗନେଲେ ୭୦ ପ୍ରତିଯୋଗୀ

## ସାଗରବାଳା ରାଉଳ ସ୍ମାରକୀ ପ୍ରତିଯୋଗିତା

ବନ୍ତ, ୧୫।୧୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ପଧାନପଡ଼ାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସାଗରବାଳା ରାଉଳ ସ୍ମାରକୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳଙ୍କ ପ୍ରଯୋଜନାରେ ତାଙ୍କ ମା’ଙ୍କ ସ୍ମରଣାର୍ଥେ ଏହି ପ୍ରତିଯୋଗିତା ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ଏଥିରେ ୧୫ ବିଦ୍ୟାଳୟର ୭୦ ଛାତ୍ରୀଛାତ୍ର ତର୍କ, ସଙ୍ଗୀତ, ନୃତ୍ୟ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ସଂଗୀତଜ୍ଞ ହରିହର ଦାସ, ନୃତ୍ୟଗୁରୁ ଦିଲୀପ କୁମାର ସାହୁ ଓ ଗେଡମା ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ସୁରଜ କୁମାର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ମୁଖ୍ୟଅତିଥି ଓଷ୍ଟାର ବ୍ଲକ ସଭାପତି ନାରାୟଣ ଚନ୍ଦ୍ର ସାମଲ, ମୁଖ୍ୟବକ୍ତା ବନ ବିହାରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା, ସେକ୍ ୟାକତ୍ ଅଲ୍ଲୀ, ଓଷ୍ଟାର ବ୍ଲକ ସମ୍ପାଦକ ସନ୍ତୋଷ ଜେନା ଓ ପୂର୍ବତନ ସିଆର୍‌ସିସି ସୁଧୀର ବାରିକ ଯୋଗ ଦେଇଥିଲେ। ଶିକ୍ଷକ ହେମନ୍ତ ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ରମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅରୁଣ ବାରିକ, ଜାହାରୁଦ୍ଦୀନ ସାହାଜୀ, ପ୍ରଫୁଲ୍ଲ ଜେନା, ଜଗନ୍ନାଥ ଦ୍ୱିବେଦୀ, ସେକ୍ ସାବୀର, ସେକ୍ ରିହାଜ୍ ଅଲ୍ଲୀ, ଶିକ୍ଷା କର୍ମଚାରୀ ଶରତ ସାହୁ, ବୁଦ୍ଧିରାମ ସାହୁ ଓ ନେଜାମୁଦ୍ଦୀନ ଖାନ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ଜନଜାତିଙ୍କ ଆସ୍ଥା ଓ ସଂଗ୍ରାମର ପ୍ରତୀକ ବିର୍ସା ମୁଣ୍ଡା’




ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତଙ୍କୁ ପୁରସ୍କୃତ କରାଯାଉଛି।

ଭଦ୍ରକ,୧୫।୧୧(ସନାତନ ରାଉତ)

ମହାନ ସ୍ୱାଧୀନତା ସଂଗ୍ରାମୀ, ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶନିବାର ଭଦ୍ରକ ସହର ଶହୀଦ ସ୍ମୃତି ଭବନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକରୁ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକ କାର୍ଯ୍ୟକ୍ରମରେ ସାମିଲ ହୋଇ ଧୁମଧାମ୍‌ରେ ପାଳନ କରିଛନ୍ତି। ବିଭିନ୍ନ ଆଶ୍ରମ ସ୍କୁଲରୁ ଆସିଥିବା କୁନି କୁନି ପିଲାମାନେ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଗାୟିକା ଶୁଭ୍ରସ୍ମିତା ରାଉତ, ସ୍ମୃତିଶ୍ରୀୟା ମହାନ୍ତି ଦେଶାତ୍ମବୋଧକ ଓ ଲୋକ ସଙ୍ଗୀତ ଗାନ କରିଥିଲେ। ମଧ୍ୟାହ୍ନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ, ମହାନ୍ ସଂଗ୍ରାମୀ ବିର୍ସା ମୁଣ୍ଡା ଜନଜାତିଙ୍କ ଆସ୍ଥା ଓ ସଂଗ୍ରାମର ପ୍ରତୀକ। ଜମି, ଜଳ ଓ ଜଙ୍ଗଲ ପାଇଁ ତାଙ୍କର ଅଦମ୍ୟ ସଂଘର୍ଷ ସର୍ବଦା ପ୍ରେରଣାଦାୟକ। ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ଊର୍ମିଳା ଗୋଚ୍ଛାୟତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜଙ୍ଗଲ ସୁରକ୍ଷା ଆଇନ ଅନୁସାରେ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ, କୁରିଗାଁ, ରାଜେନ୍ଦ୍ରପୁର ଓ ବିଷ୍ଣୁପୁର ପଞ୍ଚାୟତରେ ମୋଟ ୧୨ଜଣଙ୍କୁ ବିଧାୟକ ମହାପାତ୍ର ଗୋଷ୍ଠୀ ସମ୍ବଳ ପଟ୍ଟା ବଣ୍ଟନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। କଳା ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା ମଞ୍ଚ ପରିଚାଳନା କରିଥିଲେ। ଜିଲା କାର୍ଯ୍ୟାଳୟର କର୍ମଚାରୀ ଶ୍ୟାମସୁନ୍ଦର ଜେନା, ଆଇଜାକ ମହାନ୍ତି, ସୌମ୍ୟରଞ୍ଜନ ଜେନା, ରଶ୍ମିରେଖା ଦାସ, ହିମାଂଶୁ ସାମଲ, ଅୟସକାନ୍ତ ମାଝୀ, କ୍ଷୀରୋଦ ବଳ, ଜୟପ୍ରକାଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ନାତିଙ୍କ ପରଲୋକ

ଭଦ୍ରକ, ୧୫।୧୧
(ସନାତନ ରାଉତ)



ମୁଖତାର ଅହେମଦ ଆଜାଦ।

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବାଚସ୍ପତି ଓ ରାଜ୍ୟ ସଭା ସଦସ୍ୟ ସ୍ୱର୍ଗତ ମହମ୍ମଦ ହନିଫ୍‌ଙ୍କ ନାତି ମୁଖତାର ଅହେମଦ ଆଜାଦ(୬୬)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଆମେରିକାସ୍ଥିତ ଓହାଇଓ ସିନସନାତି ସହରସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ଭଦ୍ରକ ପୁରୁଣାବଜାରସ୍ଥିତ କାଜିମହଲ୍ଲା ନିବାସୀ ସ୍ୱର୍ଗତ କମରୁଲ ହୋଦା ଆଜାଦ ଓ ତଇମିନା ଖାତୁନଙ୍କ ପୁଅ। ପୁରୁଣାବଜାର ରୋଭର୍ସ କ୍ଲବ୍‌ରେ ଆଗଧାଡ଼ିର ଫୁଟ୍‌ବଲ ଖେଳାଳି ଭାବେ ତାଙ୍କର ସୁନାମ ଥିଲା। ୧୯୮୫ରୁ ୧୯୯୦ରେ ନିଜ ଗାଁ ୨୭ ନଂ. ୱାର୍ଡରେ ୱାର୍ଡମେମ୍ବର ଭାବେ ସେ ନିର୍ବାଚିତ ହୋଇ କାଉନସିଲର ହୋଇଥିଲେ। ବିବାହ ପରେ ଆମେରିକାରେ ରହୁଥିବା ତାଙ୍କ ଭଉଣୀ ଓ ଭିଣୋଇ ପାଖରେ ରହି ନିଜର ବ୍ୟବସାୟ ଆରମ୍ଭ କରି ସେଠାରେ ପ୍ରତିଷ୍ଠା ଲାଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ଭାଇ ମିର୍ଜା ଇଜାଜ ବେଗ ପ୍ରକାଶ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବାରିକପୁର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

ଭଣ୍ଡାରିପୋଖରୀ,୧୫।୧୧(ରାଜେନ୍ଦ୍ର ଶତପଥୀ)

ବାରିକପୁର ସରକାରୀ ହାଇସ୍କୁଲରେ ଶନିବାର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର, ଗୟାଧର ସାମଲ, କାର୍ତ୍ତିକ ସ୍ୱାଇଁ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଢ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରତାପ ଘଡ଼େଇ, ସଦସ୍ୟ ନିରାକାର ବେହୁରିଆ ଓ ନାରାୟଣ ସ୍ୱାଇଁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରତିଭା ଶତପଥୀ ଓ ମାନସୀ ମାଝୀଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ବିବେଚିତ ୧୦ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ନୀଳିମା ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ମହାରଣା, ସଞ୍ଜୁବାଳା ବେହେରା, ସଞ୍ଜୁବାଳା ନାୟକ, ପ୍ରଜ୍ଞା ପତି, ମାନିନୀ ଦାସ ଓ ଶିକ୍ଷକ ପ୍ରଦୀପ ମହାକୁଡ଼ ପରିଚାଳନା କରିଥିଲେ।

# ପ୍ରାଦେଶିକ ଶିଶୁ ମହୋତ୍ସବ ‘ପ୍ରତିଭା’

ଚାନ୍ଦବାଲି, ୧୫।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବିନତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ଶୁକ୍ରବାର ପ୍ରାଦେଶିକ ଶିଶୁ ମହୋତ୍ସବ ‘ପ୍ରତିଭା-୨୦୨୫’ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଶାକର ନାଥଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତାରାପଦ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଜୟକୃଷ୍ଣ ନାୟକ ଯୋଗ ଦେଇଥିଲେ। ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିବା ବେଳେ ମୋଟ ୬ଟି ଜିଲାର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ସ୍କୁଲର ପୂର୍ବତନ ଶିକ୍ଷକ ଦଶରଥ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିନତରା ଗ୍ରାମର ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କୁ ‘ପଲ୍ଲୀଗୁରୁ ୨୦୨୫’ ସମ୍ମାନ ପ୍ରଦାନ କରାଯାଇଛି। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସଭାପତି ସନ୍ତୋଷ ନନ୍ଦ, ଶିକ୍ଷୟିତ୍ରୀ ନନ୍ଦିନୀ ସାମଲ, ସନ୍ଧ୍ୟାରାଣୀ ମହାନ୍ତି, ମୋନାଲିସା ଭୂୟାଁ, ସୁଚିସ୍ମିତା ଖଟୁଆ, ରୋଜିନ ନାୟକ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୫ମ ସନ୍ଧ୍ୟା



ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୫ମ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୧୫।୧୧(ରବିନାରାୟଣ ଖିଲାର)

ସାହିତ୍ୟ ଓ ସମ୍ବାଦ ଜଗତକୁ ଭଦ୍ରକର ଅବଦାନ ଅନସ୍ୱୀକାର୍ଯ୍ୟ। ଯେପରି ଭଦ୍ରକ ଭୂମିର ସାରସ୍ୱତ ସାଧକ ଲେଖନୀ ଚାଳନା କରି ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି, ସେପରି ଭଦ୍ରକ ମାଟିରୁ ବହୁ ପତ୍ର ପତ୍ରିକା ଓ ସମ୍ବାଦପତ୍ର ଆତ୍ମପ୍ରକାଶ କରି ସାମଗ୍ର ଉତ୍କଳ, ଭାରତକୁ ଆଲୋକିତ କରିଛି ବୋଲି ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଚାଲିଥିବା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଶୁକ୍ରବାର ୫ମ ସନ୍ଧ୍ୟାରେ ଅତିଥିମାନେ କହିଛନ୍ତି। ଦିବଂଗତ ରାଜନେତା ଓ କବି ବିଷ୍ଣୁ ସେଠୀଙ୍କ ସ୍ମୃତିରେ ଉତ୍ସର୍ଗିତ ମହୋତ୍ସବର ଏହି ସନ୍ଧ୍ୟାରେ ‘ସାହିତ୍ୟ ଓ ସମ୍ବାଦ ଜଗତକୁ ଭଦ୍ରକର ଅବଦାନ ଅନସ୍ୱୀକାର୍ଯ୍ୟ’ ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ‘ଜାତୀୟତାବାଦୀ ଆନ୍ଦୋଳନ ପୃଷ୍ଠାରେ ଭଦ୍ରକ’ ମହୋତ୍ସବର ଆବାହକ ନୀହାର ରଞ୍ଜନ କର ଏଥିରେ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ଓ ସଙ୍ଗଠିକା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଊର୍ମିଳା ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ କୃଷିବିତ୍ ତଥା ଆକାଶବାଣୀ ଗୀତିକାର ଅରୁଣ ପାତ୍ର ମୁଖ୍ୟବକ୍ତା, ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, ଅବସରପ୍ରାପ୍ତ ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଚାନ୍ଦବାଲି ବିକାଶ ପରିଷଦ ସଭାପତି ନିରୋଦ କୁମାର ରାଉତ ବରେଣ୍ୟ ଅତିଥି ଏବଂ କବୟିତ୍ରୀ, ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସଭାପତି ଇଂ. ଅଭୟ ସୂତାର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ ପ୍ରଦାନ ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଓ କବୟିତ୍ରୀ ଚୈତାଳି ଖିଲାର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସଂଯୁକ୍ତା ବଳ ନାୟକ ଓ ଦମୟନ୍ତୀ ରାଉତ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିସ ପକ୍ଷରୁ ସାଇବର ସଚେତନତା

ବାସୁଦେବପୁର, ୧୫।୧୧
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)



ଓଡ଼ିଶୀ ନୃତ୍ୟ ମାଧ୍ୟମରେ ସଚେତନ କରାଯାଉଛି।

ବାସୁଦେବପୁର ପୌରାଞ୍ଚଳ ଅଧୀନ ନୀଳମଣି ଟାଉନ ହଲ୍‌ଠାରେ ଶନିବାର ସାଇବର ସୁରକ୍ଷା ଅଭିଯାନ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସମ୍ମିତ ମାଝୀ, ସଦର ଏସ୍‌ଡିପିଓ ଚିତ୍ରାନନ୍ଦ ସେଠୀ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ହେଡ୍‌କ୍ୱାର୍ଟର ଇନ୍ସପେକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ, ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ନାୟକାଣିଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ଚୂଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା ପ୍ରମୁଖ ଯୋଗଦେଇ ସାଇବର ଅପରାଧ ବିଷୟରେ ସଚେତନତା ବାର୍ତ୍ତା ଦେଇଥିଲେ।

ସକାଳେ ସାଇବର ସଚେତନତା ରଥ ନାୟକାଣିଡିହୀ ଥାନାରେ ପହଞ୍ଚିବା ପରେ ଥାନା ପକ୍ଷରୁ ସ୍ୱାଗତ କରାଯାଇ ବଜାର ପରିକ୍ରମା କରାଯାଇଥିଲା। ପରେ କରଞ୍ଜଆଡ଼ିଆ ଉଚ୍ଚ ବିଦ୍ୟାଳୟଠାରେ ସାଇବର ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପରେ ସାଇବର ସଚେତନତା ରଥକୁ ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟଠାରେ ବିଧାୟକ ଦାସ ଓ ପୋଲିସ ଅଧିକାରୀମାନେ ସ୍ୱାଗତ କରିଥିଲେ। ସାଇବର ରଥ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରି ନୀଳମଣି ଟାଉନ ହଲ୍‌ଠାରେ ପହଞ୍ଚିଥିଲା। ରୋଲ୍ ପ୍ଲେ ଏବଂ ଓଡ଼ିଶୀ ନାଚ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହାପରେ ସଚେତନତା ସଭା ହୋଇଥିଲା। ବାସୁଦେବପପୁର ଥାନାଧିକାରିଣୀ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ। ନିଜର ବ୍ୟକ୍ତିଗତ ତଥ୍ୟ, ଓଟିପି, ବ୍ୟାଙ୍କ ସମ୍ପର୍କିତ ତଥ୍ୟ ଅନ୍ୟ ସହ ସେୟାର ନ କରିବା, ଅନ୍‌ଲାଇନ ଟ୍ରେଡିଂ, ଗେମ୍ ଖେଳିବା ବେଳେ ଲୋଭନୀୟ ଅଫରକୁ ସ୍ୱୀକାର ନ କରିବା, ଡିଜିଟାଲ ଆରେଷ୍ଟ ଧମକ ଆସିଲେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇବା, ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ନ କରିବା, ଅଜଣା ଲିଙ୍କ୍‌କୁ ନ ଖୋଲିବା ପାଇଁ ପୋଲିସ ଅଧିକାରୀ ଓ ଅତିଥିମାନେ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ୪ ଚୋରା ବାଲି ବୋଝେଇ ଗାଡ଼ି ଜବତ

ହାଟଡ଼ିହୀ,୧୫।୧୧(ଶୁଭକାନ୍ତ ନାୟକ): କେନ୍ଦୁଝର ଖଣି ଅଧିକାରୀ ତାରିଣୀ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ରାତିରେ ହାବଲେଶ୍ୱର ପଞ୍ଚାୟତ ଅଞ୍ଚଳରୁ ୪ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ଖଣି ବିଭାଗ ଗାଡ଼ିଗୁଡ଼ିକୁ ନନ୍ଦିପଦା ଥାନାରେ ଜିମା ଦେଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଏଥିସହ ନନ୍ଦିପଦା ପୋଲିସ ନଭେମ୍ବର ୧୦ରେ ୧୮ଟି ବେଆଇନ ବାଲି ବୋଝେଇ ହାଇୱା ଏବଂ ଗୋଟିଏ ଟ୍ରାକ୍ଟର ଜବତ କରିଥିଲା। ଥାନାରେ ୧୯ଟି ମାମଲା ହୋଇଥିବା ବେଳେ ଘଟଣାରେ ସ୍ଥାନୀୟ ଅଞ୍ଚଳର ୨ଜଣ ଚୋରା ବାଲି ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ କହିଛନ୍ତି। ଗିରଫ ଅଭିଯୁକ୍ତ ନନ୍ଦିପଦା ଥାନା ଇଶଲା ଗ୍ରାମର ଦୀପ୍ତି ରଞ୍ଜନ ନାୟକ, ଭଦ୍ରକ ଜିଲାବନ୍ତ ଥାନା ଆପଣ୍ଡା ଗ୍ରାମର ଭୂପେଶ ସାହୁ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବଉଳା, ୧୫।୧୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଢେଙ୍କା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋଲକ ବିହାରୀ ଜେନା (୭୩)ଙ୍କ ପରଲୋକ ହୋଇଯାଇଛି। ସେ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ ଢେଙ୍କା ପଞ୍ଚାୟତର ଦାୟିତ୍ୱ ନିର୍ବାହ କରୁଥିଲେ। ସେ ଜଣେ ନିର୍ଭିକ, ସ୍ପଷ୍ଟବାଦୀ ଓ ପରୋପକାରୀଥିଲେ। ମୃତ୍ୟୁ ଖବର ପାଇ ମନୋଜ ମହାନ୍ତି, ମଧୁ ସାମଲ, ପ୍ରଭାତ ବିଶ୍ୱାଳ, ସୋମନାଥ ସ୍ୱାଇଁ, ବାବୁ ବେହେରା ପ୍ରମୁଖ ବାସ ଭବନରେ ପହଞ୍ଚି ତାଙ୍କ ମର ଶରୀରକୁ ଶେଷ ଦର୍ଶନ କରିଥିଲେ। ଗାଁ ଶଶ୍ମାନରେ ଶେଷକୃତ ସମ୍ପନ୍ନ ହୋଇଛି।

### ୨୦ ୟୁନିଟ୍ ରକ୍ତ ସଂଗୃହୀତ

ବଉଳା,୧୫।୧୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରିଗାଁ ଲକ୍ଷ୍ମୀ ନାରାୟଣ ମନ୍ଦିର କମିଟି ପକ୍ଷରୁ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଉଦୟ ନାଥ ପଣ୍ଡାଙ୍କ ନେତୃତ୍ୱରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କମିଟିର ସଭାପତି ତ୍ରୈଲୋକ୍ୟ ନାଥ ଜେନା, ସମ୍ପାଦକ ଚିନ୍ତାମଣୀ ଜେନା, ନିରଞ୍ଜନ ଜେନା, ସନ୍ତୋଷ ସା, ସୁଦାମ ଚରଣ ଜେନା, ସୁଦର୍ଶନ ଘଡ଼େଇ, ମହେଶ୍ୱର ଶଙ୍ଖୁଆ, ଦେବେନ୍ଦ୍ର ଜେନି, ସନାତନ ଜେନା, ରତ୍ନାକର ଜେନା, ମହେଶ୍ୱର ମହାନ୍ତି, ଦୟାନିଧି ଗିରି, ଗଣେଷ ମହାନ୍ତି, ପଦ୍ମ ଲୋଚନ ଜେନା, ଘନଶ୍ୟାମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଅଭିଭାବକ, ଶିକ୍ଷକଙ୍କ ବାର୍ଷିକ ବୈଠକ

### କେତାଙ୍ଗ ଆଶ୍ରମ ବିଦ୍ୟାଳୟ

ଢେଙ୍କିକୋଟ,୧୫।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ କେତାଙ୍ଗ ଆଶ୍ରମ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନ ୧୧ଟାରେ ଅଭିଭାବକ ଓ ଶିକ୍ଷକଙ୍କ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଲଭ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ନୃସିଂହନାଥ ସିଂହ, ମୁଖ୍ୟ ବକ୍ତାଭାବେ ଖବରଦାତା ନୀଳମଣି ମଣ୍ଡଳ, ସମ୍ମାନୀୟ ଅତିଥିଭାବେ କେତାଙ୍ଗ ଆଶ୍ରମରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କମ୍ୟୁନିଟି ଅଫିସର ଯଶୋବନ୍ତ ସାହୁ ଯୋଗଦେଇଥିଲେ। ଆଦିବାସୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ ରତ ୨୬୦ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ସହକାରୀ ଶିକ୍ଷକ ଦାମୋଦର ସାହୁ, ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ବିଜୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କାର୍ଯ୍ୟକଳାପରେ କୃତକାର୍ଯ୍ୟ ହୋଇଥିବା ୧୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

### ମା’ କାଳୀଙ୍କ ମନ୍ଦିର ନିର୍ମାଣ କମିଟି ଗଠିତ

କେନ୍ଦୁଝର,୧୫।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ମାଧପୁରସ୍ଥିତ ମା’ କାଳୀ ମନ୍ଦିରର ପରିଚାଳନା କମିଟି ତରଫରୁ ବଡ଼ଘାଗରାଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରକୁ ପାଖାପାଖି ୫୦ ବର୍ଷରୁ ଅଧିକ ସମୟ ହୋଇଯାଇଛି। ପରିଚାଳନା କମିଟି ପକ୍ଷରୁ ଏକ ନିର୍ମାଣ କମିଟି କରି ମନ୍ଦିର ନୂତନ ଭାବରେ ନିର୍ମାଣ କରିବାକୁ ସ୍ଥିର ହୋଇଛି। କମିଟିର ସଂଯୋଜକଭାବେ ପ୍ରଫୁଲ୍ଲ ସାହୁ, ନିର୍ମାଣ ସମ୍ପାଦକ ପ୍ରିୟବ୍ରତ ଜେନା, ଉନ୍ନୟନ ସମ୍ପାଦକ ଭୂଷିତ ଚାଓ୍ୱଡ଼ା, ନିର୍ମାଣ କୋଷାଧକ୍ଷ ଭାବରେ ଭଗବାନ ନାଏକଙ୍କ ନାମ ସର୍ବସମ୍ମତି କ୍ରମେ ସ୍ଥିରୀକୃତ ହୋଇଛି। ଆଗାମୀ ଦିନରେ ମନ୍ଦିରର ନିର୍ମାଣ କାମ ତଦାରଖ କରିବେ।

# କମିନି ପିଟା ବାସନର ଚମକ

## ଆଧୁନିକ ଯୁଗରେ ପାରମ୍ପରିକ ବାସନର ଚାହିଦା

କେନ୍ଦୁଝର,୧୫।୧୧(ଦୀପକ ମିଶ୍ର)



ରାସ୍ତାକଡ଼ରେ ବିକ୍ରି ହେଉଥିବା ପିଟା ବାସନ।

କେନ୍ଦୁଝର ଜିଲାର ବିଭିନ୍ନ ବଜାରରେ ଏବେ ବି ପିଟା ବାସନ ବ୍ୟବସାୟ ହେଉଛି। ବଜାରରେ ଆଧୁନିକ ବ୍ୟବହାର୍ଯ୍ୟ ଜିନିଷର ଅଭାବ ନ ଥିଲେ ମଧ୍ୟ ପାରମ୍ପରିକ ହାତ ପିଟା ବାସନର ଚମକ ରହିଛି। ରାଜାରାଜୁଡ଼ା ସମୟରୁ ଏହି ବ୍ୟବସାୟ ହୋଇ ଆସୁଛି। ଅବଶ୍ୟ ପୂର୍ବାପେକ୍ଷା ବିକ୍ରୟ କମିଛି। ମାତ୍ର ପାରମ୍ପରିକ ଜିନିଷ ଉପରେ ଗ୍ରାମାଞ୍ଚଳ ଲୋକଙ୍କ ପ୍ରଥମ ପସନ୍ଦ ହୋଇ ରହିଛି।

ପ୍ରକାଶ ଯେ, ବାସନ ତିଆରି ପାଇଁ କେନ୍ଦୁଝର ସହରରେ ଏକ ସ୍ୱତନ୍ତ୍ର କଂସାରିସାହି ତଥା ବସ୍ତି ରହିଛି। ସ୍ୱାଧୀନତା ପୂର୍ବରୁ କେନ୍ଦୁଝରରେ ରାଜା ଶାସନ ସମୟରୁ ଉକ୍ତ ବସ୍ତି ଗଢ଼ି ଉଠିଥିବା କୁହାଯାଉଛି। ବଜାରରେ ବିଭିନ୍ନ ସ୍ଥାନରେ ଆଧୁନିକ ମେଶିନ ତିଆରି ମାଣ, ଚଟୁ, ଡାଲି ଘୁରା, ଚାଲୁଣି ପ୍ରଭୃତି ମିଳୁଥିଲେ ହେଁ ପିଟା ଆଲୁମିନିୟମରେ ତିଆରି ମାଣ, ଚଟୁର ଚାହିଦା ରହିଛି। ପାରମ୍ପରିକ ହିସାବରେ ଆଲୁମିନିୟମକୁ ତରଳାଇ ହାତୁଡ଼ି ସାହାଯ୍ୟରେ ପିଟି ବ୍ୟବହାର୍ଯ୍ୟ ମାଣ ତିଆରି କରାଯାଇଥାଏ। ଗ୍ରାମାଞ୍ଚଳରେ ସହରାଞ୍ଚଳ ଅପେକ୍ଷା ମାଣର ଆବଶ୍ୟକତା ଅଧିକ ହୋଇଥାଏ। ବିଶେଷକରି ଧାନ, ଚାଉଳ, ବିରି, କୋଳଥ, ମୁଗଠାରୁ ଆରମ୍ଭକରି ଖାଦ୍ୟଶସ୍ୟ ମାପ କରିବାରେ ଲୋକମାନେ ଓଜନ ଅପେକ୍ଷା ମାଣକୁ ଅଧିକ ବ୍ୟବହାର କରିଥାନ୍ତି। ତେଣୁ ପିତ୍ତଳ ତିଆରି ମାଣ କିମ୍ୱା ହାତପିଟା ଆଲୁମିନିୟମ ମାଣର ଆବଶ୍ୟକତା ରହିଥାଏ। ବଜାରରେ ମେଶିନ ତିଆରି ମାଣ ମିଳୁଥିଲେ ମଧ୍ୟ ଲୋକମାନେ ହାତ ତିଆରି ପିଟା ମାଣକୁ ଅଧିକ ଭରସା କରିଥାନ୍ତି। ହାତ ତିଆରି ମାଣଗୁଡିକ ମେଶିନ ତିଆରି ମାଣ ଅପେକ୍ଷା ଅଧିକ ମୂଲ୍ୟ ହୋଇଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ଅଧିକ ହୋଇଥାଏ ବୋଲି ଭରସା ରହିଛି। ସେହିଭଳି ଅଧିକାଂଶ ଲୋକ ଷ୍ଟିଲ୍, ପିତ୍ତଳ ଚଟୁ, ଖୁସୁଣୀ ଅପେକ୍ଷା ଆଲୁମିନିୟମ ପିଟା ଚଟୁ, ଖୁସୁଣୀକୁ ବ୍ୟବହାର କରିବାକୁ ଭଲ ପାଇଥାନ୍ତି। ଗ୍ରାମାଞ୍ଚଳରେ ଡାଲିକୁ ସିଝାଇବା ପରେ ଡାଲି ଘୁରା ସାହାଯ୍ୟରେ ଅଧିକ ପତଳା କରିଥାନ୍ତି। ଏଥିପାଇଁ ପିତ୍ତଳ ଡାଲି ଘୁରାର ଆବଶ୍ୟକତା ପଡ଼ିଥାଏ। ସେହିପରି ପିଟା ଚାଲୁଣିରେ ଧାନଚାଉଳ, ଚୂନା ଇତ୍ୟାଦି ଚାଲଣ କରାଯାଏ। ପାରମ୍ପରିକ ଚଟୁ ଓ ଘୋଡ଼ଣୀର ମଧ୍ୟ ଚାହିଦା କମିନାହିଁ। ଝିଅ ବିବାହ ସମୟରେ ବାପଘରୁ ଆଲୁମିନିୟମ ଏବଂ ପିତ୍ତଳ ପିଟା ବାସନ ଦିଆଯିବା ପରମ୍ପରା ବଳବତ୍ତର ରହିଛି। ଫଳରେ ବିବାହ ଋତୁରେ ଏଭଳି ପାରମ୍ପରିକ ପିଟା ବାସନ ବ୍ୟବସାୟ ଭଲ ହୋଇଥାଏ। ପରିବାର ଗୁଜୁରାଣ କରିବାରେ କୌଣସି ଅସୁବିଧା ହୋଇ ନ ଥାଏ ବୋଲି ବ୍ୟବସାୟୀ ପୂର୍ଣ୍ଣ ଚନ୍ଦ୍ର ସାହୁ କହିଛନ୍ତି।

# ଭାଙ୍ଗିଦେଲେ ଲୁହା ବ୍ୟାରିଅର




ଲୁହା ବ୍ୟାରିଅର ଭାଙ୍ଗିଯାଇଛି।

## ଜରିମାନା ସତ୍ତ୍ୱେ ନିୟମ ମାନୁନାହାନ୍ତି

କେନ୍ଦୁଝର,୧୫।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ବିଭିନ୍ନ ଗଳିରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ ସତ୍ତ୍ୱେ ବ୍ୟବସାୟୀ ମାନୁନାହାନ୍ତି। ପୋଲିସ ଓ ପୌର ପ୍ରଶାସନକୁ ଏକ ପ୍ରକାର ଚ୍ୟାଲେଞ୍ଜ ଦେଇ କେତେଜଣ ବ୍ୟବସାୟୀ ଜବରଦସ୍ତ ଭାରିଯାନ ଚଳାଚଳ କରୁଛନ୍ତି। ପ୍ରଶାସନ ପକ୍ଷରୁ ଜରିମାନା କରାଯାଉଥିଲେ ମଧ୍ୟ କୌଣସି ଫରକ ପଡୁ ନ ଥିବା ଭଳି ମନେହେଉଛି।

ପ୍ରକାଶ ଯେ, କେନ୍ଦୁଝର ସହର ମୁଖ୍ୟ ବଜାରର ଅଜନ୍ତା ଲଜ୍‌ର ୨ ପାର୍ଶ୍ୱ ଗଳି ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇ ପୌର ପ୍ରଶାସନ ପକ୍ଷରୁ ଲୁହା ବ୍ୟାରିଅର ଲଗାଯାଇଥିଲା। ମାତ୍ର ଉକ୍ତ ଲୁହା ବ୍ୟାରିଅର ଗାଡ଼ି ଧକ୍କାରେ ନଇଁଗଲାଣି। ଏହାକୁ ନେଇ କିଛିଦିନ ପୂର୍ବେ ଅଭିଯୋଗ ପାଇବା ପରେ ପୋଲିସ ଏକ ଟ୍ରକ୍‌କୁ ଜରିମାନା କରିଥିଲା। ଏହା ସତ୍ତ୍ୱେ ବ୍ୟବସାୟୀ ବେଧଡ଼କ ଭାରିଯାନ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ପୋଲିସକୁ ଚ୍ୟାଲେଞ୍ଜକରି ଗୁରୁବାର ରାତିରେ ଏକ ଭାରିଯାନ ଉକ୍ତ ରାସ୍ତାରେ ଯିବା ଆସିବା କରି ଗେଟ୍‌କୁ ଭାଙ୍ଗିଦେଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତକରି ସିସିଟିଭି ଫୁଟେଜ ଜରିଆରେ ଚିହ୍ନଟକରି ଗାଡି ଓ ଏହାକୁ ପ୍ରୋତ୍ସାହିତ କରିଥିବା ବ୍ୟବସାୟୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିକରିଛନ୍ତି। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଧକ୍କାଦେଇଥିବା ଗାଡ଼ିକୁ ଧରିବାକୁ ଉଦ୍ୟମ ଚଳାଇଛି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଢେଙ୍କିକୋଟ/ ପାଟଣା,୧୫।୧୧
(ନୀଳମଣି ମଣ୍ଡଳ/ ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପଇଦାପାଟଣା ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରାହ୍ନ ୨ ଟା ୪୫ ମିନିଟ୍‌ରେ ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ସାହୁ, ଘଟଗାଁ ବ୍ଲକ୍ ଅଧକ୍ଷା ଗୀତାଞ୍ଜଳି ନାୟକ, ଉପାଧକ୍ଷ ଯଦୁମଣି ନାଏକ, ବିଡ଼ିଓ ଖଗେଶ୍ୱର ବିଶ୍ୱାଳ, କେନ୍ଦୁଝର ଏପିଡି ଶୁଭଙ୍କର ଯୋଶୀ, ପଇଦାପାଟଣା ପଞ୍ଚାୟତ ମୁକୁନ୍ଦ ଚରଣ ମୁଣ୍ଡା, ସାନ୍ତରାପୁର ସରପଞ୍ଚ ବବିତା ସିଂହ, ପଇଦାପାଟଣା ପୂର୍ବତନ ସରପଞ୍ଚ ସୁକାନ୍ତି ନାୟକ, ଘଟଗାଁ ବ୍ଲକ୍ ଡବ୍ଲୁଇଓ ପ୍ରୀତମ ପ୍ରିୟଦର୍ଶନୀ ଯୋଗଦେଇଥିଲେ। ଅନୁଷ୍ଠାନିକ ଭାବେ ଏମ୍‌ପିଙ୍କ ପ୍ରତିନିଧି ଏବଂ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଘଟଗାଁ ବ୍ଲକ୍‌ର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା ପରିଚାଳନା କରିଥିବା ବେଳେ ବ୍ଲକ୍ ଉପାଧକ୍ଷ ଯଦୁମଣି ନାଏକ ଧନ୍ୟମାନ ଅର୍ପଣ କରିଥିଲେ। ସେହିପରି ସାହାରପଡ଼ା ବ୍ଲକ୍ ଉଦୟପୁରସ୍ଥିତ ଏକଲବ୍ୟ ମୋଡେଲ ଆବାସିକ ସ୍କୁଲ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଆନୁଷ୍ଠାନିକ ଭାବେ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥିଭାବେ ଚମ୍ପୁଆ ପିଏଆର୍‌ଡିଏ ରାମକୃଷ୍ଣ ଗଣ୍ଡ, ସାହାରପଡ଼ା ବିଡ଼ିଓ ରଣଜିତ ମହାନ୍ତ, ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ରାଜେଶ ମହାନ୍ତ ଓ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ସାହାରପଡ଼ା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂର୍ବସା ପ୍ରିୟଦର୍ଶନୀ ପରିଚଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ୫୫ ଗୋରୁ ଉଦ୍ଧାର, ୩ ଅଟକ

ଆନନ୍ଦପୁର,୧୫।୧୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ କେନ୍ଦୁଝର ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ୩ଟି ସ୍ଥାନରୁ ୫୫ ଗୋରୁ ଉଦ୍ଧାର କରିଛି। ବେଆଇନ ଗୋଚାଲାଣ ସମ୍ପୃକ୍ତିରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳର ସନାତନ ଜେନା(୩୫), ଗଦାଧର ଜେନା(୪୨) ଓ ଗୋବିନ୍ଦ ସାହୁ (୬୦)। ଏକ ମାମଲ(ନଂ.୩୦୨/୨୫) ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ସକାଳ ୬ ଟା ସମୟରେ ସ୍ପେଶାଲ ସ୍କ୍ୱାଡ୍ ଓ ଆନନ୍ଦପୁର ପୋଲିସ ମିଳିତ ଭାବେ ମୋଚିନ୍ଦା ଗ୍ରାମରେ ଚଢ଼ାଉ କରିଥିଲା। ସେଠାରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଗାଡ଼ିରେ ୧୦ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପିକ୍‌ଅପ୍ ଭ୍ୟାନଟିକୁ ଆନନ୍ଦପୁର ଥାନାକୁ ନିଆଯାଇଥିବା ଜଣାପଡ଼ିଛି। ସେହିପରି ବାଲୁଙ୍କେଶ୍ୱରଠାରୁ ୧୫ ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଫକୀରପୁର ପାଦୁଖାଇ ପୀଠରୁ ୩୦ ଗୋରୁକୁ ମିଶାଇ ୫୫ ଗୋରୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ପାଟଣା,୧୫।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସରସ୍ୱତୀ ଶିଶୁ ମନ୍ଦିର ସଭା ଗୃହରେ ପ୍ରଜ୍ଞାନ ମିଶନ ତରଫରୁ ସପ୍ତମ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଗୀତା ପ୍ରତିଯୋଗିତା ଜିଲା ସଂଯୋଜକ ବିବେକାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଯୋଗଦେଇ ଶ୍ରୀମଦ ଭଗବତ ଗୀତାର ପଞ୍ଚମ ଅଧ୍ୟାୟ କର୍ମ ସନ୍ୟାସ ଯୋଗକୁ ଆବୃତ୍ତି କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବଡ଼ ପାଟଣା ସରପଞ୍ଚ ବିନତି ବାନାରା, ମୁଖ୍ୟ ବକ୍ତାଭାବେ ପାଟଣା ବ୍ଲକ୍ ପୂର୍ବତନ ଅଧକ୍ଷ ଇଂ. ବିଦ୍ୟାଧର ଦାଶ, ସମ୍ମାନିତ ଅତିଥିଭାବେ ପଣ୍ଡିତ କ୍ଷୀରୋଦ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ପଣ୍ଡିତ କ୍ଷୀରୋଦ ମିଶ୍ର, ଗଜେନ୍ଦ୍ର ମିଶ୍ର, ସଂସ୍କୃତ ଶିକ୍ଷକ ହଳଧର ମହାନ୍ତ ଓ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସୋରେନ, ତ୍ରିବେଣୀ ମହାନ୍ତ ପ୍ରମୁଖ କାର୍ଯ୍ୟ ତୁଲାଇ ଥିଲେ। ଆଚାର୍ଯ୍ୟା ରେବତୀ ତ୍ରିପାଠୀ, ନମିତା ମହାନ୍ତ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## କେନ୍ଦ୍ରାପଡ଼ା ପୋଲିସକୁ ଆକ୍ରମଣ ଘଟଣାରେ ୩ ଗିରଫ

ହାଟଡ଼ିହୀ/ ଛେନାପଦି,୧୫।୧୧
(ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଞ୍ଚଳରେ କେନ୍ଦ୍ରାପଡ଼ା ଜିଲା ସଦର ଥାନା ପୋଲିସକୁ ଆକ୍ରମଣ କରି ଜଣେ ଅଭିଯୁକ୍ତକୁ ଛଡ଼ାଇ ନେବା ଘଟଣାରେ ନନ୍ଦିପଦା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏ ନେଇ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ଶାଳନିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଅଭିଯୁକ୍ତ ଯୋଗେନ୍ଦ୍ର ବେହେରାଙ୍କୁ ଧରି କେନ୍ଦ୍ରାପଡ଼ା ଜିଲା ସଦର ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଫେରୁଥିଲା। ସାହାପୁର-ଜଳଶରପୁର ରାସ୍ତାରେ ପ୍ରାୟ ୨୦ ଜଣ ଦୁର୍ବୃତ୍ତ ପୋଲିସ ଗାଡ଼ିକୁ ଅଟକାଇ ଆକ୍ରମଣ କରିବା ସହ ଅଭିଯୁକ୍ତଙ୍କୁ ପୋଲିସ କବଳରୁ ଛଡ଼ାଇ ନେଇଥିଲେ। ଏଥିରେ ଜଣେ ମହିଳା ପୋଲିସ କର୍ମଚାରୀଙ୍କ ସମେତ ୪ ଜଣ ଆହତ ହୋଇଥିଲେ। କେନ୍ଦ୍ରାପଡ଼ା ସଦର ଥାନା ଇନ୍ସପେକ୍ଟର ବିବି ସାହାଣୀଙ୍କ ଅଭିଯୋଗ କ୍ରମେ ନନ୍ଦିପଦା ପୋଲିସ ଏକ ମାମଲା(ନଂ.୩୬୨/୨୦୨୫)ରୁଜୁ କରିଥିଲା। ଘଟଣାରେ ତଦନ୍ତ କରି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ପୋଲିସ କବଳରୁ ଖସିଯିବାକୁ ସକ୍ଷମ ହୋଇଥିବା ଅଭିଯୁକ୍ତ ଯୋଗେନ୍ଦ୍ରଙ୍କୁ ଅଦ୍ୟାବଧି ଠାବ କରାଯାଇ ପାରିନି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା କହିଛନ୍ତି, ଠିକ୍ ଭାବେ ଅନୁଧ୍ୟାନ କରି ଘଟଣାରେ ସମ୍ପୃକ୍ତ ତଥା ଆଇନକୁ ହାତକୁ ନେଇଥିବା ଅଭିଯୁକ୍ତଙ୍କୁ ଧରାଯାଉଛି। ଘଟଣାରେ ଜଡ଼ିତ ଥିବା କାହାରିଙ୍କୁ ଛଡ଼ାଯିବନି।

## ୪ ଅନାଥଙ୍କୁ ପୋଲିସର ସହାୟତା

ଚମ୍ପୁଆ,୧୫।୧୧(ମହେଶ୍ୱର ଦାସ)

ପ୍ରଥମେ ମା’ ଛାଡ଼ି ଚାଲିଗଲେ। ୪ କଅଁଳ ଛୁଆଙ୍କୁ ଧରି ବାପା ଭବିଷ୍ୟତ ସ୍ୱପ୍ନ ଦେଖୁଥିବା ବେଳେ ଦଇବର କରାଳ ନୀତିରେ ୯ ଦିନ ତଳେ ବାପାଙ୍କ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି। ଫଳରେ ୪ ଜଣ ଶିଶୁ ଅନାଥ ହୋଇଗଲେ। ଏ ନେଇ ଖବର ପ୍ରକାଶ ପରେ ବିଭିନ୍ନ ମହଲରୁ ଅସହାୟ ୪ ଭଉଣୀ, ଭାଇଙ୍କୁ ସହାୟତାର ହାତ ବଢ଼ିବାରେ ଲାଗିଛି। ଶୁକ୍ରବାର ଚମ୍ପୁଆ ଥାନା ଅଧିକାରୀ ଅସହାୟ ପିଲାଙ୍କୁ ଶୀତବସ୍ତ୍ର, ଆବଶ୍ୟକ ରାଶନ ସମଗ୍ରୀ ଯୋଗାଇଦେଇଛନ୍ତି।

ସୂଚନା ଅନୁସାରେ, ଗୋଧୂଳି ଗ୍ରାମର ୩ ଘରିଆସାହିର ପଟେଲ ନାଏକଙ୍କ ସ୍ତ୍ରୀ ବର୍ଷେ ତଳେ ୪ ଛୁଆଙ୍କୁ ଛାଡ଼ି କେଉଁଆଡ଼େ ଚାଲିଯାଇଥିଲେ। ପଟେଲ ମଜୁରି କରି ୪ ଛୁଆଙ୍କ ଦାୟିତ୍ୱ ବହନକରି ଆସୁଥିଲେ। ୯ ଦିନ ପୂର୍ବେ ରୋଗଗ୍ରସ୍ତ ଯୋଗୁ ପଟେଲଙ୍କର ମୃତ୍ୟୁ ଘଟିଥିଲା। ପରେ ୪ ପିଲା ଅନାଥ ହୋଇଯାଇଛନ୍ତି। ଏପରିକି ବାପାଙ୍କ ଶୁଦ୍ଧିକ୍ରିୟା କିପରି ହେବ ସେ ନେଇ ଚିନ୍ତାଗ୍ରସ୍ତ ଥିବା ବେଳେ ସ୍ଥାନୀୟ କାଉନ୍‌ସିଲର ଛତ୍ରପତି ନାଏକଙ୍କ ଉପସ୍ଥିତିରେ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଏହି ସହାୟତା ପ୍ରଦାନ କରିଥିଲେ। ଏଥିସହ ଶୁଦ୍ଧିକ୍ରିୟା ପରେ ସିଡବ୍ଲୁସି ଓ ଡିସିପିଓଙ୍କୁ ଏହି ଅନାଥଙ୍କ ଥଇଥାନ ପାଇଁ ଅବଗତ କରାଯିବ ବୋଲି ସୂଚନା ଦେଇଛନ୍ତି।

# ‘ବିର୍ସା ମୁଣ୍ଡା ସାହସ, ପ୍ରତିରୋଧର ପ୍ରତୀକ’

କେନ୍ଦୁଝର,୧୫।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)




କୃତୀ ପ୍ରତିଯୋଗୀଙ୍କୁ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କେନ୍ଦୁଝର ଅଡ଼ିଟୋରିୟମଠାରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ସାହସ ଓ ସ୍ୱାଭିମାନର ପ୍ରତୀକ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ବିଶିଷ୍ଟ ବ୍ୟକ୍ତି, ଛାତ୍ର, ଅଧିକାରୀ ଏବଂ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମୁଖ୍ୟ ଅତିଥିଭାବରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ସମାବେଶକୁ ସମ୍ବୋଧିତ କରି ଭଗବାନ ବିର୍ସା ମୁଣ୍ଡା କେବଳ ଜଣେ ଆଦିବାସୀ ନାୟକ ନ ଥିଲେ ବରଂ ସାହସ, ପ୍ରତିରୋଧର ଜାତୀୟ ପ୍ରତୀକ ଥିଲେ। ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମର ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ସେ ଆଦିବାସୀ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ଏକତା ଏବଂ ସ୍ୱାଭିମାନର ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ ବେହେରା, କେନ୍ଦୁଝର ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ସ୍ୱେଚ୍ଛାସେବୀ କମଳାକାନ୍ତ ସିଂ, ମମିତା ନାଏକ, କିରଣବାଳା ନାଏକ, ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। ଉତ୍ସବ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗୋହାଳଡିହି ଗ୍ରାମରେ ୧୫୦ତମ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ନୂଆଗାଁ ପଞ୍ଚାୟତ ଏଡିଓ ସଞ୍ଜିତି କୁମାର ପ୍ରଧାନ ଆଦିକନ୍ଦ ମୁଣ୍ଡା, ମକରଧ୍ୱଜ ମୁଣ୍ଡା, ସନାତନ ମୁଣ୍ଡା, ସୋମନାଥ ମୁଣ୍ଡା, ମଙ୍ଗଳ ମୁଣ୍ଡା, କେଦାର ମୁଣ୍ଡା, ରାସିକା ମୁଣ୍ଡା, ରାବଣ ମାଝୀ, ବିପିନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଶ୍ରମ ବିଦ୍ୟାଳୟରେ ‘ଆମେ ଜାଣିବା, ଆମେ ଜିଣିବା’ କାର୍ଯ୍ୟକ୍ରମ

ବଉଳା,୧୫।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ସରକାରୀ ବୌଦାଖିଆ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ତରଫରୁ ଅଭିବାବକ ଅଂଶିଦାର ‘ଆମେ ଜାଣିବା, ଆମେ ଜିଣିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ା, ମୁଖ୍ୟ ବକ୍ତା ଭାବେ ଗଡ଼ଚଣ୍ଡି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ଦାସ, ସମ୍ମାନିତ ଅତିଥିଭାବେ ଏବିଇଓ ପ୍ରମୋଦ ନାୟକ, ଡବ୍ଲୁଓ ହାଟଡ଼ିହୀ ଆକାଶ ଜେନା, ସିଆରସିସି ଅଞ୍ଜନ ଦାସ, ବିଦ୍ୟାଳୟ କମିଟିର ଚେୟାରମ୍ୟାନ ସୁଭଦ୍ରା ଘଟୁଆ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୌରିଦତା ମାଝୀ ମଞ୍ଚ ପରିଚାଳନା ଓ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅମିୟ ରଞ୍ଜନ ରାଉତ, ଗଜେନ୍ଦ୍ର ପ୍ରସାଦ ଧାମୁଡ଼ିଆ, ଜଗନ୍ନାଥ ବାରିକ ଉପସ୍ଥିତ ରହିଥିଲେ। ପିତାମାତା, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗିନ ଉନ୍ନତିର ବିଭିନ୍ନ ସୋପନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଅମୀୟ ରଞ୍ଜା ରାଉତ, ଜଗନ୍ନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଗୋପବନ୍ଧୁନଗର, ୧୫।୧୧ (ଶାନ୍ତନୁ କୁମାର ମଣ୍ଡଳ)

ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକସ୍ଥିତ ବଡ଼ଫେଣୀ ପଞ୍ଚାୟତ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବିଡିଓ ସତ୍ୟଜିତ୍ ରାଉତ, ସରପଞ୍ଚ ଆରତୀ ନାୟକ, ବ୍ଲକ୍‌ଅଧ୍ୟକ୍ଷ ଜବା କିସ୍କୁ, ଦୁର୍ଯ୍ୟୋଧନ ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୁନ୍ଦନ ପଣ୍ଡା, ଶାମାଖୁଣ୍ଟା ଏଏଫଓ ସୁବଳ ଘୋଷ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାରୁ ଚାଷୀ କିପରି ଲାଭ ଉଠାଇ ପାରିବେ ସେ ଉପରେ ଅବଗତ କରାଇଥିଲେ। ଏହି ଅବସରରେ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ବାସପିଠା ପଞ୍ଚାୟତର ଲକ୍ଷ୍ମୀ ପ୍ରୀୟା ମହାନ୍ତ, ରାଜକୁମାର ସିଂ, ରଶ୍ମିତା ବାରିକଙ୍କ ସମେତ ବଡ଼ଫେଣୀ ପଞ୍ଚାୟତର ମା' ଭୈରବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା।

### ଜେଲ ଭିତରେ ଅଭିଯୁକ୍ତଙ୍କ ଟିଆଇ ପରେଡ୍

#### ରାଇସ ମିଲ ମାଲିକଙ୍କୁ ଅପହରଣ ଘଟଣା

ବୈଶିଙ୍ଗା, ୧୫।୧୧ (ରତନ ଦାଶ)

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତଥା ରାଇସ ମିଲ ମାଲିକ ସୁନୀଲ ଅଗ୍ରୱାଲଙ୍କୁ ୧୮ ନଂ. ଜାତୀୟ ରାଜପଥ ଉପରୁ ଜମି ଦେଖାଇବା ବାହାନାରେ ଅପହରଣ କରାଯାଇଥିଲା। ଏ ନେଇ ୮୦ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପୋଲିସ ଅପହରଣ ମାମଲାରେ ମାଷ୍ଟରମାଇଣ୍ଡଙ୍କ ସମେତ ମୋଟ ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୩ଟି ଦାମୀ କାର ସହିତ ୨ଟି ବାଇକ, ୪ଟି ତେଲେଙ୍ଗା କଟୁରୀ ଓ ନେଇଥିବା ୪୦ଲକ୍ଷ ଟଙ୍କାରୁ ୮ଲକ୍ଷ ପାଖାପାଖି ଟଙ୍କା ଜବତ କରିଥିଲା। ଶୁକ୍ରବାର ବାରିପଦା ଜେଲ ପରିସରରେ ମୁଖ୍ୟ ଅଭିଯୁକ୍ତଙ୍କୁ ଅଭିଯୋଗକାରିଙ୍କ ସମ୍ମୁଖରେ ରଖି ଟିଆଇ ପରେଡ୍ କରାଯାଇଛି। ଅଭିଯୋଗକାରୀ ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ସୂଚନା ମିଳିଛି। ଘଟଣାରେ ଟିଆଇ ପରେଡ ପାଇଁ ବୈଶିଙ୍ଗା ପୋଲିସ ପକ୍ଷରୁ ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟଙ୍କ ଅନୁମତି ମିଳିବା ପରେ ନିୟମ ଅନୁଯାୟୀ ଟିଆଇ ପରେଡ୍ କରାଯାଇଛି।

# ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ

ନୀଳଗିରି, ୧୫।୧୧ (ପ୍ରଶାନ୍ତ ବିଶ୍ୱାଳ)

## ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ନୀଳଗିରି ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମଠାରେ ଶନିବାର ଧରିତ୍ରୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଜନଜାତି ଗୌରବ ଦିବସକୁ ଭାରତ ସରକାରଙ୍କ ଜନଜାତି କଲ୍ୟାଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁଜୁରାଟର ଦେଡ଼ିଆପଡାଠାରେ ଆୟୋଜିତ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ସମସ୍ତେ ଜନଜାତି ଭାଇଭଉଣୀମାନଙ୍କୁ ଉତ୍ସାହିତ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାସ୍ତରରେ ନୀଳଗିରି ସ୍ଥିତ ଇନଡ଼ୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଏମ୍‌ପି ଓ ଅତିଥିଗଣ।

ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନୀୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବରେଣ୍ୟ ଅତିଥିଙ୍କ ମଧ୍ୟରେ ନୀଳଗିରି ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ତହସିଲଦାର ସୋନମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ସମେତ ଅତିଥିଗଣ ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଏବଂ ସଂଗ୍ରାମର ଉତିଗାଥା ସ୍ମୃତିଚାରଣ କରିଥିଲେ। ବ୍ରିଟିଶ ଶାସନ ବିରୋଧରେ ଦେଶ ମାତୃକାର ରକ୍ଷା, ନିଜର ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ଲଢ଼େଇ କରି ୨୫ ବର୍ଷ ବୟସରେ ବ୍ରିଟିଶ ଶାସନର ଅକଥନୀୟ ଅତ୍ୟାଚାର ଏବଂ ନିର୍ଯ୍ୟାତନାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସେହି ଅମର ସହିଦଙ୍କୁ ସମ୍ମାନ ନିମନ୍ତେ ଆଜିର ଏହି ଦିବସ ପାଳନ କରାଯାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ସରକାରଙ୍କ ତରଫରୁ ଜନଜାତି ବର୍ଗର ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ସମାବେଶ ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପ୍ରଚଣ୍ଡ ଶକ୍ତିର ଅଧିକାରୀ ଯୁବପିଢ଼ି'

## ଜାତୀୟ ପ୍ରେସ୍ ଦିବସରେ ବିଶିଷ୍ଟ ବ୍ୟକ୍ତିତ୍ୱ, ଛାତ୍ରୀ ସମ୍ବର୍ଦ୍ଧିତ



ପ୍ରେସ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ଭୋଗରାଇ, ୧୫।୧୧ (ପ୍ରଦୀପ ଦାସ)

ଯୁବଶକ୍ତି ହେଉଛି ପ୍ରଚଣ୍ଡ ଶକ୍ତିର ଅଧିକାରୀ। ସମାଜ ବ୍ୟବସ୍ଥାର ଏକ ବଡ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ ଏହି ଯୁବଶକ୍ତି। ଯୁବଶକ୍ତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ ହୁଏ, ଦେଶ ପ୍ରଗତି ପଥରେ ଆଗେଇ ଯାଏ। ଏକ ଗଠନମୂଳକ ସମାଜ ଗଢିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ବାଲେଶ୍ୱର ଜିଲ୍ଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆର୍‌ଆଇଏଚଏସ୍ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅପରାହ୍ନରେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବଶକ୍ତି ଶୀର୍ଷକ ଆୟୋଜିତ ସେମିନାର ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ। ଏହି ସେମିନାରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବ୍ରଜବିହାରୀ ପତି ବେଦପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ, ଗଣତାନ୍ତ୍ରିକ ଦେଶରେ ଗଣମାଧ୍ୟମ ଆଜି ବିପଦଗାମୀ ଓ ଅସୁରକ୍ଷିତ। ଏଥିପାଇଁ ଗଣମାଧ୍ୟମ ଦାୟିତ୍ୱସମ୍ପନ୍ନ ଓ କର୍ତ୍ତବ୍ୟପରାୟଣ ହୋଇ କାର୍ଯ୍ୟ କଲେ ଗଣତନ୍ତ୍ର ସୁଦୃଢ ହେବ। ଆମ ସମ୍ବିଧାନ ଆମକୁ ଗଣତନ୍ତ୍ରର ସଫଳତା ପାଇଁ ଯୁବଶକ୍ତିକୁ ଦାୟିତ୍ୱ ଦେଇଛି। ଏହି ଯୁବଶକ୍ତି ଶୃଙ୍ଖଳିତ ହୋଇ କର୍ତ୍ତବ୍ୟ କଲେ ଦେଶର ପ୍ରଗତି ଘଟିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ସତ୍ୟଶିବ ଦାସ ଗଣତନ୍ତ୍ର ସତ୍ତା ହେଲେ ଗଣମାଧ୍ୟମ ଓ ଯୁବଶକ୍ତି ହେଲେ ଆମଦେଶର ପ୍ରାଣ ବୋଲି ପ୍ରକାଶ କରିଥିଲେ। କେନ୍ଦୁଝରର ଯୋଡ଼ା ଧରିତ୍ରୀ ଖବରଦାତା ମାନସ ରଞ୍ଜନ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଭାଜପା ନେତା ଅଂଶୁମାନ ମହାନ୍ତି,ପୂର୍ବତନ ବ୍ୟାଙ୍କ ଅଧିକାରୀ ତଥା ସାମାଜିକ କର୍ମୀ ଅନୁପ କୁମାର ମିଶ୍ର, ଆରଆଇଏଚଏସ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି, ଅଧ୍ୟାପକ ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପକ ଅନୁପ କୁମାର ସାମଲ ପ୍ରମୁଖ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବଶକ୍ତି ଆମଦେଶର ଦ୍ରଷ୍ଟା ଓ ସ୍ରଷ୍ଟା ଭାବେ କାର୍ଯ୍ୟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସାହିତ୍ୟିକ ପଙ୍କଜାକ୍ଷ ପଣ୍ଡାଙ୍କ ସହିତ ଖବରଦାତା ମନୀନ୍ଦ୍ର ସୁନ୍ଦର ବାରିକ, ରମେଶ ଚନ୍ଦ୍ର ମହାପାତ୍ର, ବେଣୁଧର ବେହେରା, ଅବନୀ କୁମାର ଚାନ୍ଦ, ପ୍ରତାପ ପାତ୍ର, ସୁଶାନ୍ତ କୁମାର ପ୍ରଧାନ, ଡ଼ଃ ଶ୍ରୀକୁମାର ଘୋଷ, ପ୍ରଦୀପ କୁମାର ନାୟକ ପ୍ରମୁଖ ସହ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ଅଂଶୁମାନ ରାଉତ ଧନ୍ୟବାଦ ଦେଇଥିଲେ। ସେମିନାରରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ, ବୁଦ୍ଧିଜୀବୀ, ପ୍ରଶାସନ,ବିଭିନ୍ନ ଦଳର ନେତୃମଣ୍ଡଳୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଆଗ୍ରହୀ ଯୁବପିଢ଼ିଙ୍କୁ ବଢ଼ିବାକୁ ପ୍ରେରଣା ଦିଏ

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ସିମୁଳିଆ, ୧୫।୧୧ (ସନ୍ତୋଷ ନାୟକ)

ବିଭିନ୍ନ ଆଗ୍ରହୀ ଯୁବତୀଯୁବକ ଓ ଚାଷୀମାନେ ମାଛ ଚାଷ ଓ ଗୋ-ପାଳନ ମାଧ୍ୟମରେ ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ ଶନିବାର ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ବଣାପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମଗ୍ର ବ୍ଲକରୁ ମୋଟ ୪୪୦ଜଣ ଚାଷୀ ନିଜର ନାମ ପଞ୍ଜିକରଣ କରିଥିଲେ। ବିଭିନ୍ନ ଚାଷୀ, ଏସ୍‌ଏଚ୍‌ଜି ମହିଳା ଓ ଆଗ୍ରହୀ ଯୁବତୀଯୁବକମାନଙ୍କୁ ବିଭିନ୍ନ ଲିଫ୍‌ଲେଟ, ସଚେତନାତ୍ମକ ପାଲା ଓ ବିଭିନ୍ନ ଷ୍ଟଲରେ ପ୍ରଦର୍ଶିତ ଯନ୍ତ୍ରପାତି ଦ୍ୱାରା ସଚେତନ କରାଯାଇଥିଲା। ଏହି ଅବସରରେ ରାଜେନ୍ଦ୍ର କୁମାର ମହାରଣାଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ପଦ୍ମଲୋଚନ ପଣ୍ଡା



ଅତିଥିମାନଙ୍କ ଗହଣରେ ଡିଏଫ୍‌ଓ ରେଶ୍ମାରାଣୀ ସିଂ ସୂଚନା ପ୍ରଦାନ କରୁଛନ୍ତି।

ଯୋଗଦେଇ ଭାଜପା ସରକାର ବେକାରୀ ଦୂରୀକରଣ ଓ ସ୍ୱାବଲମ୍ବୀ ଉପରେ ଗୁରୁତ୍ୱ ଦେଉଥିବା କହିଥିଲେ। ସୋର ବ୍ଲକର ଏଏଫ୍‌ଓ ସୁବ୍ରତ କୁମାର ଦାସ ସରକାରଙ୍କ ମତ୍ସ୍ୟ ଚାଷ ଯୋଜନା, ବିଭିନ୍ନ ବର୍ଗଙ୍କ ପାଇଁ ରିହାତି, ଆବଶ୍ୟକ ଯନ୍ତ୍ରପାତି ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ବଡ଼ସାହି ବ୍ଲକର ବିଡିଓ ମନୋଜ କୁମାର ସେଠୀ ସରକାର କାମଧେନୁ ଯୋଜନା, ଗୋ ସୁଗମ ଯୋଜନାକୁ ଦ୍ୱିଗୁଣିତ କରିବା ପାଇଁ ଚାହୁଁଥିବାରୁ ଚାଷୀ ଓ ଉଦ୍ୟମୀ ଯୁବତୀଯୁବକମାନେ ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଡିଏଫ୍‌ଓ ରେଶ୍ମାରାଣୀ ସିଂ ଧାନ ଚାଷ ସହିତ ଗାଈ, କୁକୁଡା, ଛେଳି ଆଦି ମିଶ୍ରିତ ଚାଷ ଦ୍ୱାରା ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇ ଏହି ମେଳା ଯୁବତୀଯୁବକ ଓ ଚାଷୀମାନଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଅଗ୍ରଣୀ ଚାଷୀ ଓ ସଙ୍ଗଠନମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ସ୍ୱରୂପାନନ୍ଦ ପତି, ଡ. ଈଶ୍ୱରୀ ଇପ୍‌ସିତା ଦାଶ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ଉପାଧ୍ୟକ୍ଷା ହିମାଦ୍ରୀ ନନ୍ଦିନୀ ମହାପାତ୍ର, ଜିଲ୍ଲାପରିଷଦ ରମେଶ ଚନ୍ଦ୍ର ସାହୁ, ବିଏଫଏସି ରମାକାନ୍ତ ପଡିହାରୀ, ସ୍ଥାନୀୟ ସରପଞ୍ଚ ଅଞ୍ଜନା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ରଶ୍ମିରେଖା ସେଠୀ ପ୍ରାକ୍ ସୂଚନା ପ୍ରଦାନ ଓ ଏଏଫ୍‌ଓ ଗାୟତ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଫେରାର

ବୈଶିଙ୍ଗା, ୧୫।୧୧ (ରତନ ଦାଶ)

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ହରିପୁର ଅଞ୍ଚଳରେ ନାବାଳିକାଙ୍କୁ ଧାନ ଖେତରେ ବଳାତ୍କାର ଅଭିଯୋଗ ହୋଇଛି। ଗାଁ ବୈଠକରେ ସମାଧାନ ନ ହେବାରୁ ଶୁକ୍ରବାର ସନ୍ଧ୍ୟାରେ ପୀଡ଼ିତାଙ୍କ ମାଆଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଅଭିଯୋଗ ଅନୁଯାୟୀ, ଗତ ବୁଧବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ୧୩ ବର୍ଷୀୟ ନାବାଳିକା ନିଜ ସାଙ୍ଗଙ୍କ ଘରୁ ଫେରୁଥିଲେ। ଏହି ସମୟରେ ଟେମ୍ପା ମାଝୀ ନାମକ ଯୁବକ ଛୁରି ଦେଖାଇ ନାବାଳିକାଙ୍କୁ ଟେକି ନେଇ ଧାନ ବିଲରେ ବଳାତ୍କାର କରିଥିଲେ। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ପରିବାର ବର୍ଗ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପୀଡ଼ିତା ଘରେ ପହଞ୍ଚି ସବୁ କଥା କହିଥିଲେ। ଏହାକୁ ନେଇ ଗାଁରେ ଏକ ବୈଠକ ବସିଥିଲା। ଅଭିଯୁକ୍ତଙ୍କ ଅନୁପସ୍ଥିତି ଯୋଗୁ କୌଣସି ସମାଧାନ ହୋଇ ନ ପାରିବାରୁ ପରିବାରବର୍ଗ ଶୁକ୍ରବାର ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୫୮୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲେ ହେଁ ଅଭିଯୁକ୍ତଙ୍କ ସନ୍ଧାନ ମିଳି ନ ଥିବା ତଦନ୍ତକାରୀ ଅଧିକାରୀ ଅଶୋକ କୁମାର ପାତ୍ର ସୂଚନା ଦେଇଛନ୍ତି।

No.B-694

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**

E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA 'e' Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.

1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal **"https://tendersodisha.gov.in**

OIPR-
Sd./- Superintending Engineer, Cuttack (R&B) Division No.I

No.T-103

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
✽✽✽✽✽✽✽✽✽✽
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-

# ୫୪୦ ଲିଟର ମଦ ନଷ୍ଟକଲା ଅବକାରୀ ବିଭାଗ

ବାରିପଦା, ୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦର ଥାନା ଅନ୍ତର୍ଗତ ରଙ୍ଗିଭୋଳ ଗ୍ରାମରେ ଚାଲିଥିବା ବେଆଇନ ଦେଶୀ ମଦଭାଟିରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରିଛି। ମୟୂରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହ୍ନରଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ସଦର ଅବକାରୀ କର୍ମଚାରୀ ଅତର୍କିତ ଭାବେ ଚଢ଼ାଉ କରି ୨ଟି ସ୍ଥାନରେ ବେଆଇନ ଭାବେ ଚାଲିଥିବା ମଦଭାଟିକୁ ଭାଙ୍ଗିବା ସହ ୫୫୦ ଲିଟର ଦେଶୀ ମଦ ସହ ୬୫୦୦ କେଜି ପୋଚ ନଷ୍ଟ କରିଛି। ବାରିପଦା ସଦର ଅବକାରୀ ମୋବାଇଲ ଇନ୍ସପେକ୍ଟର ସଞ୍ଜୟ କାଣ୍ଡି, ଅବକାରୀ ଅଫିସ ଇନ୍‌ଚାର୍ଜ ପ୍ରହଲ୍ଲାଦ ବିଶ୍ୱାଳଙ୍କ ସହ ରଣଜିତ କୁମାର ଷଡଙ୍ଗୀ, ଅମ୍ବିକା ପ୍ରସାଦ ନାଏକ, ହେମନ୍ତ ପାତ୍ର, ସବିତା ମହାନ୍ତ, ଲିଜା ପ୍ରଧାନ, ସଞ୍ଜୀବ ମହାପାତ୍ର, ସମୟ ମହାପାତ୍ର ଚଢ଼ାଉରେ ସାମିଲ ଥିଲେ।

No.O-1442

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025

Due to unavoidable circumstances the change as detailed below are hereby made in the above NIT.
1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

OIPR-
Sd./- Executive Engineer
Rural Works Division, Kendrapara

# ଓଡ଼ିଶା ବ୍ରିଗେଡ ସ୍କୁଲର ବାର୍ଷିକ କ୍ରୀଡ଼ା



ବାର୍ଷିକ କ୍ରୀଡ଼ା ପାଳନ ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ।

ଝାରପୋଖରିଆ, ୧୫।୧୧ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଝାରପୋଖରିଆ ପଞ୍ଚାୟତର ଘିଆଯୋଡିଠାରେ ଭୁବନେଶ୍ୱର ସେଣ୍ଟ୍ରାଲ ଏକାଡେମୀ ଦ୍ୱାରା ପରିଚାଳିତ ଓଡ଼ିଶା ବ୍ରିଗେଡ (ସୈନିକ) ସ୍କୁଲର ୧୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ବଣ ବୁଢ଼ାମରା ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ସ୍କୁଲ ମ୍ୟାନେଜିଂ ଟ୍ରଷ୍ଟିର ମୁଖ୍ୟ ହୃଷିକେଶ ଜେନା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ମିତାଞ୍ଜଳି ସାମ୍ବଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ କ୍ରୀଡା ପ୍ରତିଯୋଗିତାକୁ ସ୍କୁଲର କ୍ରୀଡ଼ା ଶିକ୍ଷକ ସୁକୁମାର ମହାନ୍ତ ପରିଚାଳନା କରିଥିବା ବେଳେ ରଜତ ବସା ସହଯୋଗ କରିଥିଲେ। ସ୍କୁଲର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ବିଭାଗ ଦୌଡ଼, ଅଙ୍କକଷା, ଆଳୁ ଚାମଚ, ବଲ ଭାରସାମ୍ୟ ରକ୍ଷା, ମ୍ୟୁଜିକ ଚେୟାର, ବେଙ୍ଗ ଓ ଅଖା ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳାନାରେ ଶିକ୍ଷୟିତ୍ରୀ ପ୍ରକୃତି ମହାନ୍ତ, ନିର୍ମଳା ସାହୁ, ତୃପ୍ତି ଷଡ଼ଙ୍ଗୀ, ନମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଝାରପୋଖରିଆ ସରପଞ୍ଚ ମାଳତୀ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମ୍ୟାନେଜିଂ ଟ୍ରଷ୍ଟିର ସମ୍ପାଦକ ସାଇକୃପା ଜେନା ଓ ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ସେଠୀ ଯୋଗ ଦେଇଥିଲେ। ଶେଷରେ ବିଜେତାଙ୍କୁ ମାନପତ୍ର ଓ ପଦକ ଦିଆଯାଇ ପୁରସ୍କୃତ କରାଯାଇଥିଲା।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025

**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-
Sd./- Superintending Engineer, P.H.Division, Balasore

No.O-1423

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
"e" Procurement Notice for Weir on Bridge Work
**Identification No.- Online Tender- Weir on Bridge N.C.B. No.398 for 2025-26.**
**Letter No.5167/Date 11.11.2025//**

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.
• Any Corrigendum / Addendum will be displayed in the above e_tender website only.

Sd./- Er. A.K Naik
Chief Construction Engineer,
R.W. Circle, Baripada
OIPR-

**ବିଜ୍ଞାପନ** No. RR-27

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**
ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ। ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ। ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ। (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୂନ ୬ ବର୍ଷ ଶିକ୍ଷା ଲାଭ କରିଥିବେ। (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୂନ ମାଟ୍ରିକ୍ ପାସ୍ କରିଥିବେ। (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ। ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ।

OIPR:
ମୁଖ୍ୟ ନିର୍ବାହୀ

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail - rwssjspur@gmail.com
e-Procurement Notice
Bid Identification No. 35 of 2025-26

**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

OIPR-
Sd./- Executive Engineer
RWS&S Divn., Jagatsinghpur

See Career Appointment on every Wednesday & Saturday

# ୩ ରାଜ୍ୟରେ ବେଦାନ୍ତ ଆଲୁମିନିୟମର ଶିଶୁଦିବସ



ଭୁବନେଶ୍ୱର,୧୫।୧୧ (ଅନୁରାଧା ମହାରଣା)

ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ବେଦାନ୍ତ ଆଲୁମିନିୟମ ଶିଶୁଦିବସ ପାଳନ କରିଛି। କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଂଶ ଭାବରେ ଏହି ଉତ୍ସବ ମାଧ୍ୟମରେ କମ୍ପାନୀ ୯,୦୦୦ରୁଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଓଡ଼ିଶାର ଝାରସୁଗୁଡାରେ ଜିଲା କର୍ତ୍ତୃପକ୍ଷଙ୍କ ସହଯୋଗରେ ଉଦ୍ୟୋଗିତା ମେଳା ଆନନ୍ଦ ନାଗରୀରେ ୧୦୬ ଟି ସ୍କୁଲର ୫,୦୦୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ବିଦ୍ୟାଳୟ ଏବଂ ବେଦାନ୍ତ ନନ୍ଦଘରଗୁଡ଼ିକରେ ୫୦୦ରୁ ଅଧିକ ପିଲା ଅଧ୍ୟୟନ ସାମଗ୍ରୀ, କ୍ରୀଡ଼ା କିଟ୍ ପାଇଥିଲେ। ଜାମଖାଣି, ଘୋଘରପାଲି ଏବଂ କୁଡାଲୋଇରେ ୪୨ଟି ସ୍କୁଲ ଏବଂ ୫୧ଟି ଅଙ୍ଗନୱାଡି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା, ଏଥିରେ ୨୮୫୦ରୁ ଅଧିକ ପିଲା, ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଛତିଶଗଡ଼ର ବାଲ୍‌କୋରେ ବିଭିନ୍ନ କାର୍ଯ୍ୟକ୍ରମ ୩୩ଟି ବେଦାନ୍ତ ନନ୍ଦ ଘରଗୁଡ଼ିକରେ ୮୦୦ରୁ ଅଧିକ ପିଲାଙ୍କ ସହିତ ପାଳନ କରାଯାଇଥିଲା। ଆନ୍ଧ୍ରପ୍ରଦେଶର ଭାଇଜାଗ୍ ଜେନେରାଲ୍ କାର୍ଗୋ ବର୍ଥ (ଭିଜିସିବି) ଶିକ୍ଷାଗତ ଉପହାର, ସାଂସ୍କୃତିକ ପ୍ରତିଯୋଗିତା ଏବଂ ଫ୍ୟାନ୍ସି ଡ୍ରେସ୍ ଇଭେଣ୍ଟ ମାଧ୍ୟମରେ ୧୫୧ ଜଣ ପିଲାଙ୍କ ନିକଟରେ ପହଞ୍ଚିଥିଲା।

# ଆମ ସୁବାହକ ଯୋଜନା ଲାଗି ଏସ୍‌ଏଲବିସି ସଦସ୍ୟଙ୍କ ସହ ବୈଠକ

ଭୁବନେଶ୍ୱର,୧୫।୧୧ (ସୁନୀଲ ମିଶ୍ର)

ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ଆମ ସୁବାହକ ଯୋଜନା ଆରମ୍ଭ କରିବା ସହିତ ଏହାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସଏଲବିସି)ର ସଦସ୍ୟ ବ୍ୟାଙ୍କଗୁଡ଼ିକ ସହିତ ଏକ ବୈଠକ ଶନିବାର କରିଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ ପ୍ରମୁଖ ସରକାରୀ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ଆମ ସୁବାହକ ଏକ ପରିବର୍ତ୍ତନକାରୀ ସଶକ୍ତିକରଣ-ସଂଯୁକ୍ତ ଜୀବିକା ପଦକ୍ଷେପ ଯାହାର ଲକ୍ଷ୍ୟ ଡ୍ରାଇଭିଂ ବୃତ୍ତିରେ ଲିଙ୍ଗଗତ ସନ୍ତୁଳନ ଆଣିବା। ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା



ଏବଂ ଓଡ଼ିଶାରେ ସୁରକ୍ଷିତ, ମର୍ଯ୍ୟାଦାପୂର୍ଣ୍ଣ ଗତିଶୀଳତା ସୁନିଶ୍ଚିତ କରିବା ସେ ମହିଳା ହିତାଧିକାରୀମାନଙ୍କୁ ସହାୟତା କରିବା ପାଇଁ ତୁରନ୍ତ ଋଣ ବ୍ୟବସ୍ଥା, ସରଳୀକୃତ ଡକ୍ୟୁମେଣ୍ଟେସନ୍ ଏବଂ ଉତ୍ସର୍ଗୀକୃତ ସୁବିଧା କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରିଛନ୍ତି। ଅମିତାଭ ଠାକୁର କହିଛନ୍ତି, ଏହି ଯୋଜନାରେ ହାଲୁକା ୪ ଚକିଆ ଯାନ କ୍ରୟ ପାଇଁ ସୁଧମୁକ୍ତ ଋଣ ପ୍ରଦାନ କରାଯିବା ସହିତ ଲାଇସେନ୍ସିଂ, ସଂରଚିତ ଡ୍ରାଇଭିଂ ତାଲିମ ଏବଂ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଉଦ୍ୟୋଗୀ ସୁଯୋଗ ପାଇଁ ସହାୟତା ପ୍ରଦାନ କରାଯିବ। ଏଥିଲାଗି ବ୍ୟାଙ୍କଗୁଡ଼ିକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜି ହୋଇଛନ୍ତି। ଏହି ଯୋଜନା ଚାରି ବର୍ଷ ମଧ୍ୟରେ ୧୧୦୦ ଆମ ସୁବାହକ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୨୦୨୫-୨୬ ରେ ୨୦୦, ୨୦୨୬-୨୭ ରେ ୨୫୦, ୨୦୨୭-୨୮ରେ ୩୦୦ ଏବଂ ୨୦୨୮-୨୯ରେ ୩୫୦ ଜଣ ସୁବାହକ ସୃଷ୍ଟି ହେବେ। ଯୋଗ୍ୟ ମହିଳାମାନେ ୨୧-୪୦ ବର୍ଷ ବୟସର ହୋଇଥିବା ଆବଶ୍ୟକ।

# ସୋନାଲିକା ଟ୍ରାକ୍ଟର୍ସର ଗିନିଜ୍ ୱାର୍ଲ୍ଡ ରେକର୍ଡ

ଭୁବନେଶ୍ୱର,୧୫।୧୧

ଟ୍ରାକ୍ଟର ଉତ୍ପାଦନକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସର ବାଂଲାଦେଶ ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଗୋଟିଏ ଦିନରେ ସର୍ବାଧିକ ଟ୍ରାକ୍ଟର ଡେଲିଭରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରିଛି। ୩୫୦ଟି ଟ୍ରାକ୍ଟର ଡେଲିଭରି କରି ବାଂଲାଦେଶର ଦିନାଜପୁରଠାରେ ଅନୁଷ୍ଠିତ ସମାରୋହ 'ସୋନାଲିକାର ବିଶ୍ୱଜୟ'ରେ ମାତ୍ର ୪ ଘଣ୍ଟା ମଧ୍ୟରେ ରେକର୍ଡ କରାଯାଇପାରିଛି। ଏହି ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଦୀପକ ମିତ୍ତଲ କହିଛନ୍ତି, ଏହି ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରତ୍ୟେକ କୃଷକ ଓ ପ୍ରତ୍ୟେକ ସହଯୋଗୀଙ୍କ ପାଖରେ କୃତଜ୍ଞ ଯିଏ ଆମର ଏହି ଯାତ୍ରାରେ ବିଶ୍ୱାସ କରିଛନ୍ତି। ଇଣ୍ଟରନ୍ୟାଶନାଲ ବିଜନେସ୍ ବିଭାଗର ନିର୍ଦ୍ଦେଶକ ଓ ସିଇଓ ଗୌରବ ସକ୍ସେନା କହିଛନ୍ତି, ଆମର ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଦ୍ୱାରା ବାଂଲାଦେଶରେ ହାସଲ କରାଯାଇଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ଗ୍ରାହକ କେନ୍ଦ୍ରିକତା ଓ ଉଦ୍ଭାବନ ଉପରେ ଆମ ଦୃଷ୍ଟି କରିବା ପାଇଁ ଏକଟି ହୋଇଛନ୍ତି ତାହାକୁ ପ୍ରତିଫଳନ କରୁଛି।

# ଓରେରା ସିଡିଆର୍ ସେଲ୍ କର୍ମଶାଳା

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଓଡ଼ିଶା ରିଏଲ୍‌ଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ କନ୍‌ଫ୍ଲିକ୍ଟସ୍ ଆଣ୍ଡ ଡିସପ୍ୟୁଟ୍ ରିଜୋଲ୍ୟୁସନ ସେଲ୍ (ସିଡିଆର୍) ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର କର୍ମଶାଳାର ଉଦ୍‌ଘାଟନ କରି ସିଡିଆର୍ ସେଲ୍‌ର ଉଦ୍ଦେଶ୍ୟ ଆବଶ୍ୟକତା ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଏହି ସେଲ୍ ମାଧ୍ୟମରେ ଆପୋସ ମଧ୍ୟସ୍ଥତା ଦ୍ୱାରା ବିଭିନ୍ନ ବିବାଦର ସୁଗମ ଏବଂ ଶୀଘ୍ର ସମାଧାନ ସମ୍ଭବ ହେବ। ଓରେରା ପ୍ରଶାସନିକ ସଦସ୍ୟ ରାଜେନ୍ଦ୍ର ମିଶ୍ର କହିଥିଲେ, ବିଲ୍ଡର ଏବଂ ଗୃହକ୍ରେତାଙ୍କ ମଧ୍ୟରେ ଉଦ୍ଭବିତ ବିବାଦର ଦ୍ରୁତ ସମାଧାନ ହେବା ହେଉଛି ସିଡିଆର୍ ସେଲ୍‌ର ପ୍ରମୁଖ ଲକ୍ଷ୍ୟ। ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାଶ ସେଲ୍‌ର ବିଭିନ୍ନ ଆଇନଗତ ପାର୍ଟି ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ କୁମାର ଜେନା, ଆଡ୍‌ଜୁଡିକେଟିଂ ଅଫିସର, ଓରେରା ସିଡିଆର୍ ସେଲ୍‌ର କାର୍ଯ୍ୟ ନିୟମାବଳୀ ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ବକ୍ତା ଭାବେ ଯୋଗଦେଇଥିବା ସୋଆ ୟୁନିଭର୍ସିଟିର ଡ. ଅମୃତା ଦାସ, ଏକ୍ସଆଇଏମ୍‌ର ଆଇନ ବିଭାଗର ଡ. ବିରଞ୍ଚି ନାରାୟଣ ପଣ୍ଡା, ରାଜ୍ୟ ଜୁଡିସିଆଲ ଏକାଡେମୀର ଡେପୁଟି ଡାଇରେକ୍ଟର ବିଜୟ କୁମାର ଛୋଟରାୟ ଏବଂ ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ. ବିଜୟ ଚନ୍ଦ୍ର ମହାପାତ୍ର ସିଡିଆର୍ ସେଲ୍‌ର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଆଲୋକପାତ କରିଥିଲେ। କ୍ରେଡାଇ ଏବଂ ଗୃହକ୍ରେତା ସଂଘଙ୍କ ସଦସ୍ୟମାନେ ସିଡିଆର୍ ସେଲ୍‌ର ସଦସ୍ୟ ଭାବେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓରେରା ସଚିବ ମାନସୀ ମାନ୍ଧାତା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପସଚିବ (ଅର୍ଥ) ପ୍ରଭାତ କୁମାର କୁଣ୍ଡୁର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଏସ୍‌ଡି ଲ୍ୟାଣ୍ଡ ଶୁଚିସ୍ମିତା ଦାଶ ପରିଚାଳନା କରିଥିଲେ।

# ଟିଟିକେ ପ୍ରେଷ୍ଟିଜ୍‌ର ବାର୍ଷିକ ସେବା ସମ୍ମିଳନୀ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

କିଚେନ୍ ୱେୟାର ଆପ୍ଲାଏନ୍ସର ଅଗ୍ରଣୀ ବ୍ରାଣ୍ଡ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍ ଓଡ଼ିଶା କ୍ଷେତ୍ର ପାଇଁ ଏହାର ବାର୍ଷିକ ସେବା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜେନେରାଲ ମ୍ୟାନେଜର (ଗ୍ରାହକ ସେବା) ମନୀଷ କାଉଲ, ଆଞ୍ଚଳିକ ସେବା ପରିଚାଳକ ସମ୍ରାଟ ଚକ୍ରବର୍ତ୍ତୀ, ଶାଖା ମୁଖ୍ୟ ଆଶାବିତ ପଣ୍ଡା, କ୍ଷେତ୍ର ବିକ୍ରୟ ମୁଖ୍ୟ ପ୍ରବୀଣ କୁମାର ପାତ୍ର, କ୍ଷେତ୍ର ସେବା ମୁଖ୍ୟ ସୁଜିତ କୁମାର ନାୟକ ଏବଂ କ୍ଷେତ୍ର ମୁଖ୍ୟ ଶେଷଦେବ ବିଶ୍ୱାଳ ଉପସ୍ଥିତ ଥିଲେ। ସାରା ଓଡ଼ିଶାରେ ୧୫ଟି



ସେବା କେନ୍ଦ୍ର ଏଥିରେ ଯୋଡ଼ିହୋଇଥିଲା। ସେବା ମାଧ୍ୟମରେ ଆମର ଗ୍ରାହକମାନଙ୍କୁ କିପରି ଖୁସି କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଗ୍ରାହକ ଅଭିଜ୍ଞତା ବୃଦ୍ଧି ବିଷୟରେ ମନୀଷ ମଧ୍ୟ କହିଥିଲେ।

# ଫୋନ୍‌ପେ ଏବଂ ଓପନ ଏଆଇ ମଧ୍ୟରେ ସହଭାଗିତା

ଭୁବନେଶ୍ୱର,୧୫।୧୧

ଫୋନ୍‌ପେ ପକ୍ଷରୁ ଗ୍ଲୋବାଲ ଏଆଇ କମ୍ପାନୀ ଓପନ ଏଆଇ ସହିତ ଏକ ସହଭାଗିତା କରାଯାଇଛି। ଭାରତରେ ଚାଟ୍‌ଜିପିଟିର ବ୍ୟବହାରକୁ ଦ୍ରୁତଗତିରେ ବଢ଼ାଇବା ଏବଂ ପାରସ୍ପରିକ ବ୍ୟବସାୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସହଭାଗିତା କରାଯାଇଛି। ଏହା ଦ୍ୱାରା ଫୋନ୍‌ପେର ୟୁଜରମାନେ ଫୋନ୍‌ପେ ପ୍ଲାଟ୍‌ଫର୍ମରେ ହିଁ ଚାଟ୍‌ଜିପିଟିରେ ଫିଚରଗୁଡ଼ିକୁ ବ୍ୟବହାର କରିପାରିବେ। ଫୋନ୍‌ପେର ପ୍ରତିଷ୍ଠାତା ରାହୁଲ ଚାରି କହିଛନ୍ତି, ନୂଆ ଚିନ୍ତାଧାରା ଥିବା କମ୍ପାନୀଗୁଡ଼ିକ ଏକାଠି କାମ କଲେ, ନୂଆ ଟେକ୍ନୋଲୋଜିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ଓପନ ଏଆଇର ଅନ୍ତର୍ଜାତୀୟ ମୁଖ୍ୟ ଓଲିଭର ଜେ କହିଛନ୍ତି, ଏହି ସହଭାଗିତା ଲକ୍ଷ ଲକ୍ଷ ୟୁଜରଙ୍କ ଦୈନନ୍ଦିନ ଜୀବନକୁ ଉନ୍ନତ କରିବାରେ ସାହାଯ୍ୟ କରିବ।

---


## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/P.O./P.S.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in

Letter No. 3223 Date: 11.11.25

**ADVERTISEMENT FOR INVITING EXPRESSION OF INTEREST FOR 1 No. OF CANTEEN UNDER MISSION SHAKTI HAAT**

No. C-1445: Interested WSHGs/SHG Federation having the willingness and aptitude for the activity/scheme titled **1 No. of Canteen under Mission Shakti Haat** are invited to submit their proposal through only postal service before the concerned Executive Officer, Titilagarh Municipality in the mentioned below format within 7 (Seven) office working days of this advertisement i.e. by 19.11.2025 before 5.30 P.M.

Sd./- Executive Officer
Titilagarh Municipality

OIPR-

## OFFICE OF THE CDO-cum-EO
## ZILLA PARISHAD, GANJAM, CHATRAPUR

No. CAD-2284: Sealed tenders are invited from eligible and authorized approved IOCL vendors for the supply of various non-fuel items to DSMS, Ganjam. The firm must possess valid documents such as the authorization certificate, up-to-date ITR, etc.

Tender documents can be obtained from the office of DSMS, Ganjam or downloaded from the website **www.ganjam.nic.in**.

The last date for receipt of tender papers is 25.11.2025 at 2.00 P.M. The tenders will be opened on the same day, i.e. 25.11.2025 at 3.00 P.M. in the Office of the CDM-cum-EO, Zilla Parishad, Ganjam.

Sd./- CDO-cum-EO
Zilla Parishad, Ganjam

OIPR-

## OFFICE OF THE SUPERINTENDENT, DHARANIDHAR MEDICAL COLLEGE & HOSPITAL, KEONJHAR-758001

Email:supdtgmckeonjhar@gmail.com

Advt.No.4908/DDMC&H, Keonjhar Date:13.11.2025

**TENDER CALL NOTICE**

No.E-506: Sealed tenders are hereby invited from the intending manufacturers or their authorised stockiest/Distributors for supply of Stationary & Printing Materials (Contingency) items to Dharanidhara Medical College & Hospital, Keonjhar. The eligible bidders may submit their tender papers on or before 08.12.2025 by 5.00 PM through Registered Post/ Speed Post/ Courier only to the undersigned. The Technical Bid documents will be opened on 09.12.2025 at 12.30 P.M. Those who will qualify in the Technical Bid, the date of opening, Financial Bids will be intimated later on. The details in this connection are available in the district website: www.kendujhar.odisha.gov.in and College website: http://gmchkeonjhar.odisha.gov.in. The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

Sd./- Superintendent
Dharanidhara Medical College & Hospital, Keonjhar

OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KANDHAMAL & BOUDH

ଓଡ଼ିଶା ସରକାର

Email Id: deikandhamal-od@od.gov.in, Ph/Fax-0680-2291017
At-Gajapati Nagar, 1st line, Berhampur, Dist:Ganjam, Pin-760010

No.AA-36 **CORRIGENDUM**

**Ref:** Tender Notice No. **01/2025-26**, published on **10.11.2025**
**Subject:** Hiring of Office Building on Rent Basis
With reference to the Quotation Call Notice for Hiring Office Building on Rent Basis (No.AA-34), published in the newspaper the following correction may be read in place of the next printed earlier.
**For:** "Phulbani Municipality Corporation area"
**Read As:** "Phulbani Municipality area and area around 3 km radius of it."
All other terms and conditions remain unchaged.

Sd./-Superintending Engineer-cum-Deputy Electrical Inspector,
Kandhamal & Boudh

OIPR-

## OFFICE OF THE DIVISIONAL FOREST OFFICER KALAHANDI NORTH DIVISION

Near Old Govt. Bus Stand, Bhawanipatna, Kalahandi,Odisha-766001
E-mail ID:dfo.kalahandinorth@odisha.gov.in, Phone No.06670-230526
Bid Identification No.BC-DFOKLDN-01/2025-26

No.MM-274 **NOTICE INVITING TENDER**

| Sl. No. | Name of the Work | Building Works as per DTCN available in the website www.tenderodisha.gov.in |
|---|---|---|
| 1 | Estimated Cost | Rs.17,17,324/- |
| 2 | No. of Works | 1 no of Forest Guard Quarter |
| 3 | Period & time of completion | 3 (Three) Calendar Months |
| 4 | Date & Time of availability of the bid document in the portal | 12.11.2025 to 25.11.2025 (Upto 5.00 PM) online bidding |
| 5 | Last Date/Time for receipt of bids in the portal | Upto 5.00 P.M. of 25.11.2025 |
| 6 | Date & Time of bid opening | 11.00 AM on 26.11.2025 |
| 7 | Name & Address of the Officer Inviting Bid | Divisional Forest Officer, Kalahandi North Division, At-Bhawanipatna, Dist-Kalahandi, PIN-766001 |

Others can be seen from Detailed Notice Inviting Tenders available in website:- www.tenderodisha.gov.in.
Corrigendum if any shall only be published.

Sd./- Divisional Forest Officer
Kalahandi North Division

OIPR-

## OFFICE OF THE NOTIFIED AREA COUNCIL,KODALA

Odisha, Pin-761032, e-Mail: nackodala@gmail.com

Lt.No.3169/Dev/2025 Dated:14.11.2025

**e-NOTICE**
**BID IDENTIFICATION No. KOD-NAC-13/2025-26**

No.C-1471: The Executive Officer, NAC, Kodala on behalf of Governor of Odisha invites for consultancy or bidders of eligible class registered with the State Govt and bidders of equivalent grade/class registered with central Govt/MES/Railways according to norm of e-procurement system in online mode for the work as per DTCN.

1. Name of the Work : Request for Proposal (RFP)
2. Number of Work : 01 Nos.
3. Estimated Cost : As per DTCN
4. Period of Completion : As per DTCN
5. Date and Time of avilability of Bid document in the Portal : From 10.00 AM of Dt.15.11.2025 to 5.00 PM of Dt.28.11.2025
6. Last date and time for receipt of Bid in the Portal : 5.00 PM of Dt.28.11.2025
7. The bid received online shall be opened on 11.00 AM of dtd.02.12.2025
8. Name and address of the Officer Inviting Bid : Executive Officer, NAC Kodala

Further details can be seen from the Procurement Portal: www.tendersorissa.gov.in

Sd./- Executive Officer
Kodala NAC

OIPR-

## OFFICE OF THE MUNICIPAL COUNCIL, BELPAHAR

No.C-1437

**"e" PROCUREMENT NOTICE**
BID REFERENCE NO. EO/BPHM/04/25-26
BID IDENTIFICATION NO. 2025_ORULB_121067
TENDER CALL NOTICE NO.2012 DT.10.11.2025

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Constructiom works |
| No of Works | : | 16 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.13.11.2025 at 10.00 A.M. to dt.24.11.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt.25.11.2025 |
| Name & address of the officer Inviting Bid | : | Executive Officer, Belpahar Municipality |

Further the details can be seen from the procurement portal : **www.tendersorissa.gov.in**, If any addendum/corrigendum/cancellation of tender shall be published in the above website only.

Sd./- Executive Officer,
Belpahar Municipality

OIPR-

## O/O CHIEF DISTRICT MEDICAL & PUBLIC HEALTH OFFICER DISTRICT PROGRAMME MANAGEMENT UNIT NATIONAL HEALTH MISSION, NABARANGPUR

e-mail : dhionab@gmail.com(06858-222057)

Tender No : 10859 Date : 12.11.2025

**No.E-508** : Sealed tenders are invited from registered, reputed and experienced Agencies /Firms/ Individuals for **"selection of Transporter for transportation of sanitary Napkins from Block storage point to designated schools, under ZSS NHM Nabarangpur"**. Bidders may send their complete bid in double cover system (Technical & Financial) separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur.Tender documents is to be downloaded from the District website https://nabarangpur.odisha.gov.in/.**Last date for receipt of Tender documents is 02.12.2025 by 5.00 PM only through Speed post/Regd Post/Courier only** and the bids,so received will be opened on 03.12.2025 at **11:00 AM** in the mini conference Hall of CDM&PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director, NHM, Nabarangpur

OIPR-

## ZILLA SWASTHYA SAMITI, GAJAPATI

(Department of Health & FW, Govt. of Odisha)

Advt. No. 8841/DPMUGJP Date: 12.11.2025

**NOTICE**

**No.E-509** : In continuation to this office Advt. No. 8324 dated 18.10.2025 inviting applications for empanelment of yoga instructor for different health institutions of Gajapati district, whose last date has already been elapsed In view of the approval of the Chief Electoral Officer, Odisha vide Letter No. EC-CON-COE-0078-2025 dated 01.11.2025, the Authority has been pleased to extend the last date for submission of application till 05.00 PM of 26.11.2025. All the candidates who had already applied earlier for the post of Yoga Instructor in response to the aforesaid advertisement are need not to apply. Interested candidates fulfilling the eligibility criteria for the posts can apply to Chief District Medical & Public Health Officer, At/Po-Paralakhemundi, Gajapati, 761200. Visit the district website www.gajapati.odisha.gov.in regularly for all updates
All other terms and conditions remain unaltered.

Sd./- CDM & PHO-cum-District Mission Director, Gajapati

OIPR-

## OFFICE OF THE DIRECTOR, TEXT BOOK PRODUCTION & MARKETING, BHUBANESWAR - I

No. n-193 E-mail- directortbpmodisha@gmail.com, Tel.: 0674-2380871

No. 7176/TBPM **E-Tender Notice** Date: 12.11.25

| | | |
|---|---|---|
| 1. | Description of Tenders | National tender for Transportation of Nationalized Text Books & Allied Books from Truck Owners/Transport Agencies/Transport Contractors having registered Agent Licence for N.T. Books & Allied Books to different district headquarter/blocks all over Odisha for the Academic Session 2026-27 |
| 2. | Date & time of availability of Bid documents in portal: | |
| | Start date for applying Bids Online | Dt.14.11.2025 |
| | Last date for applying Bids on | Dt.05.12.2025 (05.00 P.M.) |
| | Opening of the Technical Bids | Dt.06.12.2025 |
| 3. | Name & address of the O.I.T. | O/o. the Director, Text Book Production & Marketing, Bhubaneswar - 753001 |

Further details regarding downloading of Bid documents, Online participation can be seen from the e-procurement portal **http://tendersodisha.gov.in**.

Sd./- Director
Text Book Production & Marketing, Bhubaneswar

OIPR:

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, SAMBALPUR

1st Corrigendum to Tender Online-SBPR-08 of 2025-26

No.O-1461: The following changes have been made in respect of the Bid Identification No. Tender Online SBPR-08 of 2025-26 due to unavoidable reasons.
1. Date and Time have been changed as given below

**DATE & TIME**

| Sl.No. | Description | Schedule | Re-Schedule |
|---|---|---|---|
| 1 | Last date of availability of bid documents in the portal for bidding | 04.11.2025 11 AM to 17.11.2025 upto 5.00 PM | 19.11.2025 11 AM to 28.11.2025 upto 5.00 PM |
| 2 | Date & Time of opening of Bid | At 11.00 AM of 18.11.2025 | At 11.00 AM of 29.11.2025 |

All other terms and conditions of remain unchanged.

OIPR- Sd./- Superintending Engineer, Rural Works Division, Sambalpur

## TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)

Tel. 0674-2542475 / 2542617, Fax - 2544828,
Email : admin@tdccorissa.org, Website : www.tdccodisha.org

**Letter no.2958/TDCCOL, Date : 14.11.2025**

**Tender Call Notice for Designing, Manufacturing & supply of Thematic occasion-specific customized corrugated Gift hamper boxes**

**No.CAD-2312** : TDCCOL invites Sealed Tender(s) from only registered experienced & eligible Vendors/ manufacturers/ authorized suppliers for Designing, Manufacturing & supply of Thematic occasion-specific customized corrugated Gift hamper boxes. The Tender must be accompanied with creative photos/ pictures of the proposed occasion specific thematic gift hamper box. The details of the Tender call notice can be downloaded from www.tdccorissa.org. The bidder(s) should quote their basic rate, taxes, for designing, manufacturing & supply at TDCCOL central godown, HO, Bhubaneswar. The last date for acceptance of Tender is up to **5:00 pm on dated- 10.12.2025**. The tender paper with all documents sealed cover will be received at the office of the Managing Director, Tribal Development Cooperative Corporation of Odisha Limited, Rupali Square, Bhoi Nagar, Bhubaneswar-751022 only on speed post/ Registered Post. No tender paper will be received on courier/ personal means/ By hand/ Special messenger. The undersigned reserves the right to accept or reject any or all Tenders without assigning any reason thereof.

OIPR- Sd./- Managing Director

## STATE HIGHWAYS AUTHORITY OF JHARKHAND
## Government of Jharkhand

**e-procurement Notice inviting BID**

**Ref No: SHAJ/Tech /Chitra/ECL Road/2024/884** **Date: 13.11.2025**

1. State Highways Authority of Jharkhand, Ranchi invites BID for **"Construction of Chitra East OCP under SP Mines area ECL Road (on Deposit basis) (Total Length-1.30 Km.)."** The approximate cost of the work is Rs. 7.56 crore (Approx).
2. The interested bidders who have experience in execution of similar works and required technical & financial strength may obtain Bid document from e-tendering portal www.jharkhandtenders.gov.in from **18.11.2025 (15:00 hrs) to 09.12.2025 (15:00 hrs).**
The complete BID Application shall be submitted online by **09.12.2025 (upto 15:00 hrs)** on e-tendering portal www.jharkhandtenders.gov.in. All the details regarding this BID will be available on the above mentioned website.
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 7.56 Lakh (Rs. Seven Lakh Fifty Six Thousand) only. Tender fees and Earnest money Deposit(EMD) shall be deposited online as per **Information Technology & E-Governance Department order no 120 dated 03.10.2023.** The undersigned will open the received bid online on **10.12.2025** at **15:30 hrs.**
4. ***No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.***

Sd/-
Member (Technical)
State Highways Authority of Jharkhand, Ranchi
Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306,
E-mail: membertechnical.shaj3@gmail.com

PR 366023 State Highway Authority of Jharkhand(25-26).D

## झारखण्ड सरकार, पेयजल एवं स्वच्छता विभाग

**ई-प्रोक्योरमेन्ट सूचना अति अल्पकालिन (प्रथम आमंत्रण)**

ई–निविदा सूचना संख्या – (धनबाद) 08 / 2025–26 तिथि – 13.11.2025

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 18-11-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 02-12-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 02-12-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | 03-12-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम / पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू० में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supply, Installation, Testing and Commissioning of 2 sets of 30 HP HSC C/F backwash pump sets & 40w semi integrated solar street light at W.T.P. pumping plant Jamadova of Dhanbad Urban Water Supply Scheme (JnNURM) under D.W & S mechanical Division, Dhanbad | 29,14,189.00 | 58,500.00 | 5,000.00 | 05 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोशित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा। निविदा की सूचना तथा नियम शर्ते की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद

PR 366118 Drinking Water and Sanitation (25-26)_D

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଆୟାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜସ୍ଥାନରେ ଜାଡେଜା, ସିଏସ୍‌କେରେ ସାମସନ

## ଆଇପିଏଲ୍ ରିଟେନଶନ

**ମୁମ୍ବାଇ, ୧୫ା୧୧**

ଆସନ୍ତା ଡିସେମ୍ବର ୧୬ ତାରିଖରେ ଆବୁଧାବିଠାରେ ହେବାକୁ ଥିବା ମିନି ଅକ୍ସନ ପୂର୍ବରୁ ଆଇପିଲର ସମସ୍ତ ୧୦ ଫ୍ରାଞ୍ଚାଇଜ ସେମାନଙ୍କ ରିଟେନ ଓ ରିଲିଜ୍ ଖେଳାଳିଙ୍କ ତାଲିକା ଶନିବାର ପ୍ରକାଶ କରିଛନ୍ତି। ଅକ୍ସନ ଆଗରୁ ଟ୍ରେଡ ଜରିଆରେ ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍ସ, ରବୀନ୍ଦ୍ର ଜାଡେଜା ଓ ସାମ କୁରାନ ରାଜସ୍ଥାନ ରୟାଲ୍ସ, ମହମ୍ମଦ ଶାମି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ, ନୀତୀଶ ରାଣା ଦିଲ୍ଲୀ କ୍ୟାପିଟାଲ୍ସ, ଶାର୍ଦ୍ଦୁଳ ଠାକୁର ଓ ଶେର୍ଫାନେ ରଦରଫୋର୍ଡ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଦ୍ରେ ରସେଲ, ଗ୍ଲେନ ମ୍ୟାକ୍ସୱେଲ, କ୍ୱିଣ୍ଟନ ଡି କକ୍, ଭେଙ୍କଟେଶ ଆୟାର, ମହିଶ ଥିକ୍ଷଣା, ୱାନିନ୍ଦୁ ହାସାରଙ୍ଗା, ମାଥିଶା ପାଥିରାନା, ଡେଭନ କନୱେ, ଡେଭିଡ୍ ମିଲର, ଫାଫ ଡୁ ପ୍ଲେସିସ, ଜେକ ଫ୍ରେଜର-ମ୍ୟାକଗର୍କ, ଲିଆମ ଲିଭିଂଷ୍ଟୋନ, ଆଡାମ ଜାମ୍ପା ଆଦି ଷ୍ଟାର ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ରିଲିଜ କରିଛନ୍ତି।

କେକେଆର ଅଜିଙ୍କ୍ୟ ରାହାନେ, ଅଙ୍ଗକ୍ରିଶ ରଘୁବଂଶୀ, ହର୍ଷିତ ରାଣା, ମନୀଷ ପାଣ୍ଡେ, ରମନଦୀପ ସିଂ, ରିଙ୍କୁ ସିଂ, ରୋବମାନ ପାୱେଲ, ସୁନୀଲ ନାରିନ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ରିଟେନ କରିଛି। ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ ଅଭିଷେକ ଶର୍ମା, ଅନିକେତ ବର୍ମା, ବ୍ରାଇଡନ କାର୍ସ, ହର୍ଷଲ ପଟେଲ, ହେନରିକ୍ କ୍ଲାସେନ, ଇଶାନ କିଶାନ, ଜୟଦେବ ଉନାଡକଟ, କାମିଣ୍ଡୁ ମେଣ୍ଡିସ, ନୀତୀଶ କୁମାର ରେଡ୍ଡୀ, ପ୍ୟାଟ କୁମିନ୍ସ, ଟ୍ରାଭିସ ହେଡ୍‌ଙ୍କୁ ରିଟେନ କରିଛି। ୫ ଥର ଚାମ୍ପିୟନ ମୁମ୍ବାଇ, କର୍ବିନ ବୋଶ୍ଚ, ଦୀପକ ଚହର, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମୟଙ୍କ ମାର୍କଣ୍ଡେ, ମିଚେଲ ସାଣ୍ଟନର, ରୋହିତ ଶର୍ମା, ରିଆନ ରିକଲଟନ, ଶାର୍ଦ୍ଦୁଳ ଠାକୁର, ଶେର୍ଫାନେ ରଦରଫୋର୍ଡ, ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା, ଟ୍ରେଣ୍ଟ ବୋଲ୍ଟ, ୱିଲ ଜ୍ୟାକ୍ସଙ୍କୁ ରଖିଛି। ଗତ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ଅଭିନନ୍ଦନ ସିଂ, ଭୁବନେଶ୍ୱର କୁମାର, ଦେବଦତ୍ତ ପାଡିକଲ, ଜ୍ୟାକବ ବେଥେଲ, ଜୀତେଶ ଶର୍ମା, ଜୋଶ ହାଜେଲଉଡ୍, କ୍ରୁନାଲ ପାଣ୍ଡ୍ୟା, ରୋମାରିଓ ଶେଫର୍ଡ, ଟିମ ଡେଭିଡ୍, ବିରାଟ କୋହଲିଙ୍କୁ ରିଟେନ କରିଛି। ସେହିଭଳି ଦିଲ୍ଲୀ ଅଭିଷେକ ପୋରେଲ, ଆଶୁତୋଷ ଶର୍ମା, ଅକ୍ଷର ପଟେଲ, ଦୁଷ୍ମନ୍ତା ଚମିରା, କରୁନ ନାୟର, ଲୋକେଶ ରାହୁଲ, କୁଲଦୀପ ଯାଦବ, ମାଧବ ତିୱାରୀ, ମିଚେଲ ଷ୍ଟାର୍କ, ମୁକେଶ କୁମାର, ନୀତୀଶ ରାଣା, ଟି ନଟରାଜନ, ଟ୍ରିଷ୍ଟାନ ଷ୍ଟବ୍ସ, ବିପ୍ରଜ ନିଗମ। ରାଜସ୍ଥାନ ଦଳ ଧ୍ରୁବ ଜୁରେଲ, ଜୋଫ୍ରା ଆର୍ଚ୍ଚର, କ୍ୱେନା ମାଫାକା, ଲୁଆନ ଡ୍ରେ ପ୍ରେଟୋରିଅସ, ନାନ୍ଦ୍ରେ ବର୍ଗର, ରବୀନ୍ଦ୍ର ଜାଡେଜା, ରିୟାନ ପରାଗ, ସାମ କୁରାନ, ସନ୍ଦୀପ ଶର୍ମା, ଶିମରନ ହେଟମାୟର, ଶୁଭମ ଦୁବେ, ତୁଷାର ଦେଶପାଣ୍ଡେ, ବୈଭବ ସୂର୍ଯ୍ୟବଂଶୀ, ଜୟସ୍ୱୀ ଜୟସ୍ୱାଲଙ୍କୁ ରିଟେନ କରିଛି। ସେହିଭଳି ପଞ୍ଜାବ ପେସର ଅର୍ଶଦୀପ ସିଂ, ଆଜମାତୁଲ୍ଲା ଓମାରଜାଇ, ଲୋକି ଫର୍ଗୁସନ, ମାର୍କସ ଷ୍ଟୋଇନିସ, ମିଚେଲ ଓୱେନ, ପ୍ରଭସିମରନ ସିଂ, ପ୍ରିୟାଂଶ ଆର୍ଯ୍ୟା, ଶଶାଙ୍କ ସିଂ, ଶ୍ରେୟସ ଆୟାର, ଯୁଜବେନ୍ଦ୍ର ଚହଲଙ୍କୁ ରିଟେନ କରିଛି। ଚେନ୍ନାଇ ଦଳ ଅଂଶୁଲ କାମ୍ବୋଜ, ଗୁରଜପନୀତ ସିଂ, ମହେନ୍ଦ୍ର ସିଂ ଧୋନୀ, ସଞ୍ଜୁ ସାମସନ, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ଖଲିଲ ଅହମଦ, ଆୟୁଶ ମହାତ୍ରେ, ଡେୱାଲ୍ଡ ବ୍ରେଭିସ, ଉର୍ବିଲ ପଟେଲଙ୍କୁ ରଖିଛି। ଲକ୍ଷ୍ନୌ ଅବଦୁଲ ସମଦ, ଏଡେନ ମାରକ୍ରାମ, ଅର୍ଜୁନ ତେନ୍ଦୁଲକର, ଅର୍ଶିନ କୁଲକର୍ନୀ, ଆଭେଶ ଖାନ, ଆୟୁଷ ବଦୋନୀ, ଦିଗଭେଶ ରାଠୀ, ମାଥ୍ୟୁ ବ୍ରିଜକେ, ମହମ୍ମଦ ଶାମି, ମିଚଲ ମାର୍ଶ, ନିକୋଲାସ ପୁରାନ, ଋଷଭ ପନ୍ତଙ୍କୁ ରଖିଥିବା ବେଳେ ଗୁଜରାଟ ଈଶାନ୍ତ ଶର୍ମା, ଜୋସ ବଟଲର, କାଗିସୋ ରାବାଡା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ବି ସାଇ କିଶୋର, ରାହୁଲ ତେୱାଟିଆ, ସାଇ ସୁଦର୍ଶନ, ଶାହରୁଖ ଖାନ, ଶୁବମାନ ଗିଲ, ୱାଶିଂଟନ ସୁନ୍ଦରଙ୍କୁ ରିଟେନ କରିଛି।




D-2585


# ୧୦ ରାଉଣ୍ଡ ଶେଷସୁଦ୍ଧା ଗାର୍ଡିଆନ୍ସ ଅଗ୍ରଣୀ



## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୧୫ା୧୧(ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଏଠାରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ର ୬ ରାଉଣ୍ଡ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ୪ ରାଉଣ୍ଡ ମ୍ୟାଚ ହୋଇଥିଲା। ମୋଟ ୧୦ ରାଉଣ୍ଡ ମ୍ୟାଚ ଶେଷରେ ଗୋଲକୋଣ୍ଡା ଗାର୍ଡିଆନ୍ସ ୭ ବିଜୟ, ୨ ଡ୍ର, ୧ ପରାଜୟ ସହ ୧୬ ପଏଣ୍ଟ ପାଇ ଅଗ୍ରଣୀଲାଭ କରିଛି। ବାରବାଟୀ ବ୍ୟାଟଲର୍ସ ୭ ବିଜୟ, ୧ ଡ୍ର ଓ ୨ ପରାଜୟ, ଭିକ୍ଟୋରିଆ ଭିକ୍ଟର୍ସ ୭ ବିଜୟ, ୧ ଡ୍ର ଓ ୨ ପରାଜୟ, ରାଜଧାନୀ ଚ୍ୟାଲେଞ୍ଜର୍ସ ୫ ବିଜୟ, ୩ ଡ୍ର, ୨ ପରାଜୟ, ଅମ୍ବର ଆଭେଞ୍ଜର୍ସ ୪ ବିଜୟ, ୫ ଡ୍ର ୧ ପରାଜୟ, ଚୋଲା ଚାମ୍ପିୟନ୍ସ ୫ ବିଜୟ, ୨ ଡ୍ର, ୩ ପରାଜୟ, କଳିଙ୍ଗ ୱାରିୟର୍ସ ୬ ବିଜୟ, ୪ ପରାଜୟ, ମହାନଦୀ ଫାଲକନ ୪ ବିଜୟ, ୧ ଡ୍ର, ୫ ପରାଜୟ, ନାଳନ୍ଦା ନାଇଟ୍ସ ୨ ବିଜୟ, ୧ ଡ୍ର, ୭ ପରାଜୟ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ ୨ ବିଜୟ, ୮ ପରାଜୟ, କୋଣାର୍କ କିଙ୍ଗ୍ସ ୧ ବିଜୟ, ୨ ଡ୍ର, ୭ ପରାଜୟ, ଏବଂ ଏଲୋରା ଇଲାଇଟ୍ସ ୨ ଡ୍ର ଓ ୮ ପରାଜୟ ସହ ପଛକୁପଛ ରହିଛନ୍ତି। ଲିଗ୍‌ର ଅବଶିଷ୍ଟ ଗୋଟିଏ ରାଉଣ୍ଡ ରବିବାର ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଏଚ୍‌ପିସିର ସଫଳତା

**ଭୁବନେଶ୍ୱର,୧୫ା୧୧ (ବିଜୟ ରଣା)**

ଓଡ଼ିଶାରେ ଅବସ୍ଥିତ ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ହାଇପର୍ଫମାନ୍ସ ସେଣ୍ଟରରେ ତାଲିମ ନେଉଥିବା ଆଥଲେଟ୍‌ମାନେ ନିକଟରେ ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଅନୁଷ୍ଠିତ ସବ୍‌ଜୁନିୟର ଆର୍ଟିଷ୍ଟିକ୍ ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଯୁବ ବ୍ୟକ୍ତିଗତ ଇଭେଣ୍ଟରେ ୨ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏହାଛଡ଼ା ୧୨ବର୍ଷରୁ କମ୍ ଟିମ୍ କାଟେଗୋରୀରେ ସେମାନେ ଏକ ବ୍ରୋଞ୍ଜ ପଦକ ଆଣିଛନ୍ତି। ଚାମ୍ପିୟନଶିପ୍‌ରେ ଓଡ଼ିଶା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ହାଇପର୍ଫମାନ୍ସ ସେଣ୍ଟରରୁ ୧୦ ଏବଂ ପୁରୀ ଗ୍ରାସ୍‌ରୁଟ୍ ସେଣ୍ଟରରୁ ଜଣେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବ୍ୟକ୍ତିଗତ ବିଭାଗରେ ସାୟନ ଛାଟୋଇ ଉଭୟ ଫ୍ଲୋର୍ ଏକ୍ସରସାଇଜ୍ ଓ ଷ୍ଟିଲ୍ ରିଙ୍ଗ୍ସରେ ରୌପ୍ୟ ଜିତିଥିବାବେଳେ ଅଭୟ କୁମାର ଦାସ ୧୪ବର୍ଷରୁ କମ୍ ଫ୍ଲୋର ଏକ୍ସରସାଇଜ୍‌ରେ ଏକ ବ୍ରୋଞ୍ଜ ପାଇଥିଲେ। ସେହିପରି ୧୨ବର୍ଷରୁ କମ୍ ଟିମ୍ ଇଭେଣ୍ଟରେ ଓଡ଼ିଶା ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଏଥିରେ ଓମ୍ ଶ୍ରୀ ରୁଦ୍ର ନାରାୟଣ ସାହୁ ଓ ସାୟନ ଛାଟୋଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ପରିପ୍ରେକ୍ଷୀରେ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆର ମୁଖ୍ୟ ସିଏସ୍ଆର୍ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି ଶୃଙ୍ଖଳା, ଦଳଗତ ପ୍ରଚେଷ୍ଟା ଓ ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ଭବିଷ୍ୟତରେ ଏହି ଯୁବ ଆଥଲେଟମାନଙ୍କଠାରୁ ଆହୁରି ଅନେକ ସଫଳତା ଆଶା କରାଯାଉଛି।


ପଦକ ହାସଲ କରିଥିବା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ।

# ଆନ୍ତଃ ସ୍କୁଲ ଚେସ୍ ସିଲେକ୍ସନ ଟ୍ରାଏଲ

**ଭୁବନେଶ୍ୱର, ୧୫ା୧୧ (ବିଜୟ ରଣା)**

ଆସନ୍ତା ୬୯ତମ ଜାତୀୟ ସ୍କୁଲ ଗେମ୍ସ ୨୦୨୫-୨୬ ପାଇଁ ସିଏସ୍‌ସିଇ ଆନ୍ତଃ ସ୍କୁଲ ଚେସ୍ (ବାଳକ) ପାଇଁ ସିଲେକ୍ସ ଟ୍ରାଏଲ ଶନିବାର ସଫଳତାର ସହିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍ (କିଟ୍ ୟୁନିଭର୍ସିଟି)ରେ ଅନୁଷ୍ଠିତ ହୋଇଯାଇଛି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରୀ ଏଜୁକେଶନ, ଓଡ଼ିଶା, ଭୁବନେଶ୍ୱର ଅଧୀନରେ ରାଜ୍ୟର ବହୁ ହାଇସ୍କୁଲର ଆଗ୍ରହୀ ଚେସ୍ ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ସିଲେକ୍ସନ ଟ୍ରାଏଲ୍ସରେ କିସ୍‌ର ଚତୁର ମୁର୍ମୁ (୪.୫ ପଏଣ୍ଟ) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆନନ୍ଦପୁର ହାଇସ୍କୁଲର ଉଦୟ ପରିଡ଼ା (୪ପଏଣ୍ଟ) ଦ୍ୱିତୀୟ ଏବଂ କିସ୍‌ର ଦାସା ଟୁଡୁ (୩.୫ ପଏଣ୍ଟ) ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କିସ୍ କ୍ରୀଡ଼ା ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ଆର୍.ଏନ୍ ଜିଓ ହାଇସ୍କୁଲର ପିଇଟି ଧର୍ମେନ୍ଦ୍ର ମହାନ୍ତି ଏବଂ ରାମଚଣ୍ଡି ହାଇସ୍କୁଲ ପିଇଟି ପ୍ରମୋଦ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ, ଫୁଟ୍‌ବଲ, ଭଲିବଲ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୧୫ା୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଅଲଟିକ୍ ଆସୋସିଏଶନ ଆନୁକୂଲ୍ୟରେ କ୍ରିକେଟ, ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ଟାଉନ୍ କ୍ଲବ ପଡ଼ିଆରେ ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ ଲିଗ୍‌କୁ କ୍ଲବର ସଭାପତି ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଜେଷ୍ଟ ଜାଭିୟର ୪୯ ରନରେ ଓଡିଏମ୍‌କୁ ପରାସ୍ତ କରିଛି। ପାରାମାଉଣ୍ଟ ପଡ଼ିଆରେ ଡିଏମ୍ ପବ୍ଲିକ ସ୍କୁଲ ଓ ଲୋୟଲା ସ୍କୁଲ ମ୍ୟାଚକୁ ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ଓ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଲୋୟଲା ସ୍କୁଲ ବିଜୟୀ ହୋଇଥିଲା। ପୋଖରୀପୁଟ ପଡ଼ିଆରେ ବିଧାୟକ ବାବୁ ସିଂ କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲ ଓ ବ୍ରିଜୱେଲ ଗ୍ଲୋବାଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଶୁଭାରମ୍ଭ କରିଥିଲେ। ବ୍ରିଜୱେଲ ଗ୍ଲୋବାଲ ସ୍କୁଲ ବିଜୟୀ ହୋଇଥିଲା। ବି.ବି. କ୍ରିକେଟ ଏକାଡେମୀ ପଡ଼ିଆରେ ଭାଗ୍ୟଧର ଜଗଦେବ ଓଡିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୪ ଭେଙ୍କଟେଶ୍ୱର ସ୍କୁଲ ମ୍ୟାଚକୁ ଆରମ୍ଭ କରିଥିଲେ। ଭେଙ୍କଟେଶ୍ୱର ସ୍କୁଲ ବିଜୟୀ ହୋଇଥିଲା।

ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍ ଆୟୋଜକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଫୁଟବଲ ସମ୍ପାଦକ ଦିଲୀପ ଦାସଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ନୀତା ଫୁଟବଲ ଏକାଡେମୀ ୨-୦ରେ ଓଡିଏମ୍ ଗ୍ଲୋବାଲକୁ ହରାଇଥିଲା। ବିଜୟୀ ଦଳର କୃଷ୍ଣ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କିସ୍ ୪-୦ରେ କଳିଙ୍ଗ ସ୍ପୋର୍ଟିଂକୁ ପରାସ୍ତ କରିଛି। ବିଜୟୀ ଦଳର ବିଶ୍ୱନାଥ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ଭଲିବଲ ଲିଗ୍ ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ଏବଂ ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶ ଉଦ୍‌ଘାଟନ କରିଛନ୍ତି। ରବିବାର ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।


କୃଷ୍ଣ ନାୟକଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ରଥମ ଆଶେସ ଟେଷ୍ଟ ଖେଳିବେନି ହାଜେଲଉଡ୍

**ପର୍ଥ, ୧୫ା୧୧ (ଏପି)**

ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରୀ ପାଇଁ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଜୋସ୍ ହାଜେଲ୍‌ଉଡ୍ ଆସନ୍ତା ଶୁକ୍ରବାର ପର୍ଥଠାରେ ଆରମ୍ଭ ହେବାକୁଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଖେଳିବେନି। ପ୍ରାଥମିକ ସ୍କାନ ପରେ ଆଘାତ ଗୁରୁତର ନୁହେଁ ବୋଲି କୁହାଯାଇଥିଲା। ମାତ୍ର ପରେ ଏକ ସ୍କାନ ଦ୍ୱାରା ଜଣାପଡ଼ିଥିଲା ଯେ, ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହଁନ୍ତି। ପ୍ୟାଟ କୁମିନ୍ସଙ୍କ ପରେ ପର୍ଥ ଟେଷ୍ଟ ନ ଖେଳିବାରେ ସେ ଦ୍ୱିତୀୟ ଖେଳାଳି। ଆଶେସ ଓପନରରେ ଅଷ୍ଟ୍ରେଲିଆର ଫାଷ୍ଟ ବୋଲିଂ ଆକ୍ରମଣ ଉପରେ ଏହା ବହୁତ ପ୍ରଭାବ ପକାଇବ। ଫଳତଃ ବ୍ରେଣ୍ଡନ ଡଗେଟ୍‌ଙ୍କ ପାଇଁ ଏକ ଆଶେସ ଟେଷ୍ଟ ପଦାର୍ପଣର ସୁଯୋଗ ଦେଖା ଦେଇଛି। ବୁଧବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଏକ ଶିଫିଲ୍ଡ ଶିଲ୍ଡ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଥିବା ବେଳେ ହାଜେଲଉଡ୍ ଯନ୍ତ୍ରଣା ଅନୁଭବ କରିଥିଲେ। ହାଜେଲଉଡ୍ ବିମାନ ଯୋଗେ ସାଥୀ ଖେଳାଳିମାନଙ୍କ ସହ ପର୍ଥ ନ ଯାଇ ଘରେ ବିଶ୍ରାମ ନେବେ।


## Classified Everyday
0674-2580101, 9692975378


REAL ESTATE
**SALE**

Plot Area 25000 sft Near Rasulgada Square Bhubaneswar. 8480204021. D-2581

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

Gharabari bounded plot 2400 sqft for sale Adjacent to Meera's Courtyard, near kuranga football field 200mtrs from Niali- Nakhara, SH Cuttack Sadar. Contact- 9937012712. D-2574

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ଫ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ଫ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210

ସ୍ତିତିବାନ ଫ୍ଲଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୭୭୩୦୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




The massage felt totally professional! & comfortable at all times- 7978109255. D-211

**AFFIDAVIT**

By virtue of an affidavit sworn before Notary Public, dated 14th Nov 2025, I, Chabita Praska, Address Village- Timajhola, P.O.- Champi, Dist.- Koraput, Odisha, 765013, declare that I have changed my name from Chhabi Praska to Chabita Praska. Henceforth, I shall be known as Chabita Praska for all purposes.
Chabita Praska
D-2582

By virtue of an affidavit sworn before EXECUTIVE MAGISTRATE, BARGAON, dated- 14.11.2025, I, SUDAMA CHANDRA SA, Address: Vill.- Baibai, P.O.- Tudalaga, P.S.- Bargaon, District- Sundargarh, PIN- 770016, (Odisha) declare that I have changed my name from SUDAMA SA to SUDAMA CHANDRA SA. Henceforth, I shall be known as SUDAMA CHANDRA SA for all purpose.
SUDAMA CHANDRA SA
D-2570

I, Ranka Barik alias Krupasindhu Barik(48), S/o.- Krushna Barik, At: Jashipur, P.O.- Kuda, P.S.- Bansada, Dist.- Bhadrak, I have an LIC Policy bearing No. 585403631 where in my name is Krupasindhu Barik, By this affidavit I declare that Ranka Barik & Krupasindhu Barik is same and one person.
D-2571

By virtue of an affidavit sworn before the Notary Public, Titilagarh, Dtd.- 15.11.2025, Court Fees No.- 590, I, Sumit Kumar Bhoi, S/o.- Chandulal Bhoi, R/o.- Village- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Sumita Bhoi to Sumit Kumar Bhoi. Henceforth, I shall be known as Sumit Kumar Bhoi for all purposes.
Sumit Kumar Bhoi
D-2583

I, Mohammad Raziudin, S/o.- Late Mohammad Yaqueenudin, Resident of Magurgadia, P.O.- Keonjhargarh, P.S.- Town, Dist.- Keonjhar, Odisha declare by this affidavit No.- 231/25, Dtd.- 10.11.2025 that now onwards I shall be known as MOHAMMED RAZIUDDIN for all future purposes. D-2584

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଇନୋଭାରେ କପ୍ ଉଦ୍‌ଘାଟିତ



ଇଡ୍‌କୋର ଅଭିଜିତ ବାରିକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୫ା୧୧ (ତପନ ସ୍ୱାଇଁ)**

ଇନୋଭାରେ କପ୍ ଟି୨୦ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ସୋଆ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଇନୋଭାରେ ସହ ପ୍ରତିଷ୍ଠାତା ମୋହର ମନୋହର ମିଶ୍ର, ଇନୋଭାରେ କ୍ରିକେଟ କାଉନ୍ସିଲ (ଆଇସିସି) ସଭାପତି ସରୋଜା ପାଢ଼ୀ ଓ କାଉନ୍ସିଲ ସଦସ୍ୟ ହିମାଂଶୁ ପତି ଉପସ୍ଥିତ ରହି ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିବସରେ ସୋଆ ଷ୍ଟାଡିୟମରେ ୨ଟି ଓ ଇଡ୍‌କୋ ଷ୍ଟାଡିୟମରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇସିସି ୧୩ ରନରେ କିଟ୍‌କୁ ପରାସ୍ତ କରିଛି। ଇସିସିର ପ୍ରକାଶ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ଓ କିଟ୍‌ର ଦୁର୍ଗାଚରଣ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଷ୍ଟାର୍ଟଅପ୍ ଏକାଦଶ ୬ ଉଇକେଟରେ ରୟାଲ ରେଞ୍ଜର୍ସକୁ ହରାଇଛି। ବିଜୟୀ ଦଳର ଜୀତେନ୍ଦ୍ର ଦାସ ଶ୍ରେଷ୍ଠ ଖେଳାଳି ଓ ସୌମ୍ୟକାନ୍ତ ବିଶ୍ୱାଳ ଇମ୍ପାକ୍ଟ ପ୍ଲେୟର ପୁରସ୍କାର ପାଇଛନ୍ତି। ସୋଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଡ୍‌କୋ ୩୪ ରନରେ ଆକ୍ୱେଞ୍ଜରକୁ ପରାସ୍ତ କରିଛି। ଇଡ୍‌କୋର ଅଭିଜିତ ବାରିକ ଶ୍ରେଷ୍ଠ ଖେଳାଳି ଓ ସିଦ୍ଧାନ୍ତ ରାୟ ପ୍ରଭାବୀ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଲୟର୍ସ ୫ ଉଇକେଟରେ ଆରସିସିକୁ ହରାଇଛି। ଲୟର୍ସର ତପନ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଆରସିସିର ଅନୁଭବ ଖଟୁଆ ଇମ୍ପାକ୍ଟ ପ୍ଲେୟର ହୋଇଛନ୍ତି।

# ଭାରତୀୟ ଫୁଟ୍‌ବଲ ଦଳରେ ଅଷ୍ଟ୍ରେଲିଆ ଜନ୍ମିତ ୱିଲିଅମ୍ସ

**ନୂଆଦିଲ୍ଲୀ, ୧୫ା୧୧(ପି.ଟି.)**

ଆସନ୍ତା ୧୮ ତାରିଖରେ ଢାକାଠାରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର ଅନ୍ତିମ ରାଉଣ୍ଡ ଗ୍ରୁପ୍ ସି' ମ୍ୟାଚ୍ ଲାଗି ଶନିବାର ୨୩ ଜଣିଆ ଭାରତୀୟ ଫୁଟବଲ ଦଳ ଘୋଷଣା କରାଯାଇଛି। ନିକଟରେ ଭାରତୀୟ ପାସପୋର୍ଟ ହାସଲ କରିଥିବା ଅଷ୍ଟ୍ରେଲିଆରେ ଜନ୍ମିତ ଫରୱାର୍ଡ ରିଆନ ୱିଲିଅମ୍ସ ଦଳରେ ସ୍ଥାନ ପାଇଛନ୍ତି। ତେବେ ସେ ମ୍ୟାଚ୍‌ରେ ଖେଳିବେ କି ନାହିଁ, ତାହା ଫୁଟବଲ ଅଷ୍ଟ୍ରେଲିଆ (ଏଫ୍ଏ)ର ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ଉପରେ ନିର୍ଭର କରେ। ତାଙ୍କୁ ଭାରତ ପାଇଁ ଖେଳିବା ପାଇଁ ଏଫ୍ଏ, ଫିଫା ଓ ଏଏଫ୍‌ସିଠାରୁ ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ନେବାକୁପଡ଼ିବ।

# ଖୁସି ଦାନ



**ସାଙ୍ଗସାଥୀ, ବନ୍ଧୁବାନ୍ଧବ ଅବା କେହି ପରିଚିତ ଦେଖା ହୋଇଗଲେ ମୁହଁରୁ ପ୍ରଥମ ପ୍ରଶ୍ନ ଆସେ କେମିତି ଅଛନ୍ତି, ଆଉ ଉତ୍ତରରେ ଭଲ ଅଛି, ଖୁସିରେ ଅଛି ଶୁଣିବା ପରେ ଖୁସି ଲାଗେ । ହେଲେ ଏବେ ଯେମିତି ଏହି ଉତ୍ତରଟି ବଦଳି ଯାଇଛି । କାରଣ ଏବେ ଅଧିକାଂଶଙ୍କ ପାଟିରୁ ଏହା ବଦଳରେ ଶୁଣିବାକୁ ମିଳୁଛି ବହୁତ ଟେନ୍‌ଶନ୍‌ରେ ଅଛି । ତେବେ ଅଧିକାଂଶ ବିଶେଷ କରି ଯୁବପିଢ଼ି ଟେନ୍‌ଶନ୍‌ରେ ରହିବା ପଛରେ ଅନେକ କାରଣ ରହିଛି । ଯାହାକି ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି । ତେଣୁ ସୁସ୍ଥ ରହିବାକୁ ହେଲେ ନିଜକୁ ଟେନ୍‌ଶନ୍ ଫ୍ରି ଓ ଖୁସିରେ ରଖିବା ନିହାତି ଆବଶ୍ୟକ...**

ବର୍ତ୍ତମାନ ଅନେକ ଯୁବପିଢ଼ି ପାଠପଢ଼ା, ଜବ୍, ପ୍ରେମ ବ୍ୟାପାର, ଆର୍ଥିକ, ପାରିବାରିକ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ଟେନ୍‌ଶନ୍‌ରେ ରହୁଥିବା ଦେଖିବାକୁ ମିଳୁଛି । ଏହି ଟେନ୍‌ଶନ୍ ବା ମାନସିକ ଅସୁସ୍ଥତା ମଣିଷକୁ ଶାରୀରିକ ସୁସ୍ଥତା ଭିତରେ ବି ଏକ ପ୍ରକାରର ଅଚଳ ଅବସ୍ଥାରେ ପହଞ୍ଚାଇଦିଏ । କାରଣ କେବଳ ଶାରୀରିକ ନୁହେଁ ବରଂ ମାନସିକ ସ୍ତରରେ ସୁସ୍ଥ ରହିବା ଆଜିର ସମୟରେ ସବୁଠୁ ବଡ଼ ବରଦାନ । ତେଣୁ ନିଜକୁ ଟେନ୍‌ଶନ୍ ଫ୍ରି ଓ ଖୁସିରେ ରଖିବା ଲାଗି କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ଟିପ୍ସ...





**ଖୋଲାଖୋଲି କଥା ହୁଅନ୍ତୁ:** କେହି କେହି ପାଠପଢ଼ା, ଜବ୍ କିମ୍ବା ପ୍ରେମରେ ବିଫଳ ହେବା ଭଳି କେତେକ କଥାକୁ କାହା ଆଗେ କହି ନ ପାରି ମନରେ ଚାପି ରଖନ୍ତି । ଏହି ଟେନ୍‌ଶନ୍ ଧୀରେ ଧୀରେ ଡିପ୍ରେଶନ୍ ଭଳି ଗଭୀର ମାନସିକ ସମସ୍ୟାରେ ପରିଣତ ହୋଇଥାଏ । ଏହା କେତେକଙ୍କ କ୍ଷେତ୍ରରେ ମାନସିକ ସନ୍ତୁଳନ ହରାଇବା ଏମିତିକି ଆତ୍ମହତ୍ୟାର ମୁଖ୍ୟ କାରଣ ସାଜିଥାଏ । ତେଣୁ ସର୍ବପ୍ରଥମେ କୌଣସି କଥାକୁ ନେଇ ମାନସିକ ଚାପରେ ଥିଲେ ଏହାକୁ ଭିତରେ ଚାପି ନ ରଖି ପରିବାର ସଦସ୍ୟ କିମ୍ବା ବିଶ୍ୱସ୍ତ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ । ହୁଏତ, ଏହାଦ୍ୱାରା ଅନ୍ୟମାନଙ୍କଠାରୁ କିଛି ଭଲ ପରାମର୍ଶ ପାଇ ଆପଣଙ୍କ ସମସ୍ୟାର ସମାଧାନ ହୋଇପାରିବ । ଫଳରେ ଆପଣଙ୍କ ମନ ହାଲୁକା ହୋଇଯିବ ଏବଂ ଖୁସି ଅନୁଭବ କରିପାରିବେ । ଆବଶ୍ୟକ ସ୍ଥଳେ ମନସ୍ତତ୍ତ୍ୱବିତ୍ କିମ୍ବା କାଉନ୍‌ସିଲରଙ୍କ ପରାମର୍ଶ ନେଇପାରିବେ ।

**ବଦଳାନ୍ତୁ ଜୀବନଶୈଳୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଅର୍ଥାତ୍ ଅସନ୍ତୁଳିତ ଖାଦ୍ୟ, ଠିକ୍ ସମୟରେ ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ଆଦି ଅନେକ କାରଣ ଯୁବପିଢ଼ିଙ୍କଠାରେ ମାନସିକ ସମସ୍ୟା ସୃଷ୍ଟି କରୁଛି । ତେଣୁ ସର୍ବପ୍ରଥମେ ମନକୁ ଖୁସି ରଖିବା ଲାଗି ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ । ଅର୍ଥାତ୍ ସୁଷମ ଖାଦ୍ୟ ଖାଇବା ସହ ପ୍ରତିଦିନ ଠିକ୍ ସମୟରେ ନିଦ୍ରା ଯାଆନ୍ତୁ । କାରଣ ମସ୍ତିଷ୍କକୁ ବିଶ୍ରାମ ଦେବା ହିଁ ମାନସିକ ସୁସ୍ଥତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

**କମାନ୍ତୁ ଇ-ଗ୍ୟାଜେଟ୍ ଟାଇମ୍:** ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଗେଜେଟ୍‌ର ବହୁଳ ବ୍ୟବହାର ଅଧିକାଂଶ ଯୁବପିଢ଼ିଙ୍କଠାରେ ଏକ ଆଡିକ୍ସନରେ ପରିଣତ ହୋଇଯାଇଛି । କେହି କେହି ସୋସିଆଲ୍ ମିଡିଆରେ ମଧ୍ୟ ବହୁତ ସମୟ ବିତାଉଛନ୍ତି, ଏମିତିକି କିଛି ସମୟ ଏଥିରୁ ସେମାନଙ୍କୁ ନିବୃତ୍ତ ରଖାଗଲେ ସେମାନେ ବିଚଳିତ ହୋଇପଡୁଛନ୍ତି । ଏହାଦ୍ୱାରା ସେମାନେ ଏକାକୀ ରହିବା ପସନ୍ଦ କରୁଛନ୍ତି ଏବଂ ପରିବାର, ସାଙ୍ଗସାଥୀଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଉଛନ୍ତି । ଫଳରେ କେତେକଙ୍କଠାରେ ଏହା ପରବର୍ତ୍ତୀ ସମୟରେ ନିଦ୍ରାହୀନତାଠାରୁ ଆରମ୍ଭ କରି ଏକଲାପଣ, ଡିପ୍ରେଶନ୍ ଭଳି ବିଭିନ୍ନ ମାନସିକ ସମସ୍ୟା ଉପୁଯାଉଛି । ତେଣୁ ମାନସିକ ସୁସ୍ଥତା ଲାଗି ଦୈନିକ କିଛି ସମୟ ଡିଜିଟାଲ୍ ଡିଟକ୍ସ ବା ଇ-ଗେଜେଟ୍‌ଠାରୁ ଦୂରେଇ ରହି ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ । ଏହା ଆପଣଙ୍କୁ ସର୍ବଦା ଖୁସି ରଖିବାରେ ସାହାଯ୍ୟ କରିବ ।

**ଜରୁରୀ ଏଣ୍ଟରଟେନ୍‌ମେଣ୍ଟ:** ଚିକିତ୍ସା ବିଜ୍ଞାନରେ ଟେନ୍‌ଶନ୍, ଡିପ୍ରେଶନ୍ ଆଦି ଦୂର କରିବା ଲାଗି ସଙ୍ଗୀତର ସାହାଯ୍ୟ ନିଆଯାଇଥାଏ । ଏଥିପାଇଁ ଏହାକୁ ମ୍ୟୁଜିକ୍‌ଥେରାପି ବୋଲି କୁହାଯାଇଥାଏ । ତେଣୁ ମ୍ୟୁଜିକ୍ ଶୁଣିବା ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି ସବୁଠୁ ବେଷ୍ଟ ମାଧ୍ୟମ । ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ମଣିଷକୁ ମାନସିକ ଶାନ୍ତି ଦେବା ସହ ଶାରୀରିକ ସ୍ଫୂର୍ତ୍ତି ଯୋଗାଇଥାଏ । ତେଣୁ କୌଣସି ମାନସିକ ଚାପରେ ଥିଲେ ମଧ୍ୟ ଷ୍ଟ୍ରେସ୍ ଫ୍ରି ରହିବା ଲାଗି ମ୍ୟୁଜିକ୍ ଶୁଣି ମନକୁ ଖୁସି କରିପାରିବେ । ଏହା ବ୍ୟତୀତ କମେଡି ଭିଡିଓ, ମୋଟିଭେଶନାଲ୍ ସ୍କିଟ୍ ଭିଡିଓ ଆଦି ଦେଖିପାରିବେ । କେବେ ସମୟ ବାହାର କରି ପରିବର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କ ସହ ମୁଭି ଦେଖିବାକୁ ଗଲେ ବି ଟେନ୍‌ଶନ୍ ଫ୍ରି ହୋଇପାରିବେ । କାରଣ ଏଣ୍ଟରଟେନ୍‌ମେଣ୍ଟ ମଣିଷକୁ ଟେନ୍‌ଶନ୍ ଫ୍ରି ରଖିବା ଲାଗି ବହୁତ ଜରୁରୀ ।

**ହବି ଉପରେ ଧ୍ୟାନ ଦିଅନ୍ତୁ:** ଲେଖାଲେଖି, ପେଣ୍ଟିଂ, ଡାନ୍ସିଂ, କୁକିଙ୍ଗ୍, ଗାର୍ଡେନିଂ, ସିଲେଇ କରିବା ଭଳି ବିଭିନ୍ନ କ୍ଷେତ୍ରରେ ଅନେକଙ୍କର ରୁଚି ଥାଏ । ଟେନ୍‌ଶନ୍‌ରେ ଥିବା ବେଳେ ନିଜକୁ ଏହି ସମସ୍ୟାରୁ ଦୂରେଇବା ଲାଗି ଏହି ହବି ସବୁଠୁ ବେଶି କାମରେ ଆସିଥାଏ । କାରଣ ଏହାକୁ କରିବା ଦ୍ୱାରା ଯେଉଁ କାରଣରୁ ମନ ଭାରାକ୍ରାନ୍ତ ଥାଏ ସେଥିରୁ ଧ୍ୟାନ ଦୂରେଇ ଯାଇଥାଏ । ଫଳରେ ଏହି ହବି ମନକୁ ସ୍ଥିର ଏବଂ ସକାରାତ୍ମକ ରଖିବାରେ ବେଶ୍ ସାହାଯ୍ୟ କରିଥାଏ, ଯାହାକି ଅପରପକ୍ଷେ ମାନସିକ ଶାନ୍ତି ଦେବା ସହ ଷ୍ଟ୍ରେସ୍ ଫ୍ରି ମଧ୍ୟ ରଖିଥାଏ ।

**ମୁଡ୍ ଫ୍ରେଶ୍ ରଖେ ଟ୍ରାଭେଲିଂ:** କେବେକେବେ କାର୍ଯ୍ୟବ୍ୟସ୍ତତା କିମ୍ବା ଅନ୍ୟ କାରଣରୁ ଯୁବପିଢି ଟେନ୍‌ଶନ୍‌ର ଶିକାର ହୁଅନ୍ତି । ଏମିତିରେ କିଛି ସମୟ ବାହାରେ ବୁଲାବୁଲି କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଯାଏ । ଚିକିତ୍ସା ବିଜ୍ଞାନରେ ଏହାକୁ ମଧ୍ୟ ଏକ ଥେରାପି ଭଳି ବ୍ୟବହାର କରାଯାଇଥାଏ । ତେଣୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କିଛି ସମୟ ବାହାର କରି ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଆନ୍ତୁ ଦେଖିବେ ଟେନ୍‌ଶନ୍ ଫ୍ରି ରହିବେ ।

**ଟେନ୍‌ଶନ୍ ଫ୍ରି ରଖିବ ଯୋଗ:** ଟେନ୍‌ଶନ୍ କିମ୍ବା ଅବସାଦରେ ଥିଲେ ଏହାକୁ ଦୂର କରିବା ଲାଗି ସବୁଠୁ ଭଲ ଉପାୟ ହେଉଛି ଯୋଗ ଏବଂ ବ୍ୟାୟାମ । ତେଣୁ ଯେତେ କାମ ଥାଉନା କାହିଁକି କିଛି ସମୟ ନିଜ ପାଇଁ ବାହାର କରନ୍ତୁ । ଆଉ ଏହି ସମୟରେ ୱାକିଂ, ଏକ୍ସରସାଇଜ୍, ଯୋଗ, ପ୍ରାଣାୟାମ ଆଦି କରନ୍ତୁ । ଦେଖିବେ ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ । ମାନସିକ ସ୍ଥିରତା ଓ ଟେନ୍‌ଶନ୍ ଫ୍ରି ହେବା ଲାଗି ସକାଳୁ ଉଠି ଧ୍ୟାନ କରିବା ବେଶ୍ ଲାଭଦାୟକ ।





## ଯୁବ ପ୍ରତିଭା

# ଚିତ୍ରକଳା ହେଉଛି ସମାଜ ପାଇଁ ଦର୍ପଣ ସଦୃଶ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ସଂସାରଫଳ ଗ୍ରାମର ମା' ସରୋଜିନୀ ଏବଂ ବାପା ଶ୍ରୀଧର ଦାସଙ୍କ ବଡ଼ ପୁଅ ଶ୍ରୀକାନ୍ତ ଦାସ । ନିଜ ରାଜ୍ୟ ବ୍ୟତୀତ ଦିଲ୍ଲୀ, ଆସାମ, ମେଘାଳୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଜଣେ ଚିତ୍ରଶିଳ୍ପୀ ଭାବେ ସେ ନିଜର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇ ପାରିଛନ୍ତି ।

ପିଲାଟି ଦିନରୁ ଗାଁ, ପୋଖରୀ, ବିଲ ବାଡି, ଧାନ କ୍ଷେତ, ଗଛଲତା, ଦିଗନ୍ତବିସ୍ତାରୀ ନୀଳ ଆକାଶରେ ଉଡିଯାଉଥିବା ରଙ୍ଗ ବେରଙ୍ଗ ପକ୍ଷୀଙ୍କ ଦୃଶ୍ୟ ତାଙ୍କୁ ଆନମନା କରୁଥିଲା । ଏହାକୁ ସେ କାଗଜରେ ଆଙ୍କିବାକୁ ଚେଷ୍ଟା କରଥିଲେ, ଆଉ ଭବିଷ୍ୟତରେ ଜଣେ ଚିତ୍ରକର ହେବାକୁ ସ୍ୱପ୍ନ ଦେଖୁଥିଲେ । କଳା ପ୍ରତି ଆଗ୍ରହ ଥିବାରୁ ସେ ମାଟ୍ରିକ ପଢ଼ିବା ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଭୂତି କାନୁନ୍‌ଗୋ ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟରେ ସ୍ନାତକ ପଢ଼ା ସମାପ୍ତ କଲେ । ସେବେଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ପିଲାବେଳୁ ଜଣେ ଚିତ୍ରଶିଳ୍ପୀ ହେବା ସ୍ୱପ୍ନ ତାଙ୍କର ଏବେ ସାକାର ହୋଇଛି । ସେ ବିଭିନ୍ନ ସ୍ଥାନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି । ବର୍ତ୍ତମାନ ସେ ସ୍କୁଲ୍, କଲେଜ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ସୁରଭି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଉଛନ୍ତି । ବିଶ୍ୱ ପ୍ରସିଦ୍ଧ କୁମ୍ଭୀର ଅଭୟାରଣ୍ୟ ଭିତରକନିକା ଏବଂ ଗହୀରମଥାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେଇଥିଲେ । ଭିତରକନିକାର ହେନ୍ତାଳ ବଣ, ଏଠାରେ ଥିବା ଆର୍ଦ୍ରଭୂମିକୁ ଆସୁଥିବା ବିଦେଶାଗତ ରଙ୍ଗ ବେରଙ୍ଗ ପକ୍ଷୀ, ବିଶ୍ୱର ସର୍ବବୃହତ୍ତମ ବଉଳାକୁମ୍ଭୀର ସହାବସ୍ଥାନ, ଗହୀରମଥାକୁ ଆସୁଥିବା ଅଲିଭ ରିଡ୍‌ଲେ କଇଁଛଙ୍କ ଜୀନଶୈଳୀ ଉପରେ ନିଜ ରଙ୍ଗ ତୂଳୀରେ ଚିତ୍ର ଆଙ୍କି ରାଜନଗର ବନବିଭାଗ ପକ୍ଷରୁ ପୁରସ୍କୃତ ହୋଇଛନ୍ତି । ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଜାତୀୟସ୍ତରୀୟ ଆର୍ଦ୍ରଭୂମି ଦିବସ ପାଳନ ଅବସରରେ ଶ୍ରୀକାନ୍ତଙ୍କର କଳାକୃତିକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ ଡ. ଅନୁ ମଲ୍ଲିକ ତାଙ୍କୁ ପୁରସ୍କୃତ କରିଥିଲେ । ଏହା ବ୍ୟତୀତ ତାଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୦୭ରେ ରାଜ୍ୟ ପୁରସ୍କାର, ୨୦୧୪ରେ ଆସାମ ଓ ମେଘାଳୟ ସରକାରଙ୍କ ପକ୍ଷରୁ ଜାତୀୟ ପୁରସ୍କାର ସହିତ ଅନେକ ପୁରସ୍କାର ମିଳିଛି । ଶ୍ରୀକାନ୍ତ କୁହନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ଦାରୁବ୍ରହ୍ମଙ୍କ ଚିତ୍ର ଆଙ୍କି ପୁରସ୍କୃତ ହେବା ମୋ ପାଇଁ ସୌଭାଗ୍ୟର କଥା । ମୋ ମତରେ ଚିତ୍ରକଳା ହେଉଛି ସମାଜ ପାଇଁ ଦର୍ପଣ ସଦୃଶ । ଏହାକୁ ନେଇ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ସହଜ । ତେଣୁ ଆଗାମୀ ଯୁବପିଢ଼ି ଏଥିପାଇଁ ଆଗଭର ହେବା ଉଚିତ ।

**– ଭାସ୍କର ରାଉତରାୟ**





# ଆଗାମୀ ଆଶା

## ଏ ସପ୍ତାହର ପ୍ରଶ୍ନ ?

୧– ହସ୍ତିନାପୁର ୱାଇଲ୍ଡଲାଇଫ୍ ସାଙ୍କ୍‌ଚୁଆରି ............ ରାଜ୍ୟରେ ଅବସ୍ଥିତ ?
୨– ଦି ମଡେଲ୍ ୟୁଥ୍ ଗ୍ରାମ ସଭା ........... ମନ୍ତ୍ରଣାଳୟଗୁଡିକର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି ?
୩– ଆଭାର ଅନ୍‌ଲାଇନ୍ ଷ୍ଟୋର ...... ପ୍ଲାଟ୍‌ଫର୍ମରେ ଶୁଭାରମ୍ଭ କରାଯାଇଛି ?
୪– ସ୍କ୍ରବ୍ ଟାଇଫସ୍ ରୋଗ ........... ବ୍ୟାକ୍ଟେରିଆ ଯୋଗୁ ହୋଇଥାଏ ?
୫– ହିଣ୍ଡନ୍ ନଦୀ ............. ନଦୀର ଉପନଦୀ ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଇଟାଲୀ
୩ ସାଉଥ୍ କୋରିଆ
୪ ଅକ୍ଟୋବର ୩୧
୫ ଅରୁଣାଚଳ ପ୍ରଦେଶ

## ଉତ୍ତରଦାତା


କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର


ପ୍ରଭଞ୍ଜନ ପଲାଇ, କଟକ


ଶିବାଶିଷ ବେହେରା, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ସୁନ୍ଦରୀ ଅଭିନେତ୍ରୀ –୨୦୨୫



୧ . ମାର୍ଗଟ୍ ରବୀ........................ ଅଷ୍ଟ୍ରେଲିଆ
୨. ଶାଇଲିନ୍ ଉଡ୍‌ଲୀ........................ ଆମେରିକା
୩. ଦିଲ୍‌ରାବା ଦିଲ୍‌ମୁରାତ୍ ........................ ଚାଇନା
୪. ନ୍ୟାନ୍ସୀ ମ୍ୟାକ୍‌ଡୋନୀ........................ ସାଉଥ୍ କୋରିଆ
୫. କ୍ରୀତି ସାନନ୍ ........................ ଭାରତ
୬. ହାନିଆ ଆମିର ........................ ପାକିସ୍ତାନ
୭. ଜୁଲିଆ ବଟର୍ସ ........................ ଆମେରିକା
୮. ମ୍ୟାକିନ୍ନା ଗ୍ରେସ୍ ........................ ଆମେରିକା
୯. କ୍ଲୋଇ ଗ୍ରେସ୍ ମୋରେଜ୍ ........................ ଆମେରିକା
୧୦. ଆରିଏଲ୍ ୱିଣ୍ଟର ........................ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ । ଇ-ମେଲ୍ ଠିକଣା: dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ସାବୁନ୍‌ର ଇତିହାସ

**ହାତ ଧୋଇବାଠୁ ଆରମ୍ଭ କରି ଗାଧୋଇବା, ଲୁଗା ଓ ବାସନ ସଫା କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ପ୍ରକାରର ସାବୁନ୍‌ର ବ୍ୟବହାର କରାଯାଇଥାଏ । ହେଲେ କେବେ ଭାବିଛନ୍ତି ଏହି ସାବୁନ୍ ସର୍ବ ପ୍ରଥମେ କେବେ ଏବଂ କ'ଣ ପାଇଁ ତିଆରି ହୋଇଥିଲା । ଜାଣନ୍ତୁ ସାବୁନ୍‌ର ଇତିହାସ...**

❖ସର୍ବପ୍ରଥମେ ଖ୍ରୀଷ୍ଟପୂର୍ବ ୨୮୦୦ରେ ବେବିଲୋନୀୟନମାନେ କାଠର ପାଉଁଶ ଏବଂ ପଶୁଙ୍କ ଚର୍ବିକୁ ମିଶାଇ ଏହାକୁ ସିଝାଇବା ପରେ ସାବୁନ୍ ପ୍ରସ୍ତୁତ କରିଥିଲେ । ଏହାକୁ ମୁଖ୍ୟତଃ ଲୁଗାସଫା କରିବା ଲାଗି ବ୍ୟବହାର କରାଯାଉଥିଲା । ତେଣୁ ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରୀଗୁଡିକରେ ଏହାକୁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା ।

❖ଖ୍ରୀଷ୍ଟପୂର୍ବ ୧୫୫୦ରେ ମିଶରୀୟମାନେ ଆନିମଲ୍ ଏବଂ ଭେଜିଟେବଲ୍ ଅଏଲ୍‌କୁ ଆଲ୍‌କାଲାଇନ୍ ସଲ୍ଟ ସହ ମିଶାଇ ଆଲର୍ଜି ଭଳି ତ୍ୱଚା ସମ୍ବନ୍ଧିତ ସମସ୍ୟା ଦୂର କରିବା ଲାଗି ସାବୁନ୍ ପ୍ରସ୍ତୁତ କରିଥିଲେ ।

❖ସେହିପରି ଖ୍ରୀଷ୍ଟପୂର୍ବ ୬୦୦ରେ ଫୋଏନିସିଆନ୍‌ମାନେ ଉଦ୍ଭିଦର ପାଉଁଶ ଏବଂ ପ୍ରାଣୀର ଚର୍ବିକୁ ମିଶାଇ ସାବୁନ୍ ପ୍ରସ୍ତୁତ କରୁଥିଲେ ଯାହାକୁ ସାଇପୋ ବୋଲି କହୁଥିଲେ । ସେହି ଶବ୍ଦରୁ ଏହାର ନାମ ସୋପ୍ ଉଦ୍ଭୃତ ହୋଇଛି ।

❖କୁହାଯାଏ ରୋମାନ ସଭ୍ୟତା ସମୟରେ ରୋମାନ ଚିକିତ୍ସକ ଗ୍ୟାଲେନ୍ ୨ୟ ଶତାବ୍ଦୀରେ ବ୍ୟକ୍ତିଗତ ସ୍ୱଚ୍ଛତା ପାଇଁ ବିଶେଷ କରି ପ୍ଲେଗ୍ ଭଳି ରୋଗରୁ ସୁରକ୍ଷା ପାଇଁ ସାବୁନ ବ୍ୟବହାର ଆରମ୍ଭ କରିଥିଲେ । ୧୮ ଏବଂ ୧୯ ଶତାବ୍ଦୀ ବେଳକୁ ୟୁରୋପର ଇସ୍‌ଲାମ୍ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ସାବୁନ ବ୍ୟବହାର ବହୁମାତ୍ରାରେ ବୃଦ୍ଧିପାଇଲା, ଏମିତିକି ଅନେକ ସାବୁନ୍ ପ୍ରସ୍ତୁତି କାରଖାନା ମଧ୍ୟ ଖୋଲିଗଲା ।

❖ପରେ ଲିଭର ବ୍ରଦର୍ସର ସନ୍‌ଲାଇଟ୍ ସୋପ୍ ଭଳି ବ୍ରାଣ୍ଡ ଆରମ୍ଭ ହେବା ପରେ ସାବୁନ ବ୍ୟବହାର ଘରେ ଘରେ ବଢିବାରେ ଲାଗିଲା ।

❖୨୦ ଶତାବ୍ଦୀରେ ସିନ୍ଥେଟିକ୍ ଡିଟରଜେଣ୍ଟ ଉଦ୍ଭାବନ ପରେ ଏହା ପାରମ୍ପରିକ ସାବୁନ୍ ଅପେକ୍ଷା ସହଜରେ ଏବଂ କମ୍ ଖର୍ଚ୍ଚରେ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ହୋଇପାରିଲା ।

❖କ୍ରମଶଃ ସାବୁନ୍ ପ୍ରସ୍ତୁତିରେ ପରିବର୍ତ୍ତନ ଆସିଲା । ଏହାକୁ ଟ୍ୟାଲୋ ଭଳି ଆନିମଲ୍ ଫ୍ୟାଟ୍ କିମ୍ବା ଅଲିଭ୍ ଅଏଲ୍, କୋକୋନଟ୍ ଅଏଲ୍ ଭଳି ପ୍ଲାଣ୍ଟ ବେସ୍‌ଡ ଅଏଲ୍ ସହ ସୋଡିଅମ୍ ହାଇଡ୍ରୋକ୍ସାଇଡ୍ ଭଳି ଆଲ୍‌କାଲି ମିଶାଇ ପ୍ରସ୍ତୁତ କରାଗଲା ।

❖୧୮୯୮ରେ ଜନ୍ ପି. ମର୍ଫିଙ୍କ କମ୍ପାନୀ ପକ୍ଷରୁ ପ୍ରଥମ ଥର ପାଇଁ ଲିକ୍ୱିଡ୍ ସୋପ୍ ପ୍ରସ୍ତୁତ କରାଯାଇଥିଲା । ହେଲେ ୧୯୩୦ ପରେ ଏହା ଅଧିକ ମାତ୍ରାରେ ବ୍ୟବହାର କରାଗଲା ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ